R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୪
ତିଥି : ଦ୍ୱିତୀୟା
୦୧ ମେ' ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 204
01 May 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### 'ସମୟ'ର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ସମୟ କାର୍ଯ୍ୟାଳୟ ମେ' ପହିଲା ଗୁରୁବାର ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ମେ' ୩ ତାରିଖ ଶନିବାର ପ୍ରକାଶ ପାଇବ ।

**ନିର୍ଦ୍ଦେଶିକା**

# ପ୍ରଧାନମନ୍ତ୍ରୀଙ୍କ ଘନ ଘନ ବୈଠକ

ନୂଆଦିଲ୍ଲୀ, ୩୦।୪ : ପହଲଗାମ୍ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଘନ ଘନ ବୈଠକ କରୁଛନ୍ତି । ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଥମ ବୈଠକରେ ପାକିସ୍ତାନ ବିରୋଧରେ କେତେକ ପଦକ୍ଷେପ ନିଆଯିବା ସହ ସିନ୍ଧୁ ଚୁକ୍ତିକୁ ବାତିଲ କରାଯାଇଥିଲା । ସିସିଏସ୍ ବୈଠକ ପରେ ରାଜନୈତିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟିର ବୈଠକ ହୋଇଥିଲା । ବୈଠକରେ ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରସଙ୍ଗରେ କଂଗ୍ରେସ ଯେଉଁ ସଂସଦର ସ୍ୱତନ୍ତ୍ର ଅଧିବେଶନ (୯ ପୃଷ୍ଠାରେ)

## ମୋଦିଙ୍କୁ ଭେଟିଲେ ସ୍ଥଳ ସେନା ମୁଖ୍ୟ



## ମୋଦିଙ୍କ ଋଷ୍ ଗସ୍ତ ବାତିଲ୍

ନୂଆଦିଲ୍ଲୀ, ୩୦।୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୯ ତାରିଖରେ ଥିବା ତାଙ୍କ ଋଷ୍ ଗସ୍ତକୁ ବାତିଲ କରିଛନ୍ତି । ଋଷ୍ ପକ୍ଷରୁ ସରକାରୀ ଭାବେ ବିଜୟ ଦିବସ ପ୍ୟାରେଡ୍‌ରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଥିଲା । ଏହା ୯ ତାରିଖରେ ଅନୁଷ୍ଠିତ ହେବ । ତେବେ ପ୍ରଧାନମନ୍ତ୍ରୀ ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନ ସହ ଦେଖାଦେଇଥିବା (୯ ପୃଷ୍ଠାରେ)

## ପାକିସ୍ତାନକୁ ଭାରତର ଚେତାବନୀ

ନୂଆଦିଲ୍ଲୀ, ୩୦।୪ : ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପାକିସ୍ତାନ ପକ୍ଷରୁ ବାରମ୍ବାର ଅସ୍ତ୍ର ବିରତି ଉଲ୍ଲଘଂନ ଘଟଣାକୁ ନେଇ ଭାରତ ପକ୍ଷରୁ ଚେତାବନୀ ଦିଆଯାଇଛି । ଭାରତ ଓ ପାକିସ୍ତାନର ସାମରିକ ଅପରେସନ୍‌ର ମହାନିର୍ଦ୍ଦେଶକ (ଡିଜିଏମ୍‌ଓ) ହଟ୍‌ଲାଇନ୍‌ରେ ଏ ସମ୍ପର୍କରେ କଥା ହୋଇଛନ୍ତି । ଗତ ୨୨ ତାରିଖରେ ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଓ ପାକ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଉଭୟ ଦେଶର ଡିଜିଏମ୍‌ଓ ଯୁଦ୍ଧ ବିରତି ଚୁକ୍ତି ଉଲ୍ଲଘଂନ ନେଇ ହଟ୍ ଲାଇନ୍‌ରେ ଆଲୋଚନା କରିଛନ୍ତି ।

### ଏଲ୍‌ଓସିରେ ଅସ୍ତ୍ରବିରତି ଉଲ୍ଲଘଂନ ପ୍ରସଙ୍ଗ

ପ୍ରତିରକ୍ଷା ବିଭାଗର ଏକ ସୂତ୍ରରୁ ଜଣାପଡିଛି ଯେ ଭାରତ ପକ୍ଷରୁ ପାକ୍‌କୁ ସିଧା ଚେତାବନୀ ଦିଆଯାଇଛି । ଗତକାଲି ସକାଳ ସୁଦ୍ଧା ପାକିସ୍ତାନ ଏଲ୍‌ଓସିରେ ଅସ୍ତ୍ରବିରତି ଉଲ୍ଲଘଂନ କରିଥିଲା । ଗତକାଲି ରାତିରେ ମଧ୍ୟ ପରଗ୍ୱାଲ ସେକ୍ଟରର ଆନ୍ତର୍ଜାତୀୟ ସୀମା ନିକଟରେ ପାକିସ୍ତାନୀ ସେନା ଗୁଳିଗୋଳା ବର୍ଷଣ କରିଥିଲା । ପାକିସ୍ତାନ ସେନା ପକ୍ଷରୁ ମଧ୍ୟ ଭାରତର ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟ ପ୍ରସ୍ତୁତି ଚାଲିଛି । ଉଭୟେ ସେନା ଓ ନୌସେନାକୁ ଆଲର୍ଟ କରାଯାଇଛି । ସେହିଭଳି ପାକିସ୍ତାନ ବାୟୁସେନା ପ୍ରାୟ ୫୦% ବିମାନ ଚଳାଚଳକୁ ବାତିଲ କରିସାରିଛି । (୯ ପୃଷ୍ଠାରେ)

# ଜାତି ଜନଗଣନା କରିବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୩୦।୪ : ଆଗାମୀ ଜନଗଣନାରେ ଜାତି ଆଧାରରେ ଜନଗଣନା କରାଯିବ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜନୈତିକ ବ୍ୟାପାର କମିଟି ସଂକ୍ରାନ୍ତିୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆଗକୁ ଯେଉଁ ଜନଗଣନା ହେବ ଏଥିରେ ଜାତି ସମ୍ପର୍କରେ ଉଲ୍ଲେଖ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହା ସମାଜରେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଲୋକଙ୍କୁ ସଶକ୍ତ କରିବ ଓ ଦେଶ ଆଗକୁ ଯିବ । ଜନଗଣନା କାର୍ଯ୍ୟ ଏପ୍ରିଲ ୨୦୨୦ରେ ଆରମ୍ଭ ହୋଇଥିଲା । ମାତ୍ର କୋଭିଡ ମହାମାରୀ ଯୋଗୁ ଏଥିରେ ବିଳମ୍ବ ହୋଇଥିଲା । ନିୟମ ଅନୁଯାୟୀ

### ସ୍ୱାଗତ କଲା କଂଗ୍ରେସ

ପ୍ରତି ୧୦ ବର୍ଷରେ ଥରେ ଜନଗଣନା କରାଯାଇଥାଏ । ୨୦୨୧ରେ ଜନଗଣନା ହେବାକଥା । କଂଗ୍ରେସକୁ ଟାର୍ଗେଟ କରି ମନ୍ତ୍ରୀ କହିଥିଲେ ଯେ କଂଗ୍ରେସ ସବୁବେଳେ ଜାତିଗତ ଜନଗଣନାକୁ ବିରୋଧ କରିଛି । ଇଣ୍ଡିଆ ମେଣ୍ଟରରେ ଥିବା ଅଧିକାଂଶ ଦଳ ମଧ୍ୟ ଏହାକୁ ବିରୋଧ କରନ୍ତି । ମାତ୍ର ରାଜନୈତିକ ଫାଇଦା ପାଇଁ ଏବେ ସେମାନେ ଜାତିଭିତ୍ତିକ ଜନଗଣନା କଥା ଉଲ୍ଲେଖ କରିଛନ୍ତି । ୨୦୧୦ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ସଂସଦରେ କହିଥିଲେ ଯେ ଜାତି ଜନଗଣନା କ୍ୟାବିନେଟ୍‌ର ବିଚାରାଧୀନ ଅଛି । ଏହି ପ୍ରସଙ୍ଗରେ ଏକ ମନ୍ତ୍ରିସ୍ତରୀୟ କମିଟି ଗଠନ ହୋଇଛି । ତେବେ ଅଧିକାଂଶ ରାଜନୈତିକ ଦଳ ଜାତିଗତ ଜନଗଣନା ସପକ୍ଷରେ ଥିଲେ ମଧ୍ୟ କଂଗ୍ରେସ ସରକାର (୯ ପୃଷ୍ଠାରେ)

## ଆଇସିଏସଇ ଦଶମ ଓ ଦ୍ୱାଦଶ ରେଜଲ୍ଟ ପ୍ରକାଶ

ଭୁବନେଶ୍ୱର, ୩୦।୪ (ସବ୍ୟୁ): ଆଇସିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି । ଭାରତୀୟ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଷଦ (ସିଆଇଏସସିଇ) ଅଧୀନରେ ଆଇସିଏସଇ ଦଶମ ଶ୍ରେଣୀ ଏବଂ ଆଇଏସସି ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ଘୋଷଣା କରିଛି ।

ବୋର୍ଡ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଉଭୟ ଶ୍ରେଣୀର ଫଳାଫଳ ପ୍ରକାଶ କରାଯାଇଛି । ଦଶମରେ ପାସ୍ ହାର ରହିଛି ୯୯.୦୯ ପ୍ରତିଶତ । ସେହିପରି ଦ୍ୱାଦଶରେ ପାସ୍ (୯ ପୃଷ୍ଠାରେ)

# ୫୧ ଲକ୍ଷ ଚାଷୀ ପାଇଲେ ୧୦୨୫ କୋଟି ସିଏମ୍ କିଷାନ ସହାୟତା

ଭୁବନେଶ୍ୱର, ୩୦।୪ (ସବ୍ୟୁ) : ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ



ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, (୯ ପୃଷ୍ଠାରେ)

DADLS-19



ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।


(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0622/2526

# ଶ୍ରମିକ ଦିବସ



ଶ୍ରମିକମାନେ ହେ।ନ୍ତି ଆମ ଦେଶ ମୂଳଦୁଆ। ଏମାନେ ସର୍ବଦା ଅକ୍ଲାନ୍ତ ପରିଶ୍ରମ କରି ଦେଶ ମାତୃକାର ଓଠରେ ହସ ଫୁଟାନ୍ତି। ୧୮୬୬ ମସିହା ମେ'୧ ତାରିଖ ଆମେରିକାର ଚିକାଗୋ ସହର ହେ' ମାର୍କେଟରେ ଅନେକ ଦିନ ଧରି ମଜୁରିଆ ଅସହ୍ୟ ନିର୍ଯ୍ୟାତନା ଭୋଗ କରୁଥିଲେ । ଏପରି ଘଡିସନ୍ଧି ମୁହୂର୍ତ୍ତରେ ସେମାନେ ଦୃଢ ବିଶ୍ୱାସୀ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଏକତ୍ରିତ ହେଲେ । ଏପରି ମାନସିକ ନିର୍ଯ୍ୟାତନାରୁ ବର୍ତ୍ତିବା ପାଇଁ ସେମାନେ ଅଣ୍ଟା ଭିଡି ଆଗକୁ ବାହାରିଲେ । ସେହି ଦିନ ଠାରୁ ସୂତ୍ରପାତ ଆଜିର ମଇ ଦିବସ ବା ଶ୍ରମିକ ଦିବସ। ପ୍ରତ୍ୟେକ ଭାରତୀୟ ଓ ବିଶ୍ୱବାସୀଙ୍କ ହୃଦବୋଧ ହେଲା ଯେ, ଶ୍ରମିକ ମାନେ ଏ ଜାତିର କର୍ଣ୍ଣଧାର । ତା'ପରେ ବିଶ୍ୱ ଶ୍ରମିକ ଆନ୍ଦୋଳନ ସୂତ୍ରପାତ ଚାରିଆଡେ ଦେଖାଗଲା । ୧୯୦୧ରେ ଅନ୍ତଃରାଷ୍ଟ୍ରୀୟ ଶ୍ରମିକ ମହାସଂଘ ଗଠନ କରାଗଲା। ଯାହା ହଲାଣ୍ଡରେ ଅବସ୍ଥିତ । ଏହି ସଂଘର ମୁଖ୍ୟ ଲକ୍ଷ୍ୟ ଥିଲା ଶ୍ରମିକ ମାନଙ୍କ ସୁରକ୍ଷା ଓ ସମାଜରେ ସୁସ୍ଥ ମଣିଷଟିଏ ହୋଇ ବଞ୍ଚିବାର ଅଧିକାର । ସାରା ବିଶ୍ୱର ଶ୍ରମିକମାନେ ଯେତେବେଳେ ଏକଜୁଟ ହୋଇଗଲେ ସେତେବେଳେ ଅତ୍ୟାଚାରୀ ଲୋକମାନଙ୍କ ପ୍ରାଦୁର୍ଭାବ ଲୋପ ପାଇଲା । ସେବେଠାରୁ ମେ ୧ ତାରିଖରେ ସମଗ୍ର ବିଶ୍ୱବାସୀ ଶ୍ରମିକ ଦିବସ ପାଳନ କରିବାକୁ ପ୍ରତିବଦ୍ଧ ହେଲେ। ଶ୍ରମିକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁଭଳି ଭାବରେ ଦିନ ରାତି କାମ କରନ୍ତି, ସେମାନଙ୍କ ସମ୍ମାନରେ ଏ ଦିନଟି ଉତ୍ସର୍ଗୀକୃତ କରାଗଲା । ଏହି ଦିନ ଶ୍ରମିକଙ୍କ ଅନିଶ୍ଚିତ କାମ କରିବା ସମୟକୁ ୮ ଘଣ୍ଟା ରଖାଯାଇଥିଲା। ୧୮୭୭ ମସିହାରେ ଶ୍ରମିକମାନେ ନିଜ କାମ କରିବାର ସମୟସୀମା ନିର୍ଧାରଣ କରିବା ପାଇଁ ଏକ ଆନ୍ଦୋଳନ କରିଥିଲେ । ୧୮୮୬ ମସିହା ମେ ୧ ତାରିଖରେ ଆମେରିକାର ଲକ୍ଷ ଲକ୍ଷ ଶ୍ରମିକ ଏକଜୁଟ ହୋଇ ଆନ୍ଦୋଳନ କରିଥିଲେ । ପାଖାପାଖି ୧୧ ହଜାର କାରଖାନାର ୩ ଲକ୍ଷ ୮୦ ହଜାର ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହି ଆନ୍ଦୋଳନ ପରେ ୧୮୮୯ ମସିହାରେ ପ୍ୟାରିସରେ ଆୟୋଜିତ ହୋଇଥିବା ଅନ୍ତରାଷ୍ଟ୍ରୀୟ ମହାସଭାର ଦ୍ୱିତୀୟ ବୈଠକରେ ଫ୍ରେଞ୍ଚ କ୍ରାନ୍ତିକୁ ନଜରରେ ରଖି ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରାଯିବ ପ୍ରସ୍ତାବକୁ ସ୍ୱୀକାର କରାଯାଇଥିଲା । ଏହି ପ୍ରସ୍ତାବ ପାରିତ ହେବାପରେ ଆମେରିକାରେ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାମ କରିବା ନିୟମ ପ୍ରଚଳନ ହୋଇଥିଲା । ଏହାପରେ ସାରା ଦୁନିଆରେ ମେ ୧ ତାରିଖକୁ ଶ୍ରମିକ ଦିବସ ରୂପେ ପାଳନ କରିବା ଆରମ୍ଭ ହୋଇଥିଲା। ଭାରତରେ ପ୍ରଥମେ ୧୯୨୩ ମସିହା ମେ ୧ ତାରିଖରେ ଚେନ୍ନାଇରେ ଶ୍ରମିକ ଦିବସ ପାଳନ କରାଯାଇଥିଲା । ଭାରତର ଲେବର କିଷାନ ପାର୍ଟି ଅଫ ହିନ୍ଦୁସ୍ତାନ ୧୯୨୩ ମସିହା ମେ ୧ ତାରିଖକୁ ମାଡ୍ରାସରେ ଶ୍ରମିକ ଦିବସ ପାଳନ କରିବା ଆରମ୍ଭ ହୋଇଥିଲା । ଆମେରିକାର ମଜଦୁର ୟୁନିୟନ ଶ୍ରମିକଙ୍କ କାମ କରିବାର ସମୟ ୮ ଘଣ୍ଟାରୁ ଅଧିକ ନକରିବା ପାଇଁ ଅନ୍ଦୋଳନକୁ ଓହ୍ଲାଇଥିଲା। ୟୁନିୟନର ସଦସ୍ୟ ବଡ଼ ଧରଣର ହରତାଳ କରିଥିଲେ । ଏହି ସମୟରେ ଚିକାଗୋର ହେମାର୍କେଟରେ ବୋମା ବିସ୍ଫୋରଣ ହୋଇଥିଲା । ଆନ୍ଦୋଳନକୁ ରୋକିବା ପାଇଁ ପୋଲିସର କାର୍ଯ୍ୟାନୁଷ୍ଠାନରେ ବହୁ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ତେଣୁ ଏହି ଆନ୍ଦୋଳନରେ ଶହୀଦ ହୋଇଥିବା ଶ୍ରମିକଙ୍କୁ ମନେରଖିବା ପାଇଁ ପ୍ରଥମ ଥର ପାଇଁ ଶ୍ରମିକ ଦିବସ ପାଳନ କରାଗଲା । ବର୍ତ୍ତମାନ ଭାରତ ସମେତ ବିଶ୍ୱର ୮୦ରୁ ଅଧିକ ଦେଶ ଶ୍ରମିକ ଦିବସ ପାଳନ କରୁଛନ୍ତି। ସାରାଭାରତରେ ଏହି ଦିନକୁ ଛୁଟିଦିନ ଭାବେ ଘୋଷଣା କରାଯାଇଛି ।



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ମୋ-୯୯୩୮୯୦୬୦୭୦**

## ଇତିହାସ

୧୮୮୬– ଆମେରିକାର ସିକାଗୋରେ ଆଠ ଘଣ୍ଟା କାମ କରିବା ପାଇଁ ଶ୍ରମିକଙ୍କ ଅନଶନ ।

୧୯୦୮– ପ୍ରଫୁଲ୍ଲ ଚାକୀ ମୁଜାଫରନଗର ବୋମା ବିସ୍ଫୋରଣ ଘଟାଇବା ପରେ ନିଜକୁ ଗୁଳି କରି ହତ୍ୟା କରିଥିଲେ ।

୧୯୨୩– ଭାରତରେ ଶ୍ରମିକ ଦିବସ ପାଳନର ଆରମ୍ଭ ।

୧୯୫୬– ପୋଲିଓ ଟିକା ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଥିଲା ।

୨୦୦୯– ସ୍ୱିଡେନ୍‌ରେ ସମଲିଙ୍ଗୀ ବିବାହକୁ ମଞ୍ଜୁରୀ ।

୨୦୧୧– ଆମେରିକା ଉପରେ ୨୦୦୧ରେ ହୋଇଥିବା ଆକ୍ରମଣର ମାଷ୍ଟର ମାଇଣ୍ଡ ଓସାମା ବିନ୍ ଲାଦେନଙ୍କର ପାକିସ୍ତାନରେ ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା ।

## ମାତ୍ର ୨ ମିନିଟ୍ ପାଇଁ ଧନୀ

ଦୁନିଆରେ ସମସ୍ତେ ଚାହାନ୍ତି ଧନୀ ହେବାପାଇଁ । ବେଳେବେଳେ କିଛି ଲୋକ ଲଟ୍ରି ଜିତିବା ଫଳରେ ଧନୀହେବାର ଦେଖିବାକୁ ମିଳେ । ହେଲେ ୨୦୧୩ରେ ଏଭଳି ଏକ ଘଟଣା ଘଟିଥିଲା ଯାହା ଆଜି ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଜଣେ ବ୍ୟକ୍ତି ମାତ୍ର ୨ ମିନିଟ୍ ପାଇଁ ବିଶ୍ୱର ଧନୀ ବ୍ୟକ୍ତିଭାବେ ପରିଚୟ ହାସଲ କରିଥିଲେ । ହେଲେ ଏହି ପରିଚୟ ମାତ୍ର ୨ ମିନିଟ୍ ପାଇଁ ରହିଥିଲା । ସୂଚନା ଅନୁସାରେ ୨୦୧୩ରେ ଜଣେ ଆମେରିକୀୟ ବ୍ୟକ୍ତି ପେ ପଲ୍ ଆପ୍‌ରେ ଲଗଇନ୍ କରିଥିଲେ । ହେଲେ ଏହି ସମୟରେ ତାଙ୍କ ଆକାଉଣ୍ଟର ବାଲାନ୍ସ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କ ଆକାଉଣ୍ଟରେ ୭୦ ହଜାର କୋଟିରୁ ଅଧିକ ଅର୍ଥ ରହିଥିଲା, ଯାହା ତାଙ୍କୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି କରିଥିଲା । ହେଲେ ଏହା କେବଳ ଦୁଇ ମିନିଟ୍ ପାଇଁ ରହିଥିଲା, କାରଣ କମ୍ପାନୀ ପେ ପଲ୍ ନିଜର ଭୁଲ ଜାଣିବା ପରେ ଏହି ଅର୍ଥ ଫେରାଇ ନେଇଥିଲା । ଯାହାପରେ ବ୍ୟକ୍ତିଜଣଙ୍କ ପୁଣି ଜଣେ ସାଧାରଣ ମଣିଷରେ ପରିବର୍ତ୍ତିତ ହୋଇ ଯାଇଥିଲେ ।




## ବଢ଼ିଲା ନେହାଙ୍କ ଅଡୁଆ




ବଲିଉଡ ସିଙ୍ଗର ନେହା କକର ନିଜର ମେଲବର୍ଣ୍ଣ କନସର୍ଟପାଇଁ କିଛି ଦିନ ହେବ ବିବାଦରେ ରହିଆସୁଛନ୍ତି । ନିକଟରେ ଏହି କନସର୍ଟର ଆୟୋଜକ ନେହାଙ୍କ ଉପରେ ଗୁରୁତର ଆରୋପ ଲଗାଇଛନ୍ତି । ମେକର୍ସଙ୍କ ଅଭିଯୋଗ ଅନୁସାରେ ନେହା ଷ୍ଟାଡିୟମରେ କମ ଦର୍ଶକ ଥିବା ଦେଖି ଷ୍ଟେଜ୍‌କୁ ଆସିନଥିଲେ । ପ୍ରଥମେ ଷ୍ଟାଡିୟମରେ ଆହୁରି ଲୋକ ଭର୍ତ୍ତି କରିବାକୁ ମେକର୍ସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏଥିପାଇଁ ପାଖାପାଖି ଏକ ଘଣ୍ଟା ଧରି ଦର୍ଶକ ତାଙ୍କର ଅପେକ୍ଷା କରିଥିଲେ । ତେବେ ପୂର୍ବରୁ ନେହା ମେକର୍ସଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ କି ସେମାନେ ନେହାଙ୍କ ପାଇଁ କୌଣସି ଆୟୋଜନ କରିନଥିଲେ, ଯାହା ଫଳରେ ସେ ଡେରିରେ ଷ୍ଟେଜକୁ ଗଲେ । ହେଲେ ବର୍ତ୍ତମାନ ମେକର୍ସ ଏହାକୁ ଖଣ୍ଡନ କରିବା ସହିତ ନେହାଙ୍କ ଉପରେ ପାଲଟା ଅଭିଯୋଗ କରିଛନ୍ତି । ତେବେ ମେକର୍ସଙ୍କର ଏହି ଅଭିଯୋଗ ପରେ ସୋସିଆଲ ମିଡିଆରେ ପୁଣି ନେହାଙ୍କୁ ଟ୍ରୋଲ୍ ହେବାକୁ ପଡୁଛି । ଯଦି ମେକର୍ସଙ୍କ ଅଭିଯୋଗ ସତ , ତେବେ ନେହାଙ୍କର ଏଭଳି ବ୍ୟବହାର ଖୁବ ଖରାପ ବୋଲି ତାଙ୍କ ଫ୍ୟାନ୍‌ମାନେ ସୋସିଆଲ ମିଡିଆରେ ମତ ଦେବାରେ ଲାଗିଛନ୍ତି ।

## ବିଲେଇ ସାଜିବାକୁ ଯାଇ ବିପଦରେ



ଅନେକ ସମୟରେ ଝିଅମାନେ କସମେଟିକ୍ ସର୍ଜରୀ ଦ୍ୱାରା ନିଜର ଶରୀରରେ ପରିବର୍ତ୍ତନ କରିଥାଆନ୍ତି । ଏହି ସର୍ଜରୀ ଦ୍ୱାରା ସେମାନେ ନିଜ ମୁହଁ ଓ ଶରୀରର ବିଭିନ୍ନ ଅଙ୍ଗକୁ ମନ ପସନ୍ଦର ରୂପ ଦେଇଥାଆନ୍ତି । ତେବେ ନିକଟରେ ଏଭଳି ଜଣେ ଯୁବତୀଙ୍କ ଘଟଣା ସାମନାକୁ ଆସିଛି, ଯିଏ ନିଜର ମୁହଁକୁ ବିଲେଇ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ଅଷ୍ଟ୍ରେଲିଆର ଜଣେ ୨୯ ବର୍ଷୀୟ କଣ୍ଟେଣ୍ଟ କ୍ରିଏଟର ଏହି ଅର୍ଥ ଖର୍ଚ୍ଚକରି ନିଜର ସର୍ଜରୀ କରାଇଥିଲେ, ହେଲେ ବର୍ତ୍ତମାନ ସେ ଏଥିପାଇଁ ଅବଶୋଷ କରୁଛନ୍ତି । ସେ ବର୍ତ୍ତମାନ ଏହି ସର୍ଜରୀର ପାର୍ଶ୍ୱପ୍ରତିକ୍ରିୟାରେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି । ତେବେ ନିଜର ଏହି ସମସ୍ୟାରୁ ସେ ଉଚିତ୍ ଶିକ୍ଷା ପାଇଛନ୍ତି । ତେଣୁ ସେ ଅନ୍ୟମାନଙ୍କୁ ଏଥିପାଇଁ ସତର୍କ କରାଇଛନ୍ତି । କେବେ ବି ନିଜ ଶରୀରରେ ଅଜବ ଏକ୍ସପେରିମେଣ୍ଟ ନକରିବାକୁ ସେ ୟୁଜର୍ସଙ୍କୁ ସତର୍କ କରାଇଛନ୍ତି ।

### ହାହାଃ..



ଅପରେସନ ପୂର୍ବରୁ ରୋଗୀ ଡାକ୍ତରଙ୍କୁ କହିଲେ
ରୋଗୀ– ଅପରେସନ ଠିକ୍‌ରେ କରିବେ ।
ଡାକ୍ତର – କ'ଣ ହେଲା କି ?
ରୋଗୀ – ବିସର୍ଜନ ଓ ସର୍ଜନ ଭିତରେ ଖୁବ କମ ଫରକ ଅଛି ।
ଡାକ୍ତର – କ'ଣ ଫରକ ?
ରୋଗୀ – ଯଦି ମୁଁ ଭଲ ହୋଇଗଲି ତାହେଲେ ଆପଣ ସର୍ଜନ, ହେଲେ ଯଦି ଆପଣ ଭଲରେ ଅପରେସନ ନ କଲେ ତେବେ ମୋର ବିସର୍ଜନ ହୋଇଯିବ ।

## ସୋସିଆଲ କୋଟ୍ସ



“ ଭୁତନି ଫିଲ୍ମର ସେଟ୍ ମୋତେ ଖୁବ ଭଲ ଲାଗିଲା । ଏହି ଫିଲ୍ମର ସେଟ୍‌ଅପ କଲେଜର ଥିଲା, ଯାହା ମୋତେ ବେଶି ଭଲ ଲାଗିବା ସହିତ ମୁଡକୁ ଫ୍ରେସ ମଧ୍ୟ କରିଥିଲା ।

**ମୌନି ରୟ, ଅଭିନେତ୍ରୀ**



“ ସଞ୍ଜୟ ସାରଙ୍କ ସହିତ ମୋର ଖୁବ ଭଲ ବଣ୍ଡିଂ ରହିଛି । ଏହା ପୂର୍ବରୁ ଏକ କମେଡି ଫିଲ୍ମ ପାଇଁ ଆମେ କଥା ହୋଇଥିଲୁ ହେଲେ ଏହା ଲକ୍‌ଡାଉନ୍ ପାଇଁ ବନ୍ଦ ହୋଇ ଯାଇଥିଲା ।

**ସନି ସିଂ, ଅଭିନେତା**



“ ଭୁତ ପ୍ରେତଙ୍କ ଉପରେ ବିଶ୍ୱାସ ନାହିଁ । ହେଲେ ମୋ ଆଇ ମୋତେ ଠାକୁରଙ୍କ ଉପରେ ବିଶ୍ୱାସ କରାଇବା ଶିଖାଇଛନ୍ତି । ଭୁତନି ଫିଲ୍ମରେ କାମ କରି ଖୁସି ଅଛି ।

**ପଲକ ତିୱାରୀ, ଅଭିନେତ୍ରୀ**

## ପୋଲିସ ଷ୍ଟେସନର ମୁଖିଆ ଶ୍ରୀହନୁମାନ

ସାଧାରଣତଃ ସମସ୍ତ ପୋଲିସ ଷ୍ଟେସନ ମୁଖିଆ ଜଣେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ହୋଇଥାଆନ୍ତି, ଯାହା ଅଧିନରେ ଷ୍ଟେସନ ଚାଲିଥାଏ । ହେଲେ ମଧ୍ୟପ୍ରଦେଶରେ ଏଭଳି ଏକ ଷ୍ଟେସନ ରହିଛି ଯାହା ହନୁମାନଙ୍କ ଆଶୀର୍ବାଦରୁ ଚାଲୁଛି ବୋଲି ଜଣା ପଡିଛି । ଏଠାରେ ଖଣ୍ଡୱାରେ ଥିବା ମୋଘାଟ ପୋଲିସ ଷ୍ଟେସନରେ ଏଭଳି ପରିସ୍ଥିତି ରହିଥିବା ଜଣା ପଡିଛି । ଏଠାରେ କାର୍ଯ୍ୟରତ ସମସ୍ତ ପୋଲିସ କର୍ମଚାରୀ ଓ ସାଧାରଣ ଜନତାଙ୍କ ବିଶ୍ୱାସ ଏହି ପୋଲିସ ଷ୍ଟେସନକୁ ହନୁମାନ ଚଳାଉଛନ୍ତି । ସବୁ କାର୍ଯ୍ୟ ତାଙ୍କ ଆଶୀର୍ବାଦରେ ହେଉଛି । ଯେତେବେଳେ ବି ଏଠାରେ ନୂଆ ପୋଲିସ କର୍ମଚାରୀ ନିଯୁକ୍ତି ପାଇଥାଆନ୍ତି, ସେମାନେ ପ୍ରଥମେ ଶ୍ରୀହନୁମାନଙ୍କୁ ସାଲୁଟ୍ ମାରନ୍ତି ତାପରେ କାର୍ଯ୍ୟରେ ଯୋଗ ଦେଇଥାଆନ୍ତି । ଏହା ପାଖାପାଖି ୪୦ ବର୍ଷ ଧରି ଚାଲିଆସୁଥିବା ଜଣା ପଡିଛି । ପ୍ରତିବର୍ଷ ଏଠାର ହନୁମାନ ଜୟନ୍ତୀ ଖୁବ ଧୁମଧାମରେ ପାଳନ କରାଯାଇଥାଏ ।



## ପ୍ରଭାସିନୀ ବେହେରା, ଦେବୀ ଶବରଙ୍କୁ ମିଳିଲା ସହାୟତା

# ମୁଖ୍ୟମନ୍ତ୍ରୀ ଦେଲେ ନିଯୁକ୍ତି ପତ୍ର, ୧୦ଲକ୍ଷ ଟଙ୍କା ଲେଖାଏଁ ସହାୟତା





ଭୁବନେଶ୍ୱର, (ସବ୍ୟୁ) :କ ଟକ ର ପ୍ରଭାସିନୀ ବେହେରା ଓ ରାୟଗଡାର ଦେବୀ ଶବର। ଉଭୟଙ୍କ ଆଖିରେ ଥିଲା କୃତଜ୍ଞତାର ଅଶ୍ରୁ। ସେମାନଙ୍କ ଦୁଃଖ ସମୟରେ ସେମାନଙ୍କୁ ସହାୟତାର ହାତ ବଢାଇଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଲୋକପ୍ରିୟତା ହାସଲ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣିଥରେ ନିଜର ସହୃଦୟତାର ପରିଚୟ ଦେଇଛନ୍ତି। ସେମାନେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ପତ୍ର ଓ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କର ଭଲମନ୍ଦ ପଚାରି ଥିଲେ ଏବଂ ଅଧୈର୍ଯ୍ୟ ନହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ସେମାନଙ୍କ ସହିତ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ।ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ ଏବଂ ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓ.ଏ.ପି.ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ଗତ ୨୨ ତାରିଖ ଦିନ ପି.ସି.ଆର୍ ଭ୍ୟାନ୍‌ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିକଶିତ ଭାରତର ଦାୟିତ୍ୱ ନେବେ ନିର୍ଭୟ ଯୁବ ପୁରସ୍କାର ବିଜେତାମାନେ'

ଭୁବନେଶ୍ୱର (ସବ୍ୟୁ) : ଆସନ୍ତା ୧୧ବର୍ଷ ପରେ ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ। ସେ ଉପଲକ୍ଷେ କାର୍ଯ୍ୟକ୍ରମ ଓ ଲକ୍ଷ ସ୍ଥିର କରାଯାଇସାରିଛି। ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିଲାବେଳେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇଥିବ। ଆଉ ସେହି ବିକଶିତ ଭାରତର ଦାୟିତ୍ୱ ନିର୍ଭୟ ଯୁବ ପୁରସ୍କାର ବିଜେତାମାନେ ନେବେ ବୋଲି ବୁଧବାର ପ୍ରଥମ ମନୀଷ ସ୍ମାରକୀ ନିର୍ଭୟ ଯୁବ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମତ ଦେଇଥିଲେ ରାଜ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ନିର୍ଭୟର ଏହି ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଦୈନିକ ନିର୍ଭୟର ନିର୍ଭୀକ ସ୍ୱରକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଶାସନତନ୍ତ୍ର ଚାଲିବାକୁ ହେଲେ ସମାଲୋଚନାର ମଧ୍ୟ ଆବଶ୍ୟକତା ରହିଛି।

ପ୍ରଥମ ବର୍ଷ ମନୀଷ ସ୍ମାରକୀ ନିର୍ଭୟ ଯୁବ ପୁରସ୍କାର ହାସଲ କରିଥିବା ପରିବେଶବିତ ସୌମରଂଜନ ବିଶ୍ୱାଳଙ୍କ ପ୍ରଶଂସା କରି ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ତାଙ୍କର ଯେଉଁ ଆଶଙ୍କା ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳକୁ ନେଇ ଅଛି ସେହି ଭାବନାକୁ ଗ୍ରହଣ କରି ମୁଁ ପ୍ରତିଶ୍ରୁତି ଦେବାକୁ ଚାହୁଁଛି ଯେ, ଜଳବାୟୁ ପରିର୍ବନକୁ ଲକ୍ଷ କରି ଆମ ସରକାର ଉଚିତ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର ମେ' ଫେୟାର ହୋଟେଲ କନଭେନସନ ସେର ଠାରେ ନିର୍ଭୟ ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟ ସମାରୋହରେ ପ୍ରଥମ ପୁରସ୍କାର ବିଜେତା ସୌମ୍ୟରଂଜନ ବିଶ୍ୱାଳଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାମୁଦ୍ରିକ କଇଁଚଙ୍କ ସୁରକ୍ଷା ଓ ହେନ୍ତାଳ ବଣ ସୃଷ୍ଟି ଦିଗରେ ଦୀର୍ଘ ୧୪ ବର୍ଷ ହେବ କାର୍ଯ କରୁଥିବା ସୌମ୍ୟରଂଜନଙ୍କୁ ଉତ୍ତରୀୟ, ପ୍ରଶସ୍ତି ପତ୍ର, ବିଶେଷ ଟ୍ରଫି ଏବଂ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ହିନ୍ଦି ସାହିତ୍ୟର ଅନ୍ୟତମ ସଫଳ ସ୍ରଷ୍ଟା ନୀରଜା ମାଧବ ପରଲୋକଗତ ପୁତ୍ରକୁ ପ୍ରେରଣାର ସ୍ରୋତ ବନାଇବା ପାଇଁ ନିର୍ଭୟ ସମ୍ପାଦକଙ୍କ ପ୍ରୟାସ କେବଳ ଉଚ୍ଚ ପ୍ରଶଂସା ଯୋଗ ନୁହେଁ ଉଦାହରଣ ସ୍ୱରୂପ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରସ୍କାର ସବୁବେଳେ ପ୍ରେରଣା ପ୍ରଦାନ କରେ ବୋଲି କହିବା ସହ ଏପରି ଏକ ଅଭିନବ ପୁରସ୍କାରର ଧାରା ଯୁବବର୍ଗଙ୍କ ଲାଗି ଆରମ୍ଭ କରାଯାଇଥିବାରୁ ନିର୍ଭୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି



ଉତ୍ସବରେ ସଂଯୋଜନା କରିଥିଲେ ସହଯୋଗୀ ସମ୍ପାଦକ ସଂବିତ ମହାପାତ୍ର। ମୁଖ ସମାରୋହ ପୂର୍ବରୁ ସାମ୍ପ୍ରତିକ ସମୟ ଓ ଭାରତୀୟ ଯୁବା ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବିଧାୟକ ଅରବିନ୍ଦ ମହାପାତ୍ର, ଅଭିନେତ୍ରୀ ଅନୁ ଚୌଧୁରୀ, ଶିଳ୍ପୋଦ୍ୟୋଗୀ ପ୍ରିୟଙ୍କା ମହାନ୍ତି ଏବଂ ଟେନିସ ତାରକା ଚିନ୍ମୟ ପ୍ରଧାନ ଯୋଗ ଦେଇ ସୁଚିନ୍ତିତ ମତ ଦେଇଥିଲେ। ରାଜ୍ୟର ବହୁ ପ୍ରମୁଖ ରାଜନେତା, ଶିଳ୍ପୋଦୋଗୀ, ସାମ୍ବାଦିକ, ଲେଖକ ତଥା ଅନ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ପୁରସ୍କାର ଉତ୍ସବରେ ଯୋଗ ଦେଇଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକର ୧୬ ନଂ ଜାତୀୟ ରାଜପଥ ଡାହାଲା ବେଣୀପୁର ଗ୍ରାମ ହରିହାଟ ପଡିଆରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ପବିତ୍ର ଅକ୍ଷୟ ତୃତୀୟ ପାଳନ ଅବସରରେ ଆରମ୍ଭ ହୋଇଛି। କର୍ତ୍ତା ନୀଳମଣୀ ମହାନ୍ତି ଓ କର୍ତ୍ତୀ ମାତାଜୀ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମର ଶତାଦ୍ଦିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ବୈତରଣୀ ନଦୀରୁ ଜଳଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ଆସିଥିଲେ। ପୂଜକ ନିରଞ୍ଜନ ଦ୍ୱିବେଦୀ ଓ ସାଥିଙ୍କ ଦ୍ୱାରା କାୟାସୁଦ୍ଧି, ଦୀକ୍ଷାଗ୍ରହଣ, କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା ଓ ପ୍ରତିଷ୍ଠା ଅଧିବାସ ବିଧିମତେ ଅନୁଷ୍ଠିତ ହୋଇଥିଲା।


BAJAJ FINSERV

### ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି

**ବଜାଜ ଫାଇନାନ୍ସ ଲିମିଟେଡ**

**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;

(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇ ପାରିବେ: http://172.30.1.235:3000/?WOUB2QG9W

(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;

(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ

(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।

(ଚ) ନିଲାମ ତାରିଖରୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।

(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

**(12-05-25) ବାସୁଦେବପୁର - AB କଲେଜ୍ ଚୌକ:** PJE1SGL11025613, 1147538, 1252440. **କେନ୍ଦ୍ରାପଡ଼ା- କଲେଜ ସ୍କୋୟାର୍:** PGT6SGL11120388, 1235460. **ରାଉରକେଲା-କୋଏଲ ନଗର:** PER3SGL11185425, 1295315, 1304957. **(13-05-25) ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍:** PEI4SGL10942183, 0941668, 0943450, 0962420, 0957651, 0969903, 0972077, 1124350, 1126430, 1146936, 1184447, 1233626, 1278933, 1289697, 1286741, 1364952, 1363917. **ବାରିପଦା - KC ସର୍କଲ:** P4C7SGL10854126, 1122340, 1202906, 1234004, 1290201, 1342118, 1362914, 1359060. **ଭଦ୍ରକ ସାଲାଣ୍ଡି ବାଇପାସ୍:** PCR1SGL10934881, 0955749, 0976536, 1073100, 1202382, 1276725, 1296657, 1308645, 1327593, 1345505, 1344935, 1344425. **କେନ୍ଦୁଝର-ମାଇନିଂ ରୋଡ୍:** PCQ7SGL10961295, 1008297, 1022049, 1023064, 1039865, 1059176, 1058737, 1120314, 1138443, 1173104, 1163656, 1187492, 1333036, 1332515. **(14-05-25) ଆଠଗଡ଼-ବୀରକିଶୋରପୁର:** PCQ8SGL10940247, 0958742, 0991577, 1136614. **କଣିହାଁ-NTPC ବାଇପାସ୍ ରୋଡ୍:** PV26SGL10774945, 0858931, 0959957, 0977649, 0993033, 1035567, 1102027, 1102636, 1117954, 1136916, 1146304, 1170236, 1249606, 1246250, 1285051, 1342156, 1342614, 1342321, 1339978, 1343565. **ସାଲେପୁର-ମେନ ରୋଡ୍:** PGN9SGL11027718, 1293279, 1365993. **ତାଳଚେର - ହତାତୋଟା ଛକ:** PJU8SGL10958593, 1163549, 1180692, 1361506. **(15-05-25) ବଲାଙ୍ଗିର - ଗୋପାଳଜୀ ରୋଡ୍:** PJD7SGL11077296, 1087166, 1134174. **ବରଗଡ଼ - ଖାରକଟୀ କାଲା:** PGC3SGL10975174, 1021859, 1024383, 1050967, 1052042, 1060981, 1077905, 1131801, 1147354, 1186660, 1206756, 1247254, 1268855, 1269685, 1286370, 1311089, 1311736, 1323827, 1322343, 1323797, 1345671, 1365652. **ଭବାନୀପାଟଣା - BGL:** PU41SGL10940705, 1007761, 1077139, 1270840, 1304687, 1324450. **ଝାରସୁଗୁଡ଼ା-ବେହେରାମାଲ:** PG62SGL11075377, 1091134, 1100050, 1148361, 1165751, 1306637. **କୁଚିଣ୍ଡା - BGL:** P93KSGL10940409, 1034472, 1246120. **ନୂଆପଡ଼ା - BGL:** P86HSGL11033511, 1124206. **ରାଜଗାଙ୍ଗପୁର - BGL:** P504SGL10718256, 0717840, 0988867, 1011260, 1037714, 1075088, 1084631, 1105905, 1137372, 1203496, 1233982, 1257645, 1314189, 1329994, 1363236, 1364755. **(16-05-25) କଟକ-ଲିଙ୍କ ରୋଡ୍:** PGG9SGL10970107, 1116173, 1169791, 1246483, 1268321, 1359466. **ଜଗତସିଂହପୁର - ଦୁର୍ଗାବାଜାର:** PU42SGL10743847, 0956264, 1020410, 1279149, 1365551. **(17-05-25) କୋରାପୁଟ:** PU40GOL1795171, 1907865, 1978648, 1978763, 2077146, 2100620, 2105465, 2124323, 2146945, 2178010, 2181380, 2223347, 2249781, 2265307, 2384260, 2388107, 2395787, 2394394, 2426118, 2452533, 2461479, 2772140, 2823224, 2877091, 2919271. **ନିମାପଡ଼ା - ଗଣେଶ ବଜାର:** PJE2SGL10963195, 0960840, 0974939, 1125889, 1124020, 1145278, 1163325, 1165457. **ପୁରୀ ଭି.ଆଇ.ପି ରୋଡ୍:** PEK3SGL10991182, 0986283, 1034582, 1073891, 1074521, 1107895, 1135026, 1183917, 1268987, 1333106. **(19-05-25) ଜୟପୁର-ଏମ୍.ଜି ରୋଡ୍:** PGH2SGL10933187, 0979435, 0987707, 1001975, 1006319, 1073085, 1122260, 1185109, 1181644, 1231769, 1329306, 1348722. **ନବରଙ୍ଗପୁର - ପଟେଲ ମାର୍ଗ:** PCR3SGL10934144, 0961241, 0953614, 0974080, 0973018, 0976719, 0978452, 0990341, 0986641, 1003059, 1038944, 1053018, 1133402, 1145482, 1148156, 1163794, 1166293, 1183494, 1187359, 1258935, 1294854, 1311818, 1320785, 1326983, 1343334, 1343054, 1347962, 1343732, 1347865, 1367202. **ଫୁଲବାଣୀ - BGL:** P93ASGL11060046, 1117633, 1150770, 1181224, 1229486, 1257160, 1276165, 1344543, 1342155, 1345042, 1363231, 1368672. **ରାୟଗଡ଼-ପି.ଏସ୍.ଆର୍ ରୋଡ୍:** PCR4SGL10937099, 1004556, 1033774, 1054981, 1086258, 1116059, 1189365, 1209049, 1362445. **ଉମରକୋଟ - ଗୁଳିପାଟଣା:** PJE3SGL11055244, 1104991, 1149098, 1183939, 1188295, 1201890, 1230749, 1288123. **(20-05-25) ବାଲୁଗାଁ-ମେନ ରୋଡ୍:** PCQ9SGL9864197, 0355598, 0598922, 0873872, 0957173, 0956988, 1118689, 1325772. **ବ୍ରହ୍ମପୁର - କମାପଲ୍ଲୀ ଛକ:** PB63SGL11265693, 1286182, 1359775. **BUGUDA - MAIN ROAD:** P09QSGL10978516, 1025562, 1020272, 1019870, 1020350, 1036440, 1054790, 1061148, 1169660, 1189995, 1295352, 1306735, 1329174, 1323197, 1328257, 1364183, 1361524. **ଟାଙ୍ଗୀ-ମେନ ରୋଡ୍:** PG01SGL11106745, 1123584, 1153615, 1166472, 1202285, 1226480, 1229469, 1255239, 1267129, 1325200, 1338354, 1345154, 1363811. **(21-05-25) ଭୁବନେଶ୍ୱର - ଖଣ୍ଡଗିରି:** PER5SGL11024496, 1307081, 1307622, 1307871, 1341607. **ଭୁବନେଶ୍ୱର - BGL:** P423SGL11001211, 1009597, 1101640, 1163561, 1184409, 1186291, 1199055, 1206401, 1231670, 1259648, 1252886, 1269284, 1305290, 1346163, 1362004. **କଟଣୀ-ମେନ ରୋଡ୍:** PCR2SGL10957473, 0970824, 0992193, 1078148, 1093664, 1119970, 1154489, 1146754, 1231129, 1253733, 1328295, 1344266, 1345902. **ଖୋର୍ଦ୍ଧା ମେନ ଟାଉନ:** PDA3SGL11057853, 1272889, 1345040. **ପିପିଲି - ହାଟ ଚୌକ୍:** PGE1SGL10669105, 0688864, 0742864, 1037045, 1057665, 1170091, 1166194.

**ବଜାଜ ଫାଇନାନ୍ସ ଲିମିଟେଡ୍**


## ନାରାୟଣ ଚ୍ୟାରିଟେବୁଲ ଟ୍ରଷ୍ଟର ବିଶାଳ ରକ୍ତଦାନ ଶିବିର



କଟକ, (ସବ୍ୟୁ): ଖରା ଦିନରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି, ନାରାୟଣ ଚ୍ୟାରିଟେବୁଲ ଟ୍ରଷ୍ଟ ଏବଂ ଶିଶୁଭବନର ମିଳିତ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଛି। ଏଥିରେ ମୋଟ ୧୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥଲା। ଶିଶୁଭବନର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ସହଯୋଗରେ ଏହି ରକ୍ତଦାନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲାଛ ଆନୁଷ୍ଠାନିକ ଭାବରେ, ଶିଶୁଭବନ ର ଅଧକ୍ଷ ଡାକ୍ତର ପ୍ରଭାକର ମିଶ୍ର, ଓରମାସ ର ଯୁଗ୍ମ ମୁଖ୍ୟ ପରିଚାଳନା ଅଧିକାରୀ ବିପିନ ରାଉତ, ସ୍ଥପତି ରସିଦ୍ ହାସନ୍ ଏବଂ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଶିବିରଟି ପ୍ରସାଶନିକ ଅଧିକାରୀ ଶ୍ରୀମତୀ ଜୋସ୍ନା ନାୟକଏବଂ ହସ୍ପିଟାଲ୍ ମ୍ୟାନେଜର ସୋନାଲି ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। ନାରାୟଣ ଚ୍ୟାରିଟେବୁଲ ଟ୍ରଷ୍ଟର ମାନେଜିଂ ଟ୍ରଷ୍ଟି ସଦାଶିବ ପରିଡା ଏବଂ ସମସ୍ତ ସଦସ୍ୟ ରକ୍ତଦାନ ଶିବିରଟିକୁ ପରିଚାଳନା କରିବା ସହିତ ରକ୍ତ ଦାତା ମାନଙ୍କୁ ପ୍ରାମାଣ ପତ୍ର ଏବଂ ମୋମେଣ୍ଟୋ ଦେଇ ଉତ୍ସାହିତ କରିଥିଲେ । ରକ୍ତ ଦାତା ମାନଙ୍କୁ ସ୍ୱତନ୍ତ୍ର ଭାବେ ଭାରତ ମସଲା ଦ୍ୱାରା କରାଯାଇଥିବା ଆକର୍ଷଣୀୟ ଉପହାର ଦେଇ ଉତ୍ସାହିତ କରାଯାଇଥିଲା ।

## ସାଗରିକାର ବିଷୁବ ସଂଖ୍ୟା ଉନ୍ମୋଚିତ

ବାଲେଶ୍ୱର,(ସବ୍ୟୁ) : ଷ୍ଟେସନ କ୍ଲବ ପରିସରରେ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଙ୍କଳନ ମୁଠାଏ ସ୍ୱପ୍ନ ଓ ସାହିତ୍ୟ ପତ୍ରିକା ସାଗରିକାର ବିଷୁବ ସଂଖ୍ୟା ମହାସମାରୋହରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବର ଉଦ୍ଘାଟକ କବି ରତ୍ନାକର ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ମାନସ କୁମାର ଦତ୍ତ ସାହିତ୍ୟ ଓ ପୁସ୍ତକ ଉଭୟ ସମାଜ ଗଠନ ପାଇଁ ନିତାନ୍ତ ଆବଶ୍ୟକ ଓ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିବା ସହ ଲେଖକଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଆଲୋଚକ ହିସାବରେ ଡ. ଭାଗବତ ବେହେରା ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ମୁଖ୍ୟ ଡ.କାଳୀପଦ ପଣ୍ଡା ତାଙ୍କ ପ୍ରକାଶକୀୟ ବକ୍ତବ୍ୟ ରଖିଥିବା ବେଳେ ଆଇନଜୀବୀ ତଥା ସମାଜସେବୀ ବେଣୁଧର ରାଉଳ, ଯୋଗଗୁରୁ ସୁଜିତ କୁମାର ଜେନା ଯୋଗଦେଇ ପୁସ୍ତକଟିର ପ୍ରଚାର ପ୍ରସାର କାମନା କରିଥିଲେ। ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା କବୀ ସୈରିନ୍ଧ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଲେଖକ ସୃଷ୍ଟିଧର ପରିଡ଼ା ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହ ପୁସ୍ତକଟିରେ ସ୍ଥାନିତ ୧୪ଟି ଗଳ୍ପ ସେ କେଉଁ ପରିସ୍ଥିତିରେ କେଉଁ କଥାବସ୍ତୁକୁ ନେଇ ଲେଖିଛନ୍ତି ତା ଉପରେ ସମ୍ୟକ୍ ଆଲୋଚନା କରିଥିଲେ । ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶନୀ ଓ ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ କବି ପ୍ରିୟଙ୍କା ପ୍ରିୟଦର୍ଶନୀ, ରଂଗରାଗର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି ଓ ଆଇନଜୀବି ଯଶୋଦାନନ୍ଦ ଆସ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ

ବାଲେଶ୍ୱର,(ସବ୍ୟୁ) :ଦିନେ ଯେଉଁ ବାଲେଶ୍ୱର ଜିଲ୍ଲାସ୍କୁଲରେ ଉତ୍କଳଗୌରବ ମଧୁସୂଦନ ଦାସ ଶିକ୍ଷକତା କରିଥିଲେ, ସେହି ପବିତ୍ର ଶିକ୍ଷାନୁଷ୍ଠାନ ପରିସରରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ଜୟନ୍ତୀ ଉତ୍ସବ ପାଳନ ପାଳନ କରାଯାଇଛି। ଏଥିରେ ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦକ ଡ. କାଳୀପଦ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଓ ଜିଲ୍ଲାସ୍କୁଲର କେତେକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଜିଲ୍ଲାସ୍କୁଲ ସଭାଗୃହରେ ଅନୁଷ୍ଠିତ ସାଧାରଣସଭାରେ ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ସଭାପତିତ୍ୱ କରିଥିବାବେଳେ ଆଡଭୋକେଟ୍ ବିଜୟ କୁମାର ପାଣିଗ୍ରହୀ, ଆଡ୍‌ଭୋକେଟ୍ ଭୁବନାନନ୍ଦ ଦାସ, ଆଡଭୋକେଟ୍ ସ୍ନେହଲତା ଦାଶପତି, ଶିକ୍ଷୟିତ୍ରୀ ପି. ସୁସ୍ମିତା ଏବଂ ସମ୍ପାଦକ ଡ. କାଳୀପଦ ପଣ୍ଡା ମଧୁବାବୁଙ୍କର ତ୍ୟାଗ ଓ ବଳିଦାନ ପାଇଁ ଆମେ ନିଜର ଜାତୀୟ ପରିଚୟକୁ ବାଜୟ ରଖିବାରେ ସମ୍ଭବ ହୋଇପାରିଲା ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ

କେନ୍ଦୁଝର ,(ସବ୍ୟୁ) : ମଙ୍ଗଳବାର କେନ୍ଦୁଝର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ, କେନ୍ଦୁଝର ଠାରେ ଆନ୍ତର୍ଜାତିକ ସମବାୟ ବର୍ଷ – ୨୦୨୫ ପାଳନ କରାଯାଇଛି। ଏଥିରେ ଓଡିଶାରେ ସମବାୟ ଆନ୍ଦୋଳନକୁ ଅଗ୍ରଗାମୀ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ଶୀର୍ଷକ ଏକ ସଭା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କେନ୍ଦୁଝର ମନ୍ଦରଧର ମାହାଲିକଙ୍କ ଅଧକ୍ଷ୍ୟତରେ ଆୟୋଜିତ ହୋଇଥିଲା । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସଭାପତି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, ଡ଼ି. ଡି.ଏମ ନାବାର୍ଡ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ପି. ଡି. ୱାଟରସେଡ, ଜି.ଏମ. ମିଲ୍କ ୟୁନିୟନ, ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଆନନ୍ଦପୁର ଓ ଚମ୍ପୁଆ ମଣ୍ଡଳ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଆନନ୍ଦପୁର ମଣ୍ଡଳ ଏବଂ ମୁଖ୍ୟବକ୍ତା ଭାବରେ ଅବସର ପ୍ରପ୍ତ ପ୍ରଫେସର ବିଦ୍ୟାଧର ବେହେରା ଯୋଗଦାନ କରିଥିଲେ ।




# ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପୁନଃବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏମ୍ସ ପ୍ଲସ ପ୍ଲସ ସ୍ତରକୁ ବିକଶିତ ହେବ

**୧୫୯୪ କୋଟିରେ ବୁର୍ଲା ଭୀମସାର, ୧୦୧୪.୧୩ କୋଟିରେ ଏମକେସିଜି ମେଡିକାଲ କଲେଜ , ୬୨୭.୧୬ କୋଟିରେ ରାଉରକେଲା ସରକାରୀ ହସ୍ପିଟାଲର ପୁନଃବିକାଶ କରାଯିବ**

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ରାଜ୍ୟରେ ଚାଲିଥିବା ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ପୁନଃବିକାଶ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଛନ୍ତି ।ସମୀକ୍ଷାରୁ ଜଣାଯାଇଛି ଯେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପୁନଃବିକାଶ କାର୍ଯ୍ୟ ୪୪୭୪.୪୯ କୋଟି ବିନିଯୋଗରେ ଜାରି ରହିଛି । ଏହି ପ୍ରକଳ୍ପ ଜୁନ୍ ୨୦୨୬ ସୁଦ୍ଧା ସଂପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସଂପୂର୍ଣ୍ଣ ହେଲେ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଶଯ୍ୟା ସଂଖ୍ୟା ୩୭୯୬କୁ ବୃଦ୍ଧି ପାଇବ । ଏହି ମେଡିକାଲ କଲେଜ ଏମ୍ସ ପ୍ଲସ ପ୍ଲସ ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ସେହିପରି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନସର୍ ପ୍ରତିଷ୍ଠାନ ତଥା ହସ୍ପିଟାଲର ମଧ୍ୟ ପୁନଃବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୮୯୫.୮୯ କୋଟି ଟଙ୍କା ବିନିଯୋଗ ହେଉଛି । ଦ୍ୱିତୀୟ ପର୍ଯ୍ୟାୟ ପୁନଃବିକାଶ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ଏହାର ଶଯ୍ୟା ସଂଖ୍ୟା ୧୧୨୭କୁ ବୃଦ୍ଧି ପାଇବ। ବୁର୍ଲା ଭିମସାରର ୧୫୯୪ କୋଟି ଟଙ୍କା ବିନିଯୋଗରେ ପୁନଃବିକାଶ କାର୍ଯ୍ୟ କରାଯିବ। ବର୍ତ୍ତମାନ ଏହାର ଶଯ୍ୟା ସଂଖ୍ୟା ୧୪୮୫ ରହିଛି। କାର୍ଯ୍ୟ ସଂପନ୍ନ ହେବାପରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ଏହା ବୃଦ୍ଧି ପାଇ ୨୮୬୧ରେ ପହଞ୍ଚିବ । ସେହିପରି ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୧୦୧୪.୧୩ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ପୁନଃବିକାଶ କାର୍ଯ୍ୟ କରାଯିବ। ପୁନଃବିକାଶ ପରେ ଏହାର ଶଯ୍ୟା ସଂଖ୍ୟା ୧୫୮୩ ରୁ ୨୦୩୩କୁ ବୃଦ୍ଧି ପାଇବା।ରାଉରକେଲା ସରକାରୀ ହସ୍ପିଟାଲର ପୁନଃବିକାଶ ପାଇଁ ୬୨୭.୧୬ କୋଟି ଟଙ୍କା ଅଟକଳ କରାଯାଇଛି । ପୁନଃବିକାଶ ପରେ ଏହାର ଶଯ୍ୟା ସଂଖ୍ୟା ୪୩୭ ରୁ ୭୬୩ କୁ ବୃଦ୍ଧି ପାଇବ। ସେହିପରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ୫୯୫୮ କୋଟି ଟଙ୍କା ବ୍ୟୟରେ ପୁନଃବିକାଶ କରାଯିବ। ପୁନଃବିକାଶ ପରେ ଏହାର ଶଯ୍ୟା ସଂଖ୍ୟା ୭୫୦ ରୁ ୨୫୮୨ କୁ ବୃଦ୍ଧି ପାଇବ। ଏହି ସମସ୍ତ ମେଡିକାଲ ପ୍ରକଳ୍ପ ଗୁଡିକରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସୁବିଧା, ହଷ୍ଟେଲ, ଏକାଡ଼େମିକ ବିଲ୍ଡିଂ, ରୋଗୀ ସଂପର୍କୀୟଙ୍କ ରହଣୀସ୍ଥଳ, ଷ୍ଟାଫ କ୍ୱାର୍ଟର, ଖେଳପଡିଆ, ଅଡିଟୋରିଅମ୍ ଭଳି ଉନ୍ନତ ଭିତ୍ତିଭୂମି ନିର୍ମାଣ ହେବ। ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ୍ ଏବଂ ଓ.ବି.ସି.ସିର ପରିଚାଳନା ନିର୍ଦ୍ଦେଶକ ଓ ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।



ବରମୁଣ୍ଡା, ଭୁବନେଶ୍ୱର ସ୍ଥିତ ଓୟୁଏଟିର କୃଷି ଶୈକ୍ଷିକ ଫାର୍ମ ଠାରେ ରାଜ୍ୟସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା - ୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ଅଖିମୁଠି ଅନୁକୂଳ କରିଛନ୍ତି।

## ୨୪ ସିଡିପି ରାସ୍ତାର ବିକାଶ କରିବ ବିଡିଏ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଆଖାପଖ ଅଞ୍ଚଳର ୨୪ଟି ସିଡିପି ରାସ୍ତାକୁ ଉନ୍ନତିକରଣ କରିବ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ଏହି ଯୋଜନା ଲାଗି ଅଥରିଟି ବୈଠକରେ ପ୍ରସ୍ତାବ ଦିଆଯାଇଛି । ଏହି ରାସ୍ତାଗୁଡ଼ିକ ଜୟଦେବ ବିହାର ଠାରୁ ରଘୁନାଥପୁରସ୍ଥିତ ନନ୍ଦନକାନନ ରାସ୍ତା ଦେଇ ଭୁବନେଶ୍ୱରର ନୂଆ ରେଳ ଷ୍ଟେସନକୁ ଯିବ । ଏହି ରାସ୍ତା ନୂଆଗାଁ-କାଟେଣି ରାସ୍ତା ଦେଇ ଟିପି ସ୍କିମ-୮କୁ ସଂଯୋଗ କରିବା ସହିତ ଚନ୍ଦକା-ଖଣ୍ଡଗିରିରୁ ପିତାପଲ୍ଲୀ-ବାରଙ୍ଗ ରାସ୍ତା ଦେଇ ଟିପି ସ୍କିମ-୮ ବି ଛୁଇଁବ। ଏହିସବୁ ନକ୍ସା ନୂଆ ସିଟି ପାଇଁ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି ।

# ଅବକାରୀ ସୁପରିଟେଣ୍ଡେଣ୍ଟ ଗିରଫ

- ୮ଟି ମୂଲ୍ୟବାନ ଜମି ସହିତ ୩ ମହଲା ଓ ୨ ମହଲା କୋଠା
- ବ୍ୟାଙ୍କରେ ୨୦ ଲକ୍ଷରୁ ଅଧିକ ଟଙ୍କା ଜମା

ଢେଙ୍କାନାଳ , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧିକ୍ଷକ ବେଆଇନ ଭାବରେ ୩ ଲକ୍ଷ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଧରାପଡିଥିବାର ଜଣାପଡିଛି। ଭିଜିଲାନ୍ସ ବିଭାଗ ଏକକାଳୀନ ୫ଟି ସ୍ଥାନରେ ଚଢାଉ କରିଥିବାବେଳେ ଅବକାରୀ ଅଧିକ୍ଷକଙ୍କ ନାମରେ ଥିବା ୮ଟି ମୂଲ୍ୟବାନ ଜମି ସହିତ ବହୁତଳ ବିଶିଷ୍ଟ ଘର ଓ ୨୦ଲକ୍ଷରୁ ଅଧିକ ଟଙ୍କା ଜମା ଥିବାର ଜଣାପଡିଛି । ସାଢେ ୪ଟା ସମୟରେ ଅବକାରୀ ଅଧିକ୍ଷକ କ୍ରୀଷ୍ଣା ମହାନ୍ତି ଏକ ସ୍କୋର୍ପିଓ ଗାଡି ନଂ ଓଡି୦୨ସିଜେଡ୭୦୪୪ ଯୋଗେ ଟଙ୍କା ନେଇ ଯାଉଥିବା ବେଳେ କଟକ ଏବଂ ଢେଙ୍କାନାଳ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ତାଙ୍କୁ ଦେଉଳସାହି ଦେଇ କୋର୍ଟକୁ ଯାଇଥିବା ରାସ୍ତାରେ ମାଡି ବସିଥିଲେ। ଭିଜିଲାନ୍ସ ବିଭାଗ ତରଫରୁ ତନ୍ଖି ସମୟରେ ଏକ ଫାଇଲ ରେ ୫ଶହ ଟଙ୍କିଆ ୬ଟି ବିଡା ଏପରି ମୋଟ ୩ଲକ୍ଷ ଟଙ୍କା ରହିଥିଲା। ଟଙ୍କା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଫଳରେ ଭିଜିଲାନ୍ସ ତାଙ୍କୁ ଅଟକ ରଖିଥିବାର ଜଣାପଡିଛି। ଏହାକୁ ନେଇ ଭିଜିଲାନ୍ସ ତରଫରୁ ଅବକାରୀ ଅଧିକ୍ଷକଙ୍କ ମହାବୀର ବଜାର କ୍ୱାର୍ଟର, ମହିଷାପାଟ କାର୍ଯ୍ୟାଳୟ,ଚୌଦ୍ୱାର ଘର,ଜଗତପୁର ଘର ଏବଂ ପୁରୀ ଜିଲ୍ଲା କୁମ୍ଭାରପଡାରେ ଥିବା ଘରେ ଏକକାଳୀନ ୫ଟି ସ୍ଥାନରେ ଚଢାଉ କରାଯାଇଛି। ଭିଜିଲାନ୍ସ ବିଭାଗ ଚଢାଉ ଜାରିରଖିଥିବାର ଜଣାପଡିଛି। ଏହି ଚଢାଉରେ କଟକ ଭିଜିଲାନ୍ସ ବିଭାଗର ଅତିରିକ୍ତ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ,ଭିଜିଲାନ୍ସ ସେଲ ଟିମ ପ୍ରଣିତା ରାୟ, ଡିଏସ୍‌ପି ମନୋରଞ୍ଜନ ପାଇକରାୟ,ଢେଙ୍କାନାଳର ଡିଏସ୍‌ପି ଅନୁସୟା ସେନାପତିଙ୍କ ସହିତ ଅନ୍ୟମାନେ ଏହି ଚଢାଉରେ ସାମିଲ ରହିଛନ୍ତି। ଅବକାରୀ ଅଧିକ୍ଷକଙ୍କ କଟକ ଜଗତପୁରରେ ୪ ହଜାର ୬୫୫ ବର୍ଗ ଫୁଟ ୩ ମହଲା ଘର ସହିତ ପୁରୀ କୁମ୍ଭାରସାହିରେ ୧୪ଶହ ବର୍ଗ ଫୁଟର ଦୁଇମହଲା ଘର,କଟକରେ ୪ଟି,ପୁରୀରେ ୨ଟି ଏବଂ ଜଗତସିଂହପୁରରେ ୨ଟି ଏଭଳି ମୋଟ ୮ଟି ପ୍ଲଟ ରହିଛି। ସେହିପରି ଗୋଟିଏ ମାରୁତି ସ୍ୱିଫ୍ଟ ଡିଜାୟାର କାର ସହିତ ହୁଣ୍ଡାଇ କାର ସହିତ ବ୍ୟାଙ୍କରେ ୨୦ଲକ୍ଷ ଟଙ୍କାରୁ ଅଧିକ ଟଙ୍କାଜମା ଥିବାର ଜଣାପଡିଛି। ତାଙ୍କ ନାମରେ ଭିଜିଲାନ୍ସ ବିଭାଗ ପକ୍ଷରୁ ୪/୨୦୨୫ ଦଫା। ୧୩(୨)ଆରଡବ୍ଲ୍ୟୁ୧୩(୧)(ବି)ରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିବାର ଜଣାପଡିଛି।

## ମା' ସହ କଳି କରିବାରୁ ବଡଭାଇକୁ ହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ମା' ସହ କଳି କରିବାରୁ ବଡଭାଇକୁ ହତ୍ୟା କରିଥିବା ସାନଭାଇ ଇମାତ୍ ଖାନକୁ ସହିଦନଗର ଥାନା ପୋଲିସ ଗିରଫ କରିଛି । ସହିଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ରୁହନ୍ତି ବଡଭାଇ ହମିଦୁଲ୍ ଖାନ୍ ଓ ସାନଭାଇ ଇମାତ ଖାନ୍ । ତାଙ୍କ ସହ ମା'ମଧ୍ୟ ରୁହନ୍ତି ବୋଲି ପୋଲିସ କହିଛି । ବଡଭାଇ ନିଶା ଖାଉଥିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ବାପଘରେ ରହୁଛନ୍ତି । ଶାନ୍ତିପଲ୍ଲୀ ବସ୍ତି ଘରେ ମା'-ପୁଅ ତିନିଜଣ ରହୁଥିବା ବେଳେ ମଙ୍ଗଳବାର ରାତିରେ ଅଘଟଣ ଘଟିଲା । ମଙ୍ଗଳବାର ରାତିରେ ବଡଭାଇ ହମିଦୁଲ୍ ନିଶା ଖାଇ ଘରକୁ ଫେରିବା ପରେ ମା'ସହ କଳି କରିଥିଲା । ସାନଭାଇ ଆସି ପହଞ୍ଚି ଦେଖିଥିଲା ଯେ, ମା'ସହ ବଡଭାଇ କଳି କରୁଛି । ସେ ବଡଭାଇକୁ ବୁଝାଇଥିଲା । ସେ ନିଶାସକ୍ତ ଥିବାରୁ ସାନଭାଇ କଥା ଶୁଣିଲା ନାହିଁ । ଶେଷକୁ ସାନଭାଇ ଇମାତ ବିରକ୍ତ ହୋଇ ଲୁହା ଛେଣିରେ ବଡଭାଇ ମୁଣ୍ଡକୁ ପିଟି ଦେଇଥିଲା । ବଡଭାଇ ଆହତ ହୋଇଥିଲେ ମଧ୍ୟ ମଙ୍ଗଳବାର ରାତିରେ ନିଶାସକ୍ତ ଅବସ୍ଥାରେ ମୁଣ୍ଡରେ କପଡା ଗୁଡାଇ ଶୋଇଯାଇଥିଲା । ବୁଧବାର ସକାଳେ ମା'ମେଡିକାଲକୁ ନେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ସାନଭାଇକୁ ଗିରଫ କରି ମାମଲାର ତଦନ୍ତ କରୁଛି ।

# ଜାତିଗତ ଜନଗଣନାକୁ କେନ୍ଦ୍ର କ୍ୟାବିନେଟର ସ୍ୱୀକୃତି

## ସମତା, ସୁଶାସନ ଏବଂ ସାମାଜିକ ନ୍ୟାୟର ନୂଆ ଯୁଗ ଆରମ୍ଭ : ଧର୍ମେନ୍ଦ୍ର



ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଆଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତିଗତ ଜନଗଣନାକୁ ଆଗାମୀ ଜନଗଣନାରେ ସାମିଲ କରିବା ପାଇଁ ସ୍ୱୀକୃତି ଦେଇଛି, ଯେଉଁ ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ସମତା, ସମରସତା, ସୁଶାସନ ଏବଂ ସାମାଜିକ ନ୍ୟାୟର ଏକ ନୂଆ ଯୁଗ ଆରମ୍ଭ । ବଞ୍ଚିତ, ପଛୁଆ ଲୋକଙ୍କୁ ନୀତି-ନିର୍ମାଣରେ କେନ୍ଦ୍ରରେ ରଖିବା, ସମାଜର ସମସ୍ତ ବର୍ଗଙ୍କୁ ଯୋଡିବା, ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକ ଅସମାନତାକୁ ପାରଦର୍ଶୀ ଏବଂ ପ୍ରମାଣିକ ଶୈଳୀରେ ଦୂର କରିବା ତଥା ସବୁ ବର୍ଗଙ୍କ ପାଇଁ ଉଚିତ୍ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏହା ଏକ ସକରାତ୍ମକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଗତ ୧୧ ବର୍ଷ ଧରି ସମ୍ବିଧାନର ମୂଳ ଭାବନା ଅନୁସାରେ ସବକା ସାଥ୍- ସବକା ବିକାଶର ସଂକଳ୍ପ ସହ କାମ କରୁଥିବା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସରକାର ଚାଲୁଅଛି । ଆଜିର ଏହି ନିଷ୍ପତ୍ତି ସବକା ସାଥ୍ - ସବକା ବିକାଶ ଏବଂ ସାମାଜିକ ନ୍ୟାୟର ଅବଧାରଣାକୁ ସଶକ୍ତ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ । କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସବୁବେଳେ ଜାତି ଗଣନା ବିଷୟରେ ଛଳନା କରିଛନ୍ତି । କଂଗ୍ରେସ ଯେତେବେଳେ ସରକାରରେ ଥିଲା, ସେତେବେଳେ ଏହି ବିଷୟକୁ କେବଳ ଫାଷ୍ଟ ସର୍ଭେ ମଧ୍ୟରେ ସୀମିତ ରଖିଥିଲା । ଏହାକୁ ଜନଗଣନାର ଅଂଶ ଭାବରେ ସାମିଲ କଲାନାହିଁ । କିନ୍ତୁ ମୋଦୀ ସରକାରଙ୍କ ନୀତି ସ୍ପଷ୍ଟ ଏବଂ ଦୂରଦର୍ଶୀ ନିଷ୍ପତ୍ତିାକ ମଧ୍ୟ । ଐତିହାସିକ ଭୁଲକୁ ସୁଧାରୁଥିବା ଏହି ସମ୍ବେଦନଶୀଳ ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତି କାରଣରୁ ସମ୍ଭବ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ମହିଳା ବ୍ୟବସାୟ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ମହିଳା ବ୍ୟବସାୟ ମେଳାର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱରରେ ଉଦ୍ଘାଟିତ ହୋଇଯାଇଛି। ନବସୃଜନ, ସମାବେଶୀକରଣ ଏବଂ ସଶକ୍ତୀକରଣର ଏହି ମହାସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ୩୦ ଏପ୍ରିଲରୁ ୪ ମଇ ପର୍ଯ୍ୟନ୍ତ ୫ ଦିନ ଧରି ଅନୁଷ୍ଠିତ ହେବ ଏହି ମେଳା । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀଙ୍କ ସହ ଜାତୀୟସ୍ତରର ରାଜନେତା, ନୀତି ନିର୍ଦ୍ଧାରକ ଏବଂ ତୃଣମୂଳସ୍ତରରେ ପରିବର୍ତ୍ତନର ଅଗ୍ରଦୂତ ସାଜିଥିବା ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଛନ୍ତି। ରାଜ୍ୟରେ ମହିଳା ଉଦ୍ୟୋଗୀତା, ଏମ୍‌ଏସ୍‌ଏମ୍‌ଇ ବିକାଶ ଏବଂ ଦକ୍ଷତା ବିକାଶର ଧାରାକୁ ପ୍ରଦର୍ଶନ କରିବା ପାଇଁ ଏହି ବ୍ୟବସାୟ ମେଳା ଆୟୋଜିତ ହୋଇଥିବା ବେଳେ ଏକ ସମାବେଶୀ, ନବସୃଜନ ସନ୍ତୁଳିତ ଅର୍ଥନୈତିକ ପ୍ରଗତିର କେନ୍ଦ୍ର ଭାବେ ଓଡ଼ିଶାର ଅଭ୍ୟୁଦୟକୁ ମଧ୍ୟ ଉପସ୍ଥାପନ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ , ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ପି. କେ. ଗୁପ୍ତା - ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ କଟକ, ଡ. ରାଜୀବ ସିଂହ - ମହାନିର୍ଦ୍ଦେଶକ, ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ, ରାଜୀବ ସାହୁ - ଅଧ୍ୟକ୍ଷ,



ଆଇସିସି ,ଓଡ଼ିଶା ରାଜ୍ୟ ପରିଷଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରି ଆଇଏନ୍‌ଡବ୍ଲ୍ୟୁଇସି, ଆଇସିସି ଏବଂ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ କଟକର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ମଞ୍ଚ ଓଡ଼ିଶାରେ ମହିଳା ଉଦ୍ୟୋଗୀତା ଏବଂ ଏମ୍‌ଏସ୍‌ଏମ୍‌ଇ ବିକାଶକୁ ନୂତନ ଉଚ୍ଚତାକୁ ନେଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଗତିଶୀଳ, ସମାବେଶୀ ଓ ନବଚିନ୍ତନ ସନ୍ତୁଳିତ ଏମ୍‌ଏସ୍‌ଏମ୍‌ଇ ଏବଂ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ ପାଇଁ ଏକ ଅନୁକୂଳ ବାତାବରଣ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଆଲୋକପାତ କରି କରିଥିଲେ । । ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ରାଜୀବ ସାହୁ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଶ୍ରୀମତୀ ପ୍ରୀତି ପଲ୍ଲବୀ ପଟ୍ଟନାୟକ, ଆଇଏନ୍‌ଡବ୍ଲ୍ୟୁଇସିର ଆବାହକ, ତାଙ୍କ ଅଭିଭାଷଣରେ କହିଥିଲେ, ଓଡ଼ିଶାର ମହିଳାମାନେ ପ୍ରଚଳିତ ଧାରାକୁ ବଦଳାଇଛନ୍ତି। ସେମାନେ କେବଳ ଏଠାରେ ଅଂଶଗ୍ରହଣ କରିନାହାନ୍ତି, ବରଂ ନେତୃତ୍ୱ ନେଉଛନ୍ତି। ଆଇଏନ୍‌ଡବ୍ଲ୍ୟୁଇସି ସେମାନଙ୍କର ଏହି ଯାତ୍ରାକୁ ସବୁ ପ୍ରକାରର ସମର୍ଥନ ଯୋଗାଇଦେବାକୁ ପ୍ରତିବଦ୍ଧ ବୋଲି କହିଥିଲେ । ଏହି ଅବସରରେ ଓଡ଼ିଶାର ଅଗ୍ରଣୀ ମହିଳା ଉଦ୍ୟୋଗୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଆଲୋଚନା କରିଥିଲେ। ଏହି କ୍ରମରେ ବଲିଉଡ୍ ଅଭିନେତା ଜାୟଦ ଖାନ୍, କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୌସ, ବିଶିଷ୍ଟ ସ୍ନାୟୁ ବିଶେଷଜ୍ଞ ତଥା ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲର ସହ-ପ୍ରତିଷ୍ଠାତା ଡ. ମାୟା ଗନ୍ତାୟତ, ଗୃହ ଓ ନଗର ଉନ୍ନୟନ, ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଏବଂ ଡିଏନ୍ ଗ୍ରୁପର ନିର୍ଦ୍ଦେଶକ ରତ୍ନମାଳା ସ୍ୱାଇଁ ପ୍ରମୁଖ ଆଲୋଚନା କରିଥିଲେ।

## ବିବାହ ପ୍ରତିଶ୍ରୁତିରେ ଶାରୀରିକ ସମ୍ପର୍କ

### ଗର୍ଭନଷ୍ଟ କରାଇବା ଅଭିଯୋଗ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଅଭିଯୁକ୍ତ ପୀଡିତାଙ୍କ ଦୁଇଥର ଗର୍ଭନଷ୍ଟ କରାଇଥିଲା । ଶେଷରେ ବିବାହ ନକରି ପ୍ରତାରଣା କରିବାରୁ ତମାଣ୍ଡୋ ଥାନାରେ ପୀଡିତା ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।
ଅଭିଯୋଗକାରିଣୀ କଳିଙ୍ଗବିହାର ଅଞ୍ଚଳରେ ରୁହନ୍ତି । ତାଙ୍କ ସହ କ୍ଲିଷ୍ଟନ ନାୟକ (୨୯) ବନ୍ଧୁ ଭାବେ ସମ୍ପର୍କ ରଖି ବିବାହ ପ୍ରତିଶ୍ରୁତି ଦେଇଥିଲା । କ୍ଲିଷ୍ଟନ ଭୁବନେଶ୍ୱରର ଏକ ସରକାରୀ ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରେ । ଦୀର୍ଘ ୮ବର୍ଷ ହେବ ଅଭିଯୋଗକାରିଣୀ ଓ କ୍ଲିଷ୍ଟନ ବନ୍ଧୁ ଭାବେ ଚଳିଆସୁଥିଲେ । ବନ୍ଧୁତା ମଧ୍ୟରେ ସମ୍ପର୍କ ନିବିଡ ହେବାରୁ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବିବାହର ମିଛ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲା । ଏହା ମଧ୍ୟରେ ଅଭିଯୋଗକାରିଣୀ ଦୁଇଥର ଅନ୍ତଃସତ୍ତ୍ୱା ହୋଇଥିଲେ । ଅଭିଯୁକ୍ତ ଦୁଇଥର ଯାକ ତାଙ୍କ ଗର୍ଭସ୍ଥ ସନ୍ତାନକୁ ଜୋରଜବରଦସ୍ତ ନଷ୍ଟ କରାଇଥିବା ପୀଡିତା ଅଭିଯୋଗ କରିଛନ୍ତି ।
ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଅଭିଯୁକ୍ତ କ୍ଲିଷ୍ଟନ ଲୁଚିଥିବା ସ୍ଥାନରେ ପୋଲିସ ଚଢାଉ କରି ତାକୁ ଗିରଫ କରିବା ପରେ ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । କ୍ଲିଷ୍ଟନଙ୍କ ଘର କନ୍ଧମାଳ ଜିଲ୍ଲାରେ ହୋଇଥିବା ବେଳେ ସେ ଭରତପୁର ଥାନା ଅଞ୍ଚଳ ଇମାନୁଆଲ କଲୋନୀରେ ରୁହେ ବୋଲି ପୋଲିସ କହିଛି ।

## ବ୍ରାଉନସୁଗର ଜବତ, ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବ୍ରାଉନସୁଗର କାରବାର କରୁଥିବା ଦୁଇଜଣଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୨୦ଗ୍ରାମ୍ ବ୍ରାଉନସୁଗର, ପାସେଞ୍ଜର ଅଟୋ ଓ ମୋବାଇଲ ଫୋନ୍ ଜବତ କରିଛି । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ତମାଣ୍ଡୋ ଥାନା ପୋଲିସ କଳିଙ୍ଗବିହାର ଛକ ବସ୍‌ଷ୍ଟପ୍ ନିକଟରେ ଚଢାଉ କରି ବ୍ରାଉନସୁଗର କାରବାର କରୁଥିବା ଦିଲ୍ଲୀପ ପ୍ରଧାନ ଓ କାହ୍ନା ନାୟକକୁ ଗିରଫ କରିଥିଲା । ଦୁହେଁ ପୁଡିଆ ତିଆରି କରି ସେଠାରେ ଅଟୋରେ ବସି ବ୍ରାଉନସୁଗର କାରବାର କରୁଥିଲେ । ପୁଡିଆ ହୋଇଥିବା ୨୦ଗ୍ରାମ୍ ବ୍ରାଉନସୁଗରକୁ ପୋଲିସ ଜବତ କରିବା ସହ ଦୁହେଁ କାରବାରରେ ବ୍ୟବହାର କରୁଥିବା ଅଟୋକୁ ମଧ୍ୟ ଜବତ କରାଯାଇକଛି । ଗିରଫ ଦିଲ୍ଲୀପ ଓ କାହ୍ନାକୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଦୁହିଁଙ୍କ ଘର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କାର୍‌ଗିଲ୍ ବସ୍ତିରେ ବୋଲି ପୋଲିସ କହିଛି ।

## ୩ ମୋବାଇଲ ଜବତ, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ପୋଲିସ ଜଣେ ଲୁଟେରାକୁ ଗିରଫ କରିବା ସହ ତା'ନିକଟରୁ ୩ଟି ଲୁଟ୍ ମୋବାଇଲ ଜବତ କରିଛି । ଅବକାଶ ସାହୁ ନାମକ ଜଣେ ଯୁବକ ମାଷ୍ଟରକ୍ୟାଣ୍ଟିନ ମୋ ବସ୍ ଷ୍ଟପ୍ ପଛ ପାଖରେ କେତେଗୁଡିଏ ଚୋରା ମୋବାଇଲ ଫୋନ୍ କମ୍ ଦାମ୍‌ରେ ବିକ୍ରି କରିବା ଲାଗି ଗ୍ରାହକମାନଙ୍କ ସହ ଯୋଗାଯୋଗ କରୁଥିଲା । ଏହି ଖବର କ୍ୟାପିଟାଲ ଥାନା ପୋଲିସ ପାଇବା ପରେ ସାନ୍ଧ୍ୟ ପାଟ୍ରୋଲିଂ ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତ ଅବକାଶକୁ କାବୁ କରିନେଇଥିଲା । ପୋଲିସ ଅଭିଯୁକ୍ତ ଅବକାଶ ନିକଟରୁ ତିନୋଟି ମୋବାଇଲ ଫୋନ୍ ଜବତ କରିବାରେ ସମର୍ଥ ହେଲା । ଯାହାର ମୂଲ୍ୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି । ଏହି ମୋବାଇଲ ଲୁଟେରା ଅବକାଶ ରେଳ ଷ୍ଟେସନ ଓ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଲୁଟ୍ କରିଥିବା ପୋଲିସରେ କହିଛି । ପୋଲିସ ଅବକାଶକୁ ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅବକାଶ ଘର ନୟାଗଡ ଜିଲ୍ଲାରେ ହୋଇଥିବା ବେଳେ ସେ ରେଳଷ୍ଟେସନ ଅଞ୍ଚଳରେ ରୁହେ ବୋଲି ପୋଲିସ କହିଛି ।

# କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ଅଖିମୁଠି ଅନୁକୂଳ

## ସଂକଳ୍ପ, ସଂଘର୍ଷ ଦ୍ୱାରା ଚାଷୀଙ୍କ ହକ ପାଇଁ ଲଢ଼େଇ କରିବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କିଷାନ କଂଗ୍ରେସର ମିଳିତ ଆନୁକୂଲ୍ୟରେ ପାରମ୍ପରିକ ରୀତିରେ କ୍ଷେତରେ ଅଖିମୁଠି ଅନୁକୂଳ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁର ଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ ଉତ୍ସବରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରମ୍ପରିକ ରୀତିରେ କ୍ଷେତରେ ଭୂମିପୂଜା କରିବା ସହିତ ଅକ୍ଷିମୁଠି ଅନୁକୂଳର ଶୁଭାରମ୍ଭ କରିଥିଲେ।



ଏହି ଅବସରରେ ସଭାପତି ଶ୍ରୀ ଦାସ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଅକ୍ଷୟ ତୃତୀୟାର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କର ହକ୍ ପୂରଣ କରିବା ଏକାନ୍ତ ଜରୁରୀ ବୋଲି ସେ କହିଥିଲେ। ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ। ଉଦ୍‌ବୋଧନ ଦେଇ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଏଆଇସିସି ସମ୍ପାଦକ ଓଡ଼ିଶା ସହ ପ୍ରଭାରୀ ସାହାନୱାଜ ଚୌଧୁରୀ, ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟ ଦିବସର ମହନୀୟତା ଓ କୃଷକ ସମାଜର ପ୍ରଗତୀ ପାଇଁ କଂଗ୍ରେସ ଦଳ ଅତିତରେ ଗ୍ରହଣ କରିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନନ୍ଦ ରାୟ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ୟାସିର ନୱାଜ, କିଶୋର ଜେନା, ଅଶୋକ ଦାସ, ଗିତାଞ୍ଜଳି ମହାନ୍ତି, ରଜନୀ ମହାନ୍ତି, ଦୀପକ କୁମାର ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କଲେ ୟୁରୋ ସ୍କୁଲ ଅଧ୍ୟକ୍ଷ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା ଓଡିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପତିଙ୍କ ସହିତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଇନଜୀବୀ ତଥା ଛତ୍ରପୁର ୟୁରୋ ସ୍କୁଲର ଅଧ୍ୟକ୍ଷ ରଞ୍ଜନ କୁମାର ମହପାତ୍ର ଆଲୋଚନା କରିଛନ୍ତି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡିଶାର ରାଜ୍ୟପାଳଙ୍କ ସହିତ ୪ ଜଣ ନାଗରିକ ସମାଜଙ୍କ ସହିତ ସ୍ୱତନ୍ତ୍ର ଆଲୋଚନାର କାର୍ଯ୍ୟକ୍ରମ ରହିଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଗୋପାଳପୁର ସ୍ୱତନ୍ତ୍ର ସର୍କିଟ ଗୃହ ଠାରେ ରାଜ୍ୟପାଳ ଡଃ ହରିବାବୁ କୁମ୍ଭମପତିଙ୍କ ସହିତ ୟୁରୋ ସ୍କୁଲର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ସରକାରୀ ସ୍କୁଲ ଗୁଡିକରେ ଗଣିତ ଓ ଇଂରାଜୀରେ ଛାତ୍ରଛାତ୍ରୀଙ୍କ ଦକ୍ଷତା କିପରି ବିକାଶ ପାଇପାରିବ, ଜିଲ୍ଲାର ଉପକୂଳବର୍ତୀ ଜନବସତି ଅଂଚଳ ଏବଂ ଚାଷଜମିକୁ ଗୁଡିକରେ ଲୁଣି ପାଣି ଯୋଗୁଁ ପିଇବା ଓ ଚାଷ କ୍ଷେତ୍ରରେ ସମସ୍ୟା ଘଟୁଛି । ଏଣୁ ସମୁଦ୍ର ପାଣିକୁ ବିଶୁଦ୍ଧ କରି ଜଳଯୋଗାଣ ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବା, ଜିଲ୍ଲାରେ ବହୁ ସଂଖ୍ୟାରେ ମସ୍ୟଜୀବୀ ପରିବାର ତଥା ଗାଁ ରହିଛି ସେମାନଙ୍କ ଜୀବନ ଜୀବିକା କ୍ଷେତ୍ରରେ ଉତ୍ତମ ମାଛମରା ଜେଟି ନିର୍ମାଣ କରାଯିବା କ୍ଷେତ୍ରରେ ପଦକ୍ଷେପ ନେବା। ଏଥିସହ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଡିଆରଡିଏ ଛକ ଓ କଲେଜ ଛକ ଜାତୀୟ ରାଜପଥ ଠାରେ ଫ୍ଲାଏଓଭର ନିର୍ମାଣ କରାଗଲେ ଦୈନିକ ଦୁର୍ଘଟଣାରୁ ଜନସାଧାରଣ ବର୍ତ୍ତି ପାରିବେ । ଏହି ଦୁଇଛକ ଜାତୀୟ ରାଜପଥ ଦେଇ ଦୈନିକ ଛାତ୍ରଛାତ୍ରୀଙ୍କ ଠାରୁ ହଜାର ହଜାର ଲୋକଙ୍କ ଯାତାୟତ ହୋଇଥାଏ । ଜାତୀୟ ରାଜପଥ ଦେଇ ୩ ଟି ବଡ ବଡ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ କାରଖାନା ରହିଛି । ଏଣୁ ଜନସାଧାରଣଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଦୁଇଟି ସ୍ଥାନରେ ଫ୍ଲାଏଓଭର ନିତାନ୍ତ ଆବଶ୍ୟକ ରହିଛି । ସେହିପରି ଓଡିଶା ସରକାର ନିକଟରେ ଶୁଭାରମ୍ଭ କରିଥିବା ଆୟୁଷ୍ମାନ ଯୋଜନାରେ ଜନସାଧାରଣ କିପରି ସଠିକ୍ ଭାବେ ଉପକୃତ ହୋଇପାରିବେ ଯଥା– ଆୟୁଷ୍ମାନ୍ କାର୍ଡରେ ଚିକିତ୍ସା ବେଳେ ଓଟିପି ସମସ୍ୟାରୁ ନିବୃତ ଏବଂ କ୍ୟାସ୍ ଲେସ୍ ବ୍ୟବସ୍ଥା କରାଗଲେ ରୋଗୀ ତଥା ରୋଗୀ ସଂପର୍କୀୟ ଉପକୃତ ହୋଇପାରିବେ ବୋଲି ୟୁରୋ ସ୍କୁଲର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ରାଜ୍ୟପାଳଙ୍କ ସହିତ ଆଲୋଚନା ବେଳେ ଉପରୋକ୍ତ ବିଷୟକୁ ନେଇ ପ୍ରସ୍ତାବ ରଖିଥିଲେ । ଏହାସହିତ ଆଉ ୩ ଜଣ ନାଗରିକ ସମାଜ କାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ, ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଲୋକନାଥ ମିଶ୍ର ଏବଂ ଗ୍ରାମ୍ୟ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲ୍ଲା ପ୍ରବନ୍ଧକ ଶରତ ଚନ୍ଦ୍ର ମହାନ୍ତି ମଧ ରାଜ୍ୟପାଳଙ୍କ ସହିତ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ ।

## ଗରିବଙ୍କୁ ଉତ୍ତମ ସେବା ଯୋଗାଇ ଚର୍ଚ୍ଚାରେ ଡାକ୍ତର ଐଶ୍ୱର୍ଯ୍ୟ ରାୟ

# ସ୍ୱାସ୍ଥ୍ୟ ମନ୍ତ୍ରୀ କଲେ ସମ୍ମାନିତ

ବାରିପଦା, (ସବ୍ୟୁ) : କୁହାଯାଏ ଡାକ୍ତର ଭଗବାନଙ୍କ ବେଶରେ ଆସି ରୋଗୀଙ୍କ ଚିକିତ୍ସା କରିଥାନ୍ତି। ବିପତ୍ତି ସମୟରେ ଡାକ୍ତର ହିଁ ଏକମାତ୍ର ସାହା ଭରସା ଯାହାକି ଏଡାଇ ଦିଆଯାଇପରିବ ନାହିଁ। ଯିଏ ଗରିବ ଦୁଃଖିଙ୍କ ଦୁଃଖରେ ଛିଡା ହୋଇ ବିନା ମୂଲ୍ୟରେ ସେବା ଯୋଗାଇଥାଏ ତାକୁ ଲୋକେ ଭଗବାନ ବୋଲି ମାନନ୍ତି। ଲୋକଙ୍କୁ ନିରନ୍ତର ନିଃସ୍ୱାର୍ଥପର ସେବା ଯୋଗାଇବା ସହ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମାହାଲିଂଙ୍କ ଠାରୁ ସମ୍ମାନୀତ ହେଇଛନ୍ତି ବାରିପଦା ସହରର ଡାକ୍ତର ଲକ୍ଷ୍ମୀକାନ୍ତ ପତି ଓ ଡାକ୍ତର ଅଞ୍ଜଳି ପଣ୍ଡାଙ୍କ ସୁପୁତ୍ର ଡାକ୍ତର ଐଶ୍ୱର୍ୟ ରାୟ ପତି । ଭୁବନେଶ୍ୱର ସ୍ଥିତ ମେଫେୟାର୍ ହୋଟେଲ ଠାରେ ଓଡ଼ିଶା ଭାସ୍କର କନକ୍ଲେଭ ଆଇଡିଆଜ କାର୍ଯ୍ୟକ୍ରମ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଚସ୍ପତିଙ୍କ ସମତେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ପ୍ରାନ୍ତରୁ ସ୍ୱାସ୍ଥ୍ୟ, ଶିକ୍ଷା, ସମାଜସେବା, ବ୍ୟବସାୟରୁ ନିଜ କ୍ୟାରିୟର ଗଢି ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିଥିଲା। ସେଥିମଧ୍ୟରୁ ଯୁବ ଡାକ୍ତର ଡାକ୍ତର ଐଶ୍ୱର୍ୟ ରାୟ ପତି ଅତି କମ୍ ସମୟରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଖ୍ୟାତି ଅର୍ଜନ କରିଛନ୍ତି। ଅତି କମ୍ ବୟସରେ ବିରଳ ଅସ୍ତ୍ରୋପଚାର କରି ମରଣ ମୁହଁରୁ ଲୋକଙ୍କୁ ଆଣିଛନ୍ତି ଯୁବ ଡାକ୍ତର। ସେ ବିଭିନ୍ନ ସମୟରେ ମାଗଣା ଆଖି ଚିକିତ୍ସା କରିବା ସହ ଲୋକଙ୍କୁ ମାଗଣା ଲେନ୍ସ, ଚଷମା ଓ ଔଷଧ ପ୍ରଦାନ କରିଥାନ୍ତି। ବହୁ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ମାନ କରି ଲୋକଙ୍କୁ ଲୋକଙ୍କୁ ମାଗଣା ସେବା ଯୋଗାଇବା ସହ ଲୋକେ କିପରି ସୁସ୍ଥ ରହିବେ ସେ ନେଇ ଉପଦେଶ ମଧ




ଦେଇଥାନ୍ତି। ଖାଲି ସେତିକି ନୁହେଁ ରକ୍ତର ଅଭାବକୁ ଆଖିଆଗରେ ରଖି ଅନେକ ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ କରିଥାନ୍ତି। ତାଙ୍କ ସାଇ ହସ୍ପିଟାଲକୁ ଆସୁଥିବା ଗରିବ ଦୁଃଖୀ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରିବା ସହ ଔଷଧ ଓ ଖାଇବା ମଧ ମାଗଣାରେ ପ୍ରଦାନ କରିଥାନ୍ତି। ହସ୍ପିଟାଲ ସମ୍ଭାଳିବା ସହ ଅନେକ ଧର୍ମ କାର୍ଯ୍ୟରେ ମଧ ନିଜକୁ ନିୟୋଜିତ କରିଥାନ୍ତି ଯୁବ ଡାକ୍ତର ଶ୍ରୀ ପତି। ଖରାଦିନରେ ଜଳଛତ୍ର ଖୋଲିବା, ରୋଗୀଙ୍କୁ ଶୁଖିଲା ଖାଦ୍ୟ ଯୋଗାଇବା, ବସ୍ତ୍ର ପ୍ରଦାନ କରିଥାନ୍ତି। ଅତି କମ୍ ବୟସରୁ ମାଆ ଓ ବାପାଙ୍କ ଚଲାପଥରେ ଆଗେଇ ଆଜି ସେ ମୟୂରଭଞ୍ଜ ଜିଲ୍ଲାର ଅତି ପରିଚିତ ଡାକ୍ତର ଭାବେ ବେଶ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତିବର୍ଷ ଅନେକ ଗରିବ ଲୋକଙ୍କୁ ତାଙ୍କ ଝିଅର ବିବାହ ଖର୍ଚ୍ଚ ପାଇଁ ସାହାଯ୍ୟର ହାତ ବଢ଼ାଇ ଥାଆନ୍ତି। ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ସମ୍ମାନୀତ ହୋଇ ସେ ପ୍ରକାଶ କରିଥିଲେ ଏହା ମୋ ପାଇଁ ପ୍ରେରଣା ଯୋଗାଇବ।

# ଆଦିବାସୀଙ୍କ ଜମି ପଟ୍ଟାରେ ବେଆଇନ ସଂଶୋଧନ ବନ୍ଦ କରାଯାଉ : ଭାରତ ମୁଣ୍ଡା ସମାଜ

ବାରିପଦା, (ସବ୍ୟୁ) : ଭାରତ ମୁଣ୍ଡା ସମାଜର ଏକ ପ୍ରତିନିଧି ଦଳ ଓ ଶାମାଖୁଣ୍ଟା ବ୍ଲକ୍‌ର ଆଦିବାସୀ ଜନସାଧାରଣ ମୟୂରଭଞ୍ଜର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବି କରିଛନ୍ତି ଯେ, ଆଦିବାସୀମାନଙ୍କ ସମ୍ପତ୍ତିର ଉତ୍ତରାଧିକାରୀଭାବେ ତାଙ୍କର ପୁତ୍ର ସନ୍ତାନମାନେ ହିଁ ସମ୍ପତ୍ତିର ମାଲିକ ଆବହମାନ କାଳରୁ ହେଇଆସୁଛନ୍ତି। ଯେଉଁ ଆଦିବାସୀ ପିତାମାନଙ୍କର ପୁତ୍ର ସନ୍ତାନ ନାହାନ୍ତି, ସେ ପରିବାରରେ ତାଙ୍କର ଝିଅମାନେ ସମ୍ପତ୍ତିର ଉତ୍ତରାଧିକାରୀ ହୋଇପାରିବେ। ଯାହାକି କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାରମାନେ ଏହି ନିୟମକୁ ଆଜି ପର୍ଯ୍ୟନ୍ତ ମାନିବା ସହିତ, ଏହି ନିୟମକୁ କାର୍ଯ୍ୟକାରୀ କରିଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ଆଜିର ଓଡ଼ିଶା ସରକାର କେଉଁ ନିୟମ ବଳରେ ତାଙ୍କର ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନଙ୍କୁ ଆଦିବାସୀମାନଙ୍କ ଜମି ପଟ୍ଟାରେ ବେଆଇନ ଭାବେ ସଂଶୋଧନ କରି ମୃତ ପିତାମାତାଙ୍କ ପୁଅମାନଙ୍କ ସହିତ ଝିଅମାନଙ୍କ ନାମକୁ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ପଟ୍ଟାରେ ଉଲ୍ଲେଖ କରୁଛନ୍ତି। ଯାହାକି ଆଦିବାସୀ ସମ୍ପତ୍ତିର ପାରମ୍ପାରିକ ନିୟମକୁ ସମ୍ପୂର୍ଣ୍ଣ ରୂପେ ଉଲଂଘନ କରୁଛି। ଆଦିବାସୀ ସମାଜରେ ପୁଅମାନେ ହିଁ ପୈତୃକ ସମ୍ପତ୍ତିର ଅଧିକାରୀ ଅଟନ୍ତି। ମୃତ ବ୍ୟକ୍ତିଙ୍କର ପୁଅମାନେ ଥାଉ ଥାଉ ତାଙ୍କର ଝିଅମାନେ ସମ୍ପତ୍ତିର ଉତ୍ତରାଧିକାରୀ ହୋଇପାରିବେ ନାହିଁ। କିନ୍ତୁ ବର୍ତ୍ତମାନ ବିଗତ ସପ୍ତାହରୁ ମୟୂରଭଞ୍ଜ ଜିଲ୍ଲାରେ ଲୁଚାଛପା ଓ ଅଘୋଷିତ ଭାବେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନେ ବେଆଇନ ଭାବେ ଆଦିବାସୀମାନଙ୍କ ଜମି ପଟ୍ଟାରେ ସଂଶୋଧନ ବା ଜମି ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ କରି ମୃତବ୍ୟକ୍ତି ମାନଙ୍କର ଉତ୍ତରାଧିକାରୀ ଭାବେ ପୁଅମାନଙ୍କ ସହିତ ଝିଅମାନଙ୍କୁ ମଧ ଜମି ପଟ୍ଟାରେ ସାମିଲ କରୁଛନ୍ତି। ଏହିଭଳି ଭୁଲ ନିଷ୍ପତ୍ତି ଦ୍ୱାରା ଆଦିବାସୀ ଭାଇମାନେ ତାଙ୍କ ନିଜ ଭଉଣୀମାନଙ୍କ ସହିତ ସବୁଦିନ ଝଗଡ଼ା କରିବେ ଓ ଥାନା ଓ ଅଦାଲତରେ ଘାଣ୍ଟି ଚକଟି ହେବେ ଓ କୋର୍ଟ କଚେରୀରେ ମଧ ମାମଲା ଅତ୍ୟଧିକ ବୃଦ୍ଧି ହେବ। ତାଙ୍କ ଭିତରେ ସୁସମ୍ପର୍କ ଖରାପ ହୋଇ ହିଂସାତ୍ମକ ଓ ନୃଶଂସ କାଣ୍ଡର ସୂତ୍ରପାତ ହେବ। ଏହାଦ୍ୱାରା ଆଦିବାସୀମାନେ ବର୍ବାଦ, ସର୍ବନାଶ ଓ ଧ୍ୱଂସ ହୋଇଯିବେ ଏବଂ ଥାନା, କୋର୍ଟ ଓ କଚେରିକୁ ଦୌଡ଼ି ଦୌଡ଼ି ଦାରିଦ୍ରତାର ଚକ୍ରବ୍ୟୁହରେ ପଡ଼ି ହତାଶ ହୋଇ ଅକାଳରେ ମୃତ୍ୟୁବରଣ କରିବେ। ଆଦିବାସୀ ମାନଙ୍କୁ ତଳିତଳାନ୍ତ କରି ମାରିବାର ଏହି ଷଡ଼ଯନ୍ତ୍ରକୁ ଭାରତ ମୁଣ୍ଡା ସମାଜ ତୁରନ୍ତ ବନ୍ଦ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଶ୍ୟାମାଖୁଣ୍ଟା ତହସିଲଦାରଙ୍କୁ ସାକ୍ଷାତ କରି ଦୃଢଭାବେ ଦାବି କରି ପୃଥକ ପୃଥକ ଭାବେ ଦାବିପତ୍ର ଦାଖଲ କରିଛନ୍ତି। କିଏ ପୈତୃକ ସମ୍ପତ୍ତିର ଅଧିକାରୀ ହେବେ, ତାହା ଆଦିବାସୀ ମାନେ ଗାଁର ଗ୍ରାମସଭାରେ ବସି ସମସ୍ତେ ଆଲୋଚନା କରି ନିଷ୍ପତ୍ତି ନିଅନ୍ତି। ବର୍ତ୍ତମାନ ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନେ ଆଦିବାସୀମାନଙ୍କର ଏହି ପାରମ୍ପରିକ ଉତ୍ତରାଧିକାରୀ ନିୟମକୁ ଭାଙ୍ଗି ବେଆଇନ ଭାବେ ପୁଅମାନେ ଥାଉ ଥାଉ ଝିଅମାନଙ୍କୁ ମଧ ଜମିର ଉତ୍ତରାଧିକାରୀ କରୁଛନ୍ତି। ଭାରତ ମୁଣ୍ଡା ସମାଜ ଆଜି ପ୍ରଶ୍ନ ଉଠାଉଛି ଯେ ୧୯୫୦ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ୭୫ବର୍ଷର ଦୀର୍ଘ ଅନ୍ତରାଳରେ କଂଗ୍ରେସ ଓ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ସମୟରେ ଏହିଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି କେବେ ବି ନିଆଯାଇନାହିଁ। ବର୍ତ୍ତମାନର ରାଜ୍ୟ ବିଜେପି ସରକାର ସମୟରେ ଆଦିବାସୀମାନଙ୍କ ଜମିକୁ ଝିଅମାନଙ୍କୁ ହସ୍ତାନ୍ତର କରିବା କିମ୍ବା ଉତ୍ତରାଧିକାରୀ କରିବା ଭଳି ଏତେ ବଡ଼ ଭୁଲ ସଂଶୋଧନ ବା ଜମି ବନ୍ଦୋବସ୍ତ ଯୋଜନାକୁ ଏପର୍ଯ୍ୟନ୍ତ ନୁଆ ଓଡ଼ିଶା ସରକାର ବିଧାନସଭାରେ, କ୍ୟାବିନେଟ୍‌ରେ ଓ ଟ୍ରାଇବାଲ ଆଡଭାଇଜରି କାଉନସିଲ୍‌ରେ ଆଲୋଚନା କରିନାହାନ୍ତି। ଏ ବିଷୟରେ ନୁଆ ବିଜେପି ରାଜ୍ୟ ସରକାର କୌଣସି ଆଦିବାସୀ ଜମି ଉତ୍ତରାଧିକାରୀ ସଂଶୋଧନ ବିଲ ବିଧାନସଭାରେ ମଧ ଆଗତ କରିନାହାନ୍ତି। ଅଥଚ କେଉଁ ଆଇନ ବଳରେ ଆଦିବାସୀମାନଙ୍କ ଜମି ପଟ୍ଟାରେ ସଂଶୋଧନ କରିଚାଲିଛନ୍ତି। ତେଣୁ ଭାଇମାନେ ଥାଉଥାଉ ତାଙ୍କ ଭଉଣୀମାନଙ୍କୁ ଆଦିବାସୀ ଜମିରେ ଉତ୍ତରାଧିକାରୀ କରିବାର ଭୁଲ ନିଷ୍ପତିକୁ ତୁରନ୍ତ ବନ୍ଦ କରିବା ପାଇଁ ଭାରତ ମୁଣ୍ଡା ସମାଜର ପ୍ରତିନିଧ ସର୍ବଶ୍ରୀ ରବିନ୍ଦ୍ରନାଥ ସିଂ ସଭାପତି ଭାରତ ମୁଣ୍ଡା ସମାଜ ରାଜ୍ୟସଭାପତି, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ରାଜ୍ୟ ସମ୍ପାଦକ ବାଇଧର ସିଂ ଓ ବିଜୟ କୁମାର ସିଂ ତଥା ରାଜ୍ୟ ଯୁବ ସଭାପତି ସବରନ ସିଂ ସାଙ୍ଗକୁ ଶ୍ୟାମାଖୁଣ୍ଟା ବ୍ଲକର ଆଦିବାସୀ ନେତୃବୃନ୍ଦ ଦୃଢ ଭାବେ ଦାବି ଜଣାଇଛନ୍ତି। ଏହି ଅନ୍ୟାୟମୂଳକ ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରାନଗଲେ ଏହା ବିରୁଦ୍ଧରେ ରାଜ୍ୟବ୍ୟାପି ଜନଜାଗୃତି ଓ ଜୋରଦାର ଆନ୍ଦୋଳନର ସୂତ୍ରପାତ ହେବ।

# ଗୋଳନ୍ଥରା ଅକ୍ଷୟ ତୃତୀୟା ଉତ୍ସବରେ ରାଜ୍ୟପାଳ

ବ୍ରହ୍ମପୁର, (ସବ୍ୟୁ): ଆଜି ହେଉଛି ପବିତ୍ର ଅକ୍ଷୟ ତୃତୀୟା । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଗୋଳନ୍ଥରାରେ ଅକ୍ଷୟ ତୃତୀୟା ପାଳିତ ହୋଇଛି । ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ଅକ୍ଷିମୁଠି ଅନୁକୁଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ରାଜ୍ୟପାଳ ଡଃ. ହରିବାବୁ କମ୍ଭମପତି । ପାରମ୍ପାରିକ ଭାବେ ପୂଜାର୍ଚ୍ଚନା କରିବା ପରେ ରାଜ୍ୟପାଳ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅକ୍ଷିମୁଠି ଅନୁକୁଳ କରିଥିଲେ। ଏହାପରେ ନିକଟରେ ଥିବା ସଭାସ୍ଥଳରେ ଯୋଗଦେଇ ନିଜର ଅଭିଭାଷଣ ରଖିଛନ୍ତି ରାଜ୍ୟପାଳ ଡଃ. ହରିବାବୁ କୁମ୍ଭମପତି । କୃଷି ମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ନେଇଛନ୍ତି । ଅତ୍ୟାଧୁନିକ ଓ ବୈଜ୍ଞାନିକ ପଦ୍ଧତିରେ କିଭଳି ଚାଷ କାର୍ଯ୍ୟକୁ ଆଗେଇ ନିଆଯାଇପାରିବ ସେ ନେଇ କୃଷି ବିଭାଗ ସର୍ବଦା ଚେଷ୍ଟିତ । ଏନେଇ କୃଷକ ମାନଙ୍କୁ ମଧ ବିଭିନ୍ନ ସମୟରେ ତାଲିମ ଦିଆଯାଉଛି । ଆଜି ଭଳି ଏକ ପବିତ୍ର ଦିନରେ କୃଷକ ମାନଙ୍କର ଉତ୍ତରୋତ୍ତର ଉନ୍ନତି ହେଉ ବୋଲି କହିଥିଲେ ରାଜ୍ୟପାଳ । ଏହାସହ ଦୁଇ ଚାଷୀଙ୍କୁ ମଧ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୃଷିଙ୍କୁ କିଭଳି ସୁବିଧା ସୁଯୋଗ ଦିଆଯାଉଛି ସେ ନେଇ କେନ୍ଦ୍ରକୁ ବୁଲି ଦେଖିଥିଲେ ରାଜ୍ୟପାଳ । ଆଜିର ଦିନରେ କୃଷକ ମାନଙ୍କୁ ମଧ ପିଏମ କିଷାନ ଓ ସିଏମ କିଷାନ ଜରିଆରେ ସହାୟତା ବଣ୍ଟନ କରାଯାଇଛି । ଚାଷୀଙ୍କ ହିତ ପାଇଁ ବିଜେପି ସରକାର ସଦାସର୍ବଦା କାମ କରୁଛି ବୋଲି କହିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଦୀନା ଦସ୍ତାଗୀରଙ୍କ ସମେତ କୃଷି ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ରଙ୍ଗେଇଲୁଣ୍ଡା ବ୍ଲକର ଶତାଧିକ ଚାଷୀ ଙ୍କ ସହ ବରିଷ୍ଠ ବିଜେପି ନେତା ଗଙ୍ଗାଧର ଶତପଥୀ, ବିନୋଦ ମିଶ୍ର, ରାଜେଶ କୁମାର ସାହୁ, ସୁନୀଲ କୁମାର ସାହୁ, ଜଗମୋହନ ପାତ୍ର, ଗୋଳନ୍ଥରା ମଣ୍ଡଳ ସଭାପତି ସନତ କୁମାର ନାୟକ, ବିକ୍ରମ ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

# ସିଆରଆରଆଇରେ ଅକ୍ଷି ମୁଠି ଅନୁକୂଳ



କଟକ, (ସ୍ୱପ୍ର): ଆଜି ପବିତ୍ର ଶୁକ୍ଳ ପକ୍ଷ ତୃତୀୟା ବା ଅକ୍ଷି ତୃତୀୟା । ଅମୃତ ବେଳାରେ ଆମ ରାଜ୍ୟର ଚାଷୀ ଭାଇ ମାନେ ଅକ୍ଷିମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ଦିବସ ପୁରପଲ୍ଲୀରେ ବଡ ଉତ୍ସାହର ସହିତ ପାଳିତ ହେଉଥିବା ବେଳେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ କଟକ ଠାରେ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏମ.ଜେ. ବେଗଙ୍କ ସହିତ ସମସ୍ତ ବିଭାଗର ମୁଖ୍ୟ, ଫାର୍ମର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଫାର୍ମ ସୁପରିଟେଣ୍ଡେଣ୍ଟ ପ୍ରମୁଖ ଅନୁଷ୍ଠାନର ଫାର୍ମରେ ପାରମ୍ପରିକ ଅକ୍ଷି ମୁଠି ଅନୁକୂଳ କରିଥିଲେ। ପାରମ୍ପରିକ ରୀତିରେ ପୂଜାପାଠ ପରେ ବିହନ ଅନୁକୂଳ କରାଯାଇଥିଲା । ଏଥିରେ ଅନୁଷ୍ଠାନର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଲୋକଙ୍କୁ ଠକୁଥିବା ନକଲି ଆର୍ମି କର୍ମଚାରୀ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ନକଲି ଆର୍ମି କର୍ମଚାରୀ ସାଜି ଲୋକଙ୍କୁ ଠକିବା ସହ ସେମାନଙ୍କ ଠାରୁ ଅର୍ଥ ଆଦାୟ କରୁଥିଲେ। ଶେଷରେ ବ୍ରହ୍ମପୁର ପୋଲିସ ହାବୁଡ଼ରେ ଧରାପଡିଛନ୍ତି। ଅଭିଯୁକ୍ତ ଜଣଙ୍କ ନିଜକୁ ପଞ୍ଜାବ ଅମୃତସର ଜିଲା ବାଘା ବୋର୍ଡର ରାଜୁ ସନ୍ତ୍ରା (୪୦) ବୋଲି କହିଛନ୍ତି। ତାହା କେତେଦୂର ସତ୍ୟ ତାହା ପୋଲିସ ଏବେ ସୁଦ୍ଧା ଜାଣିପାରୁନାହିଁ। ପୋଲିସ ତାଙ୍କ ନିକଟରୁ ଭାରତୀୟ ଆର୍ମି ଲୋଗୋ ଥିବା ପୋଷାକ, ଗୁଜରାଟ ପୋଲିସ ଲୋଗ ଥିବା ପରିଚୟ ପତ୍ର ଜବତ କରିଛି। ଏପରିକି ତାଙ୍କୁ ଜେରା ବେଳେ ସେ ପଞ୍ଜାବ ୱାଘା ବର୍ଡରରେ କାମ କରୁଥିବା ବେଳେ ଗୋପାଳପୁର ଆର୍ମି ଏଡି କଲେଜକୁ ଡ୍ୟୁଟିରେ ଆସିଥିବା କହିଥିଲେ। ଯାହାକୁ ନେଇ ସ୍ଥାନୀୟ ପୋଲିସ ସେଠାକାର ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କୌଣସି ଆର୍ମି ବିଭାଗରେ କାମ କରୁନଥିବା ଯାଞ୍ଚ ବେଳେ ସ୍ଥାନୀୟ ପୋଲିସ ଜାଣିବାକୁ ପାଇଥିଲା। ସେ ନକଲି ବୋଲି ଜଣାପଡିବା ପରେ ତାଙ୍କୁ ବୁଧବାର ଗିରଫ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ଣ୍ଣା ବିବେକ ଏମ କହିଛନ୍ତି। ଟାଉନ ଥାନା ପୋଲିସ ମାମଲା ନଂ ୧୫୩/୨୫ ରେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ବ୍ୟବହାର କରୁଥିବା ନକଲି ଆର୍ମି ପୋଷାକ, ଗୁଜରାଟ ପୋଲିସ ଲୋଗୋ ଥିବା ପରିଚୟ ପତ୍ର ଜବତ କରାଯାଇଛି। ପ୍ରକାଶ ଯେ, ଗତ ୨୮ ତାରିଖ ବ୍ରହ୍ମପୁରରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଗାନ୍ଧିନଗରରେ ଜଣେ ବ୍ୟକ୍ତି ନିଜକୁ ପଞ୍ଜାବ ୱାଘା ବର୍ଡର ଆସିଥିବା କହିବା ସହ ଇଣ୍ଡିଆନ ଆର୍ମି ପୋଷାକ ପିନ୍ଧିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ତାଙ୍କର ଚାଲିଚଳଣ ଓ ବ୍ୟବହାର ଉପରେ କିଛି ଲୋକଙ୍କ ସନ୍ଦେହ ହୋଇଥିଲା। ଲୋକମାନେ ତାଙ୍କୁ ଧରି ଆଣି ଟାଉନ ଥାନା ପୋଲିସ ଜିମାରେ ଦେଇଥିଲେ। ପରେ ପୋଲିସ ବିଭିନ୍ନ ଦିଗରୁ ଯାଞ୍ଚ ପରେ ସେ ଜଣେ ନକଲି ଇଣ୍ଡିଆନ ଆର୍ମି କର୍ମଚାରୀ ବୋଲି ଜାଣିବାକୁ ପାଇଥିଲା।

# ବୃନ୍ଦାବନ ପ୍ୟାଲେସରେ ପବିତ୍ର ଅକ୍ଷୟ ତୃତୀୟା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ସ୍ଥିତ ବି.ଏନ୍ ପେଲେଶ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ଚାଷ ଜମିରେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇ ଅଖି–ମୁଠି ଅନୁକୂଳ କରାଯାଇଥିଲା। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଦାଶରଥି ଗମାଙ୍ଗ, ବିଧାୟକ ମୋହନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ଗଜପତି, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଡ଼େକ, ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି, ସୁଶାନ୍ତ ରଞ୍ଜନ ଦାସ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଗଜପତି, ଡ଼ାକ୍ତର ରମାକାନ୍ତ ରଣା,ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଗଜପତି ଏଥିରେ ଯୋଗଦେଇ ଚାଷ ଜମିରେ ଧାନ ବୁଣିବା ସହ ଜମିରେ ହଳ ନଙ୍ଗଳ ବୁଲାଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଡେକ୍ ଅକ୍ଷୟ ତୃତୀୟାର ଗୁରୁତ୍ୱ ଓ ଚାଷ କାର୍ଯ୍ୟ କୃଷି ଆନୁଷଙ୍ଗିକ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି କୃଷି କାର୍ଯ୍ୟ କରିବା ପାଇଁ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ସଚେତନତା କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ ଯୋଗଦେଇ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ ଏବଂ ଫୁଲ, ଫଳ, ଛତୁ ଓ ବିଭିନ୍ନ ପରିବା ଇତ୍ୟାଦି ଚାଷୀ ଭାଇଭଉଣୀ ମାନଙ୍କୁ ବିଭିନ୍ନ ଦିଗ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍. ବୀରରାଜୁ, ଅଧକ୍ଷ, ପଞ୍ଚାୟତ ସମିତି ଗୋସାଣୀ, ସୁନେମୀ ମଣ୍ଡଳ, ଅଧକ୍ଷା,ପଞ୍ଚାୟତ ସମିତି ଗୁମ୍ମା, ଲକ୍ଷ୍ମୀ ନାରାୟଣ ଶବର,ଅଧକ୍ଷ, ପଞ୍ଚାୟତ ସମିତି ଆର.ଉଦୟଗିରି , ଏମ. ସୁଧାରାଣୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର ଓ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଜିଲ୍ଲା କୃଷକ ସଭାପତି ଗଜପତି ପ୍ରମୁଖ ମଞ୍ଚାସିନ ନିଜ ନିଜ ଅଭିଭାଷଣ କହିଛନ୍ତି ଯେ ସରକାରଙ୍କ ଦ୍ୱାରା ସମସ୍ତ ଜନହିତକରୀ ଯୋଜନାର ଚାଷୀ ମାନଙ୍କ ନିକଟରେ ଠାରେ ସରକାରୀ କାର୍ଯ୍ୟକ୍ରମ ପହଞ୍ଚାଇବାକୁ କହିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ହରିହର ସେଠ୍, ଉପନିବନ୍ଧକ ସମବାୟ ସମିତି ବିଭାଗ ଗଜପତି, ରେବତୀ ମୋହନ ରାଉତ, ସେକ୍ରେଟାରୀ, ଆରଏମସି, ଗଜପତି ସହକାରୀ କୃଷି ଅଧିକାରୀ ସଂଘମିତ୍ରା ପ୍ରଧାନ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ କେ.ସୁରଜ ପାତ୍ର ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ ।

## ପଥରଶିଳ୍ପୀଙ୍କ ଗାଁ ଶୁଖୁଆପଡ଼ା କେବେ ପାଇବ ଶିଳ୍ପ ଗ୍ରାମର ମାନ୍ୟତା !

# କାରିଗରଙ୍କ ବିକାଶ ପାଇଁ ଗାଁରେ ପହଞ୍ଚିଲେ ଜିଲ୍ଲାପାଳ

ବାଲିଚନ୍ଦ୍ରପୁର, (ସବ୍ୟୁ) : ପାରମ୍ପାରିକ ପଥର କାରିଗରମାନଙ୍କ ଗାଁ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିବା ଯାଜପୁର ଜିଲ୍ଲାର ଶୁଖୁଆପଡ଼ା ଗ୍ରାମ ପରିଦର୍ଶନ କରିଛନ୍ତି ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ । ଶୁଖୁଆପଡ଼ା ପାହାଡ଼ର କେଶରାଇପୁର ପାର୍ଶ୍ୱରୁ କିଛି ବର୍ଷତଳେ ଓଡ଼ିଶା ଖଣି ନିଗମ ସହଯୋଗରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଖଣ୍ଡୋଲାଇଟ ପଥର ଖନନ କରାଯାଇ ଏହାକୁ ପୁରୀ ପଠାଯାଇଥିଲା । ଏହି ଅଂଚଳର ପାରିପାର୍ଶ୍ୱର ବିକାଶ ପାଇଁ ଖଣି ନିଗମ ପକ୍ଷରୁ ୧କୋଟି ୯୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅର୍ଥରେ ଶୁଖୁଆପଡ଼ା ପ୍ରସ୍ତର ଶିଳ୍ପ କ୍ଲଷ୍ଟର ଅଂଚଳରେ ଆସୁଥିବା ଶୁଖୁଆପଡ଼ା, ପଲାଇ, ବନ୍ଦରେଶ୍ୱର ଓ କେଶରାଇପୁର ଅଂଚଳର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଏହି ଅର୍ଥ ବିନିଯୋଗ କରାଯିବାର ପ୍ରସ୍ତାବ ରହିଛି । ମୁଖ୍ୟତଃ ପାରମ୍ପାରିକ ପଥରଶିଳ୍ପୀମାନଙ୍କ ପାଇଁ ୱାର୍କସପ୍ ଗୃହ, ବିଶ୍ରାମ ଗୃହ, ଭାସ୍କର୍ଯ୍ୟଶିଳ୍ପର ପ୍ରଦର୍ଶନୀ ଗୃହ, ପ୍ରାଚୀର ନିର୍ମାଣ ଓ ବିଦ୍ୟୁତକରଣ କାର୍ଯ୍ୟ ସହିତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଚାରବାଟିଆ ସ୍ଥିତ ପୂର୍ତ୍ତବିଭାଗକୁ ପ୍ରକଳ୍ପର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାପାଇଁ ଦାୟିତ୍ୱ ଦିଆଯାଇଛି । ମୂଳ ପ୍ରସ୍ତାବିତ ପ୍ରକଳ୍ପ ସହିତ ଆଉ କିଛି ସଂଶୋଧିତ ଓ ପରିବର୍ଦ୍ଧିତ କାର୍ଯ୍ୟ ଏହା ସହିତ ଯୋଡ଼ିବାକୁ ଜିଲ୍ଲାପାଳ ତାଙ୍କ ଗସ୍ତକାଳରେ ବିଭାଗୀୟ ଅଧିକାରୀ ଓ ପ୍ରକଳ୍ପ ରିପୋର୍ଟ କରୁଥିବା ସ୍ଥପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ମଙ୍ଗଳବାର ଦିନ ବନ୍ଦରେଶ୍ୱର ଠାରେ ପହଂଚିବା ପରେ ଶୁଖୁଆପଡ଼ା ଗ୍ରାମବାସୀ ଓ ମହିଳା ଗୋଷ୍ଠୀ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଶୁଖୁଆପଡ଼ା ପାହାଡ଼ର ପାଦଦେଶରେ ଅବସ୍ଥିତ ପଥରଶିଳ୍ପୀ ପରିବାରର ଗ୍ରାମବାସୀମାନେ ପାନୀୟଜଳ କଷ୍ଟ ଭୋଗୁଥିବା ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଗ୍ରାମର ମହିଳାମାନଙ୍କୁ ଓରମାସ ସହଯୋଗରେ କର୍ମସଂସ୍ଥାନ ଯୋଗାଇ ଦେବା, ପାରମ୍ପାରିକ ପଥର କାରିଗରମାନଙ୍କ ପାଇଁ ଆବଶ୍ୟକୀୟ କଞ୍ଚାମାଲ ଗଚ୍ଛିତ ରଖିବାପାଇଁ ସ୍ଥାନ ଚିହ୍ନଟ, ଗ୍ରାମ୍ୟ ପୋଖରୀର ପୁନରୁଦ୍ଧାର ପାଇଁ ମଧ ବିଭାଗୀୟ ଅଧିକାରୀମାନଙ୍କୁ



ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ରାଜପଥ ଓ ଓଳାଶୁଣୀ ସଡ଼କ ପଟରୁ ଗ୍ରାମର ପ୍ରବେଶ ପଥରେ ସୁଦୃଶ୍ୟ ଐତିହ୍ୟ ତୋରଣ ପାଇଁ ମଧ ପ୍ରସ୍ତାବ ରହିଛି । ତେବେ ଅନେକ ବର୍ଷତଳୁ ଶୁଖୁଆପଡ଼ା ଗ୍ରାମରେ ପାରମ୍ପାରିକ ପଥରଶିଳ୍ପୀମାନେ ବସବାସ କରି ଆସୁଛନ୍ତି ଏବଂ ସେମାନେ ଦେଶର ବିଭିନ୍ନ ସ୍ଥାନରେ କଳାକୃତି ନିର୍ମାଣ ସହିତ ଜାତୀୟ ପୁରସ୍କାର ଲାଭ କରିଥିଲେ ମଧ ଏହି ଗ୍ରାମକୁ ବିଧିବଦ୍ଧ ଭାବେ ଶିଳ୍ପ ଗ୍ରାମ ଘୋଷଣା କରାଯାଇ ନାହିଁ । ଗ୍ରାମ ଉପକଣ୍ଠରେ ଅର୍ଦ୍ଧ ଶତାବ୍ଦୀ ଧରି ଆଦିବାସୀ ଜନଜାତି ସଂପ୍ରଦାୟର ଶତାଧିକ ଲୋକ ବସବାସ କରୁଥିଲେ ମଧ ସେମାନଙ୍କ ପାଇଁ ସ୍ଥାୟୀ ଆବାସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ପାରିନାହିଁ । ସେହିଭଳି ଶୁଖୁଆପଡ଼ା ପାହାଡ଼ର ଅପର ପାର୍ଶ୍ୱରେ ରହୁଥିବା କେଶରାଇପୁର ଆଦିବାସୀ ଗ୍ରାମର ଗ୍ରାମବାସୀମାନଙ୍କ ଭାଗ୍ୟ ଦୀପତଳ ଅନ୍ଧାର ଭଳି ପଥର ତଳେ ଚାପି ହୋଇରହିଛି। ସୂଚନାଯୋଗ୍ୟ ଯେ, ଶୁଖୁଆପଡ଼ା ଓ ଆଖପାଖ ଅଚଳର ପ୍ରସ୍ତରଶିଳ୍ପ କାରୁକାର୍ଯ୍ୟ ଗୁଡ଼ିକ ଦେଶବିଦେଶରେ ସୁନାମ ଅର୍ଜନ କରିଥିଲେ ହେଁ କଞ୍ଚାମାଲ ଅଭାବ ଓ ବିଭିନ୍ନ କାରଣରୁ ପ୍ରସିଦ୍ଧ ପଥରଶିଳ୍ପ କାରିଗରମାନେ ଆଜି ଗ୍ରାମଛାଡ଼ି ଦେଶର ବିଭିନ୍ନ ସ୍ଥାନରେ ପ୍ରବାସୀ ଶିଳ୍ପୀ ଭାବେ ପରିବାରର ପ୍ରତିପୋଷଣ ପାଇଁ ପଡ଼ି ରହିଛନ୍ତି । ଭାସ୍କର୍ଯ୍ୟଶିଳ୍ପ ପାଇଁ ପ୍ରସିଦ୍ଧ ଶୁଖୁଆପଡ଼ା ଗାଁକୁ ଶିଳ୍ପ ଗ୍ରାମ ବା କ୍ରାଫଟ୍ସ ଭିଲେଜର ମାନ୍ୟତା ଦେବାପାଇଁ ଅଂଚଳର ବୁଦ୍ଧିଜୀବିମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲ୍ଲାପାଳଙ୍କ ଗସ୍ତ କାର୍ଯ୍ୟକ୍ରମରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବିଡ଼ିଓ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମହାନ୍ତି, ବୟନଶିଳ୍ପ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ପ୍ରସ୍ତରଶିଳ୍ପୀ ନିର୍ମଳମହାରଣା, ସୁଶାନ୍ତକୁମାର ଦାସ ଓ ସମାଜସେବୀ ସୁମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ

ବାରିପଦା, (ସବ୍ୟୁ) : ଆଜି ପବିତ୍ର ଶୁକ୍ଳ ପକ୍ଷ ତୃତୀୟା ବା ଅକ୍ଷି ତୃତୀୟା । ଅମୃତ ବେଳାରେ ଆମ ରାଜ୍ୟର ଚାଷୀ ଭାଇ ମାନେ ଅକ୍ଷିମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ପବିତ୍ର ଦିବସ ଅବସରରେ ଭୁବନେଶ୍ୱର ଓ ୟୁଏଟି ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀକୁଳର ଶୁଭମନାସୀ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସମୃଦ୍ଧ କୃଷକ, ବିକଶିତ ଓଡିଶା ଗଠନ ପାଇଁ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଆଜି ମୁଖ୍ୟମନ୍ତ୍ରୀ ଚାଷୀଭାଇ ମାନଙ୍କୁ ବିଶେଷ ଉପହାର ଭାବେ ରାଜ୍ୟର ୫୦ଲକ୍ଷ ରୁ ଉର୍ଦ୍ଧ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଓ ଭୂମିହୀନ କୃଷକ ପରିବାରଙ୍କୁ ୨୦୨୫–୨୬ ଖରିଫ ଋତୁରେ ପ୍ରାରମ୍ଭିକ କୃଷି କାର୍ଯ୍ୟ ପାଇଁ ସିଏମ କିଷାନ ସହାୟତା ରାଶି ପ୍ରଦାନ କରିଛନ୍ତି। ଡିବିଟି ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ୧ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏହି ପବିତ୍ର ଅବସରରେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ–୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ବିଧାୟକ ପ୍ରକାଶ ସୋରେନ, ବିଧାୟକ ଭାଦବ ହାଁସଦାଃ, ଜିଲ୍ଲାପାଳ ହେମକାନ୍ତ ସୟ, କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷା ବୈଜ୍ଞାନିକ ସଂଘମିତ୍ରା



ପଟ୍ଟନାୟକ ଯୋଗଦେଇ ମହାଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା ପୂର୍ବକ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟର ପ୍ରଥମ ସୋପାନ ଅକ୍ଷିମୁଠିର ଶୁଭ ଅନୁକୁଳ କରିଥିଲେ । ପ୍ରତି ବର୍ଷ ଭଳି ସରକାରଙ୍କ ଯୋଜନା ଅନ୍ତର୍ଗତ ଯାହା ଯାହା ସୁବିଧା ସୁଯୋଗ ଚାଷୀ ମାନଙ୍କୁ ଚାଷ ସମୟରେ ଯୋଗାଇ ଦିଆଯାଇଥାଏ କିମ୍ବା ଏବର୍ଷ ଯଦି କିଛି ନୂତନ ଯୋଜନା ଚାଷୀ ମାନଙ୍କ ପାଇଁ ଆସିବ ତେବେ ନିୟମ ଅନୁଯାୟୀ ସେସବୁ ସୁବିଧା ସୁଯୋଗ ଓ ସହାୟତା ଚାଷୀ ମାନଙ୍କୁ ସ୍ୱଚ୍ଛତା ଆଧାରରେ ନିର୍ଣ୍ଣିତ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଅମଳ ପାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଭାଇ ମାନଙ୍କୁ ଡିଜିଟାଲ ଟେକ୍ନୋଲୋଜି ମାଧମରେ ବିଭିନ୍ନ ସମୟରେ ତାଲିମ ଦିଆଯାଉଛି। ତେଣୁ ଏହାର ସୁଯୋଗ ନେବାପାଇଁ ଚାଷୀ ଭାଇ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ମିଲେଟ ଜାତୀୟ ଶସ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୁଶଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ସିଡିଭିଓ ଡାଃ କଳ୍ପତରୁ ସ୍ୱାଇଁ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି ଟଙ୍କଧର କାଲୋ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ପଦାଧିକାରୀ, ବିଭିନ୍ନ ବର୍ଗର ଚାଷୀ, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଅଂଚଳର ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



ସାଉଥବଲଣ୍ଡା/ ତାଳଚେର,(ସବ୍ୟୁ) :ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି । ତାଳଚେର ସଙ୍କୁଳ ସଂଯୋଜକ ତଥା ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳମଛୁଇଁ, ବଡଯୋରଡା, ଆୟମୁଣ୍ଡା, ତାଳଚେର, ଦେଉଳବେଡା, ବିକ୍ରମପୁର, ନୂଆଁଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭୮ଜଣ ଆଚାର୍ଯ୍ୟ, ଆଚାର୍ଯ୍ୟା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମଧ୍ୟ ସଂଭାଗୀୟ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ରୀୟ ସଂଗଠନ ସମ୍ପାଦକ ନାରାୟଣ ନାୟକ, ଅତିଥି ଭାବରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା, କୋଷାଧ୍ୟକ୍ଷ ପଂଚାନନ ବେହେରା ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କଳମଛୁଇଁ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଶ୍ରୀ ନାୟକ ନିଜ ଅଭିଭାଷଣରେ ଆଧ୍ୟାତ୍ମିକ ତତ୍ତ୍ୱ ଭିତରେ ଶିକ୍ଷାର ମାନ ବିକାଶ କରିବା ସହ ନୈତିକ ମୂଲ୍ୟବୋଧକୁ ଜାତୀୟ ଶିକ୍ଷାନୀତିରେ ପ୍ରୟୋଗ କରି ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ । ଏହାସହିତ ସେ ଭାରତର ବୈଭବଶାଳୀ ସଂସ୍କୃତି, ପରମ୍ପରା ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷା ବିକାଶ ସମିତି,ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ଏହି କାର୍ଯ୍ୟଶାଳାରେ ପଂଚପଦୀ ଶିକ୍ଷଣ ବ୍ୟବସ୍ଥା ସହ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ଆଚାର୍ଯ୍ୟ,ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । କାର୍ଯ୍ୟକ୍ରମ ପରିଚାଳନାରେ ଆୟମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ମାଗାଧର ସାହୁ, ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ବାବୁଲି ସାମଲ,ବଡ ଯୋରଡା ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ,ନୂଆଁ ଗାଁ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଦୀପ ଦାସ,ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଜ୍ଞାନରଞ୍ଜନ ଦାଶ ପ୍ରମୁଖ ସହଯୋଗ କରୁଛନ୍ତି । ସର୍ବଶେଷରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ମେ ମାସ ୧ତାରିଖରେ ଏହି କାର୍ଯ୍ୟଶାଳା ଉଦ୍‌ଯାପିତ ହେବ ବୋଲି ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ସୂଚନା ଦେଇଥିଲେ ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ମନ୍ତ୍ରୀ

# ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଲୋକାର୍ପିତ



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ପୌରପାଳିକା ତରଫରୁ ବୁଧବାର ସହରର ବିଭିନ୍ନ ୱାର୍ଡରେ ପୌରପାଳିକା ତରଫରୁ ନିର୍ମିତ ହୋଇଥିବା ୯ କୋଟିରୁ ଉଦ୍ଧର୍ବ ଟଙ୍କାର ପ୍ରକଳ୍ପକୁ ଲୋକାର୍ପିତ କରାଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ଏବଂ ପ୍ରକଳ୍ପର ଉଦଘାଟନ ହୋଇଯାଇଛି।

ସେଥିମଧ୍ୟରୁ ସହରର ୮ ନମ୍ବର ୱାର୍ଡରେ ଥିବା ମହିଷାପାଟ ସ୍ଥିତ ବାଞ୍ଛାକୁସୁମ ମଳପଙ୍କ ପରିଚାଳନା କେନ୍ଦ୍ର ଠାରେ ୮୨ଲକ୍ଷ ଟଙ୍କାରେ ନିର୍ମିତ ପ୍ରଶାସନିକ ଗୃହର ସମ୍ପ୍ରସାରଣ, ସଭାଗୃହ ଉଦ୍ଘାଟନ ସହିତ ୨କୋଟି ୬୭ଲକ୍ଷ ଟଙ୍କା ବ୍ୟୟରେ ମହିଷାପାଟରେ ଥିବା ବହୁମୁଖୀ ପ୍ରକୋଷ୍ଠର ନିର୍ମାଣ, ଜୁବିଲି ଟାଉନ ୯ ନମ୍ବର ୱାର୍ଡରେ ୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟରେ ବହୁମୁଖୀ ପ୍ରକୋଷ୍ଠର ନିର୍ମାଣ,୨୨ ନମ୍ବର ୱାର୍ଡ ଷ୍ଟେସନବଜାରରେ ୨କୋଟି ୪ ଲକ୍ଷ ୪୬ହଜାର ଟଙ୍କା ବ୍ୟୟରେ ବହୁମୁଖୀ ପ୍ରକୋଷ୍ଠ, ୪ନମ୍ବର ୱାର୍ଡ ବସଷ୍ଟାଣ୍ଡଠାରେ ୨୦ ଲକ୍ଷ ଟଙ୍କାରେ ଉନ୍ନତମାନର ଶୌଚାଳୟ ନିର୍ମାଣ, ୬ ନମ୍ବର ୱାର୍ଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୯୬ ଲକ୍ଷ ଟଙ୍କା ବ୍ୟୟରେ ଭାରତମାତା ଏବଂ ୧୦ଗୋଟି ଭାରତରତ୍ନଙ୍କ ପ୍ରତିମୂର୍ତ୍ତି ସ୍ଥାପନର ଉଦଘାଟନ କରିଥିଲେ। ମନ୍ତ୍ରୀଙ୍କ ସହିତ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର,ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ,ନିର୍ବାହୀଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସହିତ ବହୁ କର୍ମୀ ଏବଂ ଏସଏଚଜି ଗ୍ରୁପର ମହିଳାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଅବହେଳା ପାଇଁ ଜଳିଗଲା ସ୍କୁଟି

ତାଳଚେର,(ସବ୍ୟୁ) :ଡେରାସ୍ଥିତ ଏମସିଏଲର କେନ୍ଦ୍ରୀୟ ଚିକିତ୍ସାଳୟ ତଥା ପବିତ୍ର ମୋହନ ସରକାରୀ ଚିକିତ୍ସାଳୟ ପରିସରରେ ଥିବା ଏକ କ୍ୱାର୍ଟରରେବିଦ୍ୟୁତ ସର୍ଟସର୍କିଟ ହୋଇ ନିଆ ଲାଗିଯିବାରୁ କ୍ୱାର୍ଟର ପ୍ରବେଶପଥରେ ଥିବା ଜନୈକ ମହିଳା କର୍ମଚାରୀଙ୍କ ଏକ ସ୍କୁଟି ସମ୍ପୂର୍ଣ ଜଳି ଯାଇଛି। ଏଥିରେ ଦୁଇଟି ପରିବାର ଆସନ୍ନ ମୃତ୍ୟୁରୁ ବଞ୍ଚିଯାଇଛନ୍ତି। ଦୁଇ ଦିନ ତଳେ ଅପରାହ୍ନ ପ୍ରାୟ ୩ଟା ସମୟରେ ଡାକ୍ତରଖାନା ପରିସରରେ ଥିବା ବ୍ଲକ ୧୧, କ୍ୱାର୍ଟର ନଂ ବି/୬୩ ତଳେ ରଖାଯାଇଥିବା ବେଳେ ବିଦ୍ୟୁତ ସଟସର୍କିଟ ହୋଇ ଓଡି ୩୫ଇ ୧୨୯୧ ସ୍କୁଟିଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ପଡୋଶୀମାନେ ଏହା ଦେଖି ପ୍ରଥମ ମହଲାରେ ରହୁଥିବା ଦୁଇଟି ପରିବାରଙ୍କୁ ଛାତ ଉପରକୁ ନେଇଯିବା ସହ ପାଣି ଢ଼ାଳି ନିଆଁକୁ ଆୟତ୍ତ କରିଥିଲେ। କେନ୍ଦ୍ରୀୟ ଚିକିତ୍ସାଳୟ ଦାୟିତ୍ୱରେ ଥିବା ବିଦ୍ୟୁତ ଯନ୍ତ୍ରୀମାନଙ୍କୁ ବିଭାଗର ଖବର ଦିଆଯାଇଥିଲେ ସୁଦ୍ଧା ସେମାନେ ଏହାକୁ ହେୟ ମନେ କରି ଆସିନଥିଲେ । ସ୍ଥାନୀୟ ଅଧିବାସୀ ପାଟିତୁଣ୍ଡ କରିବାରୁ ପରଦିନ ଚିକିତ୍ସାଳୟର ମୁଖ୍ୟଙ୍କ ସହ ବିଦ୍ୟୁତ ବିଭାଗଯନ୍ତ୍ରୀ ଓ କର୍ମଚାର ଘଟଣାସ୍ଥଳକୁ ଆସି ଥିଲେ ।

# ରେଙ୍ଗାଲି ବିସ୍ଥାପିତଙ୍କ ସ୍ଥାୟୀ ସମାଧାନ ନିମନ୍ତେ ପ୍ରଶାସନିକ ବୈଠକ

ପାଲଲହଡା,(ସବ୍ୟୁ) :ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ଏକ ସ୍ଥାୟୀ ସମାଧାନ ନିମନ୍ତେ ଗତ ଅଣତିରିଶ ତାରିଖଦିନ ଅନୁଗୁଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଉପଜିଲ୍ଲାପାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ଅନୁଗୁଳ ଓ ଦେବଗଡ଼ ଜିଲ୍ଲାର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ । ରେଙ୍ଗାଲି ନଦୀବନ୍ଧ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଉପଯୁକ୍ତ କ୍ଷତିପୂରଣ ପାଇନଥିବା ପ୍ରଜାମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ତୁରନ୍ତ ସେମାନଙ୍କୁ କ୍ଷତିପୂରଣ କିପରି ପ୍ରଦାନ କରାଯିବି ତ୍ୱରିତ ପଦକ୍ଷେପ ନେଇ ଦେବଗଡ଼ ଜୋନ ଅଫିସର କ୍ଷୁଦାୟିତ୍ୱ ଦେବାସହିତ ଆଗାମୀ ପନ୍ଦଦିନ ମଧ୍ୟରେ ଏ ସମ୍ପର୍କିତ ଆଉ ଏକ ବୈଠକ କରାଯିବାକୁ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ପାଲଲହଡା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ,ଦେବଗଡ଼ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଦେବଗଡ଼ ତହସିଲଦାର, ରିଆମାଳ ତହସିଲଦାର, କଣିହାଁ ତହସିଲଦାର, ପାଲଲହଡା ତହସିଲଦାରଙ୍କ ସମେତ ଦେବଗଡ଼ ଜୋନ ଅଫିସର,ସ୍ୱତନ୍ତ୍ର ଭୁଅର୍ଜନ ଅଧିକାରୀ (ରେଙ୍ଗାଲି ଦକ୍ଷିଣ,ପାର୍ଶ୍ୱ କେନାଲ ),ମୁଖ୍ୟ ନିର୍ବାହୀ ଯନ୍ତ୍ରୀ (ଜଳସମ୍ପଦ ବିଭାଗ )ସମଲ ପ୍ରମୁଖ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ ।

# କୃଷକ ମଙ୍ଗଳ ସଂଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ଠାକୁରଗଡ , (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମରେ କୃଷକ ମଙ୍ଗଳ ସଂଘ ପକ୍ଷରୁ ବୁଧବାର ଦିନ ଅକ୍ଷିମୁଠି ଅନୁକୂଳ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସଂଘ ସଭାପତି ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ ଯୋଗଦେଇ ବିଲରେ ଧାନ ବୁଣିବା ସହ ହଳ ଧରିଥିଲେ । ଆୟୋଜିତ ସଭାରେ ଯୋଗଦେଇ କହିଲେ ଯେ ଚାଷୀଙ୍କର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯକାରୀ କରିଛନ୍ତି । ସେଗୁଡିକ କିଭଳି ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚିବ ସେ ନେଇ କୃଷି ଅଧିକାରୀମାନେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ କିଶୋରନଗର କୃଷି ଅଧିକାରୀ ଦୀପ୍ତିମୟୀ ସିଂ , ଉଦ୍ୟାନ ବିଭାଗ ଅଧିକାରିଣୀ ନିଶାପ୍ରଭା ବେହେରା , ଝୁନାରାଣୀ ସାହୁ , ପ୍ରେମାନନ୍ଦ ନାୟକ , ବିସ୍ମୟ ମେହେର , ସ୍ୱାଧୀନ ସେଠୀ , ଗ୍ରାମ ସଭାପତି ବିବେକା ନନ୍ଦ ବିଶ୍ୱାଳ, ସଂଘ ର କୋଷାଧକ୍ଷ ଅରକ୍ଷିତ ସାହୁ , ଭାଜପା ମଣ୍ଡଳ ସଭାପତି ହେମେନ୍ତ ବିଶ୍ୱାଳ, ନିମେଇ ଚରଣ ସାହୁ , ଅଞ୍ଜଳି ବେହେରାଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ । ସେହିପରି ଭାଜପା ପକ୍ଷରୁ କିଶୋରନଗର ବ୍ଲକ ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟାରେ ମୁଠି ଅନୁକୂଳ ପାଳନ କରାଗଲା । ଏଥିରେ ଅନୁଗୋଳ ଜିଲ୍ଲାର କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ ପ୍ରବୀଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ଅତିଥି ଭାବରେ ସମ୍ବଲପୁର ଏମପିଙ୍କ୍ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଡାକ୍ତର ଅଲେଖ ପ୍ରଧାନ,ବରିଷ୍ଠ କର୍ମକର୍ତ୍ତା ହୃଦାନନ୍ଦ ପ୍ରଧାନ,ରତ୍ନାକର ପ୍ରଧାନ,ବବିତା ପ୍ରଧାନ,ସିନ୍ଧୁଲତା ସାହୁ,ଗୀତାଞ୍ଜଳି ସାହୁ,ଉର୍ମିଳା ପ୍ରଧାନ, ପ୍ରସନ୍ନ ସାହୁ,ଗଦାଧର ବେହେରା, ଲମ୍ବୋଦର ପ୍ରଧାନ, ଲିଙ୍ଗରାଜ ବେହେରା,କୁମୁଦ ପ୍ରଧାନ,ଅଜିତ ପ୍ରଧାନ,ସରପଞ୍ଚ କ୍ଷମାନିଧି ପ୍ରଧାନ,ରାଜେନ୍ଦ୍ର ସାହୁ,ଗୋଲାପି ନାୟକ,ରାଜେନ୍ଦ୍ର ସାହୁ,ଫୁଲ ଦେହୁରୀ,ମଣ୍ଡଳ ସଭାପତି ଗାନ୍ଧୀ ବାବୁ ପ୍ରମୁଖ ଶତାଧିକ ମହିଳା ପୁରୁଷ କୃଷକ ଯୋଗଦାନ କରିଥିଲେ ।

# ଦୁଇ ବଖରା ଜଳିଗଲା

ତାଳଚେର,(ସବ୍ୟୁ) : ବ୍ଲକ୍ ଅନ୍ତର୍ଗତ ହରିହରପୁର ଗ୍ରାମର ଗୋଛାୟତ ସାହିରେ ଆଜି ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଯାଇଛି । ସୂଚନା ମୁତାବକ, ହରିହରପୁର ଗ୍ରାମର ରଞ୍ଜୁ ଗୋଛାୟତଙ୍କ ଘରେ ବିଦ୍ୟୁତ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଯାଇଥିଲା । ପରେ ଗ୍ରାମବାସୀଙ୍କ ସହାୟତାରେ ସେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଖରା ସାଙ୍ଗକୁ ପବନ ଯୋଗୁଁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନଥିଲା । ପରେ ତାଳଚେର ଅଗ୍ନିଶମ ବିଭାଗର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ସହିତ ବହୁ ମୂଲ୍ୟବାନ ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି ।

# କାଳବୈଶାଖୀରେ ଘର ଭାଙ୍ଗିଲା

କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ବିରୁ ପଞ୍ଚାୟତ ବିରୁ ଗ୍ରାମରେ କାଳବୈଶାଖୀ ହୋଇ ଗ୍ରାମର ଅରକ୍ଷିତ ନାୟକଙ୍କ ଚାଳ ଛପର ଉଡ଼ିଯିବା ସହ ଘର ଭାଙ୍ଗିଯାଇଥିବା ଜଣାଯାଇଛି । ଘର ଭାଙ୍ଗିଯାଇଥିବା ନେଇ ଅରକ୍ଷିତ ସ୍ଥାନୀୟ ଆରଆଇଙ୍କୁ ଲିଖିତ ଜଣାଇବା ସହ ସହାୟତା ପାଇଁ ଦାବୀ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ହୋଇଥିବା କାଳବୈଶାଖୀରେ ଅରକ୍ଷିତର ଘର ଭାଙ୍ଗି ଯାଇଥିଲା । ଅରକ୍ଷିତ ଜଣେ ଗରିବ ମୂଲିଆ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ନିକଟରେ ସଧାରଣରେ ଦାବୀ ହୋଇଛି ।

# ଚତୁର୍ଥ ଦିନରେ ସୌରଭ ସମ୍ମାନ ମହୋତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ନବ ନିର୍ମାଣ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସୌରଭ ସମ୍ମାନ ମହୋତ୍ସବ ୪ର୍ଥ ସନ୍ଧ୍ୟାର ସଭା ଓ ସମ୍ବର୍ଦ୍ଧନା ଉତ୍ସବଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ସନ୍ଧ୍ୟା ଉତ୍ସବରେ ମୁଖ୍ୟଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ସମ୍ମାନୀତ ଅତିଥି ଯୁବ ସମାଜସେବୀ ମାନସ ରଞ୍ଜନ ସାହୁ,ମୁଖ୍ୟବକ୍ତା ପ୍ରଦୀପ୍ତ କୁମାର ମହାନ୍ତି,ଗଗନ ବିହାରୀ ସେଠୀ,ଯୋଗଦେଇ ଉଦବୋଧନ ଦେଇଥିଲେ। ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାକୁଡ ଉପସ୍ଥିତ ଥିଲେ। ନୃତ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କୁନିକୁନି କଳାକାରମାନଙ୍କ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମ୍ୟାଜିକ ମାଷ୍ଟର ଅଲେଖ କୁମାର ପରିଡା ପରିଚାଳନା କରିଥିଲେ।

# ସାମାଜିକ ନ୍ୟାୟ ମଞ୍ଚର ମହମବତୀ ସଭା

ବାଲେଶ୍ୱର,(ସବ୍ୟୁ) :ସାମାଜିକ ନ୍ୟାୟ ମଞ୍ଚ ତରଫରୁ ଏକ ମହମବତୀ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାଟି ବାଲେଶ୍ୱର ମୋତିଗଞ୍ଜ ସ୍ଥିତ ଟାଉନ୍ ଥାନା ପାଖରେ ଆୟୋଜନ କରାଯାଇଥିଲା। ଏହି ସଭାରେ ସାମାଜିକ ନ୍ୟାୟ (ସୋସିଆଲ୍ ଜଷ୍ଟିସ୍) ମଞ୍ଚର ଆବାହକ ଆଇନଜୀବୀ ମହମ୍ମଦ ଇସଲାମ୍ଙ୍କ ଡାକରାରେ ଓ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ସମାଜସେବୀ, ଆଇନଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଉକ୍ତ ସଭାରେ ଭାଷଣ ରଖିଥିଲେ ମିନତୀ ସେଠୀ, ପ୍ରତିମା ପଣ୍ଡା, ସକିଲା ବାନୋ, ସେଖ୍ ସାଜିଦ୍, ସତ୍ୟେନ୍ଦ୍ର ଦାସ, ରାମେଶ୍ୱର ବେହେରା, ମୋନାଲି ଦାସ, ନାରାୟଣ ଦେ, କାର୍ତ୍ତିକ ମହାନ୍ତି, ବବଲୁ ମାଝି, ଅମିତା ଚାନ୍ଦ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ। ସମସ୍ତେ ଏହି ବର୍ବରୋଚିତ ଆତଙ୍କବାଦୀ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ ଓ ଏହି ଅମାନୁଷିକ ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ବ୍ୟକ୍ତିଙ୍କ ଆତ୍ମାର ସଦଗତି କାମନା କରିଥିଲେ। ପ୍ରଶାନ୍ତ ଶତପଥୀଙ୍କ ପରିବାରକୁ ଓଡ଼ିଶା ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହାନୁଭୂତି ଦେଖାଇ ଥିବାରୁ ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା।

# ଓଆଇଏସ୍‌ଏଫ୍ ଗାଡ଼ି ଧକ୍କାରେ ଯୁବକ ମୃତ

ସାଉଥବଲଣ୍ଡ,(ସବ୍ୟୁ) :ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ସାଉଥବଲଣ୍ଡା ମାର୍କେଟ ଅଂଚଳରେ ଆଜି ସକାଳେ ଏକ ଓଆଇଏସଏଫ ପୋଲିସ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାର ଅଭିଯୋଗ ହୋଇଛି। ମୃତକ ଜଣ ହେଉଛନ୍ତି ସାଉଥବଲଣ୍ଡା ଗୁରୁଦ୍ୱାର ଅଂଚଳର ସୁଶାନ୍ତ ସାହୁ (୪୦)। ସୂଚନା ଅନୁସାରେ, ସୁଶାନ୍ତ ଆଜି ସକାଳେ ବଲଣ୍ଡା ବଜାର ଅଂଚଳକୁ ପରିବା କିଣିବାକୁ ଆସିଥିଲେ। ସେତିକିବେଳେ ଓଆଇଏସଏଫ ପୋଲିସ ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେବା ପରେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ସମ୍ପୃକ୍ତ ଗାଡ଼ି ସେଠାରୁ ଫେରାର ହୋଇଯାଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଏହି ନେଇ ଘଟଣାସ୍ଥଳରେ ତୀବ୍ର ଉତେଜନା ଦେଖା ଦେଖାଦେଇଥିଲା। ବହୁ ସମୟ ଧରି ମୃତକଙ୍କ ପରିବାର ସେଠାରେ ବସି ରହିଥିଲେ। ଖବର ପାଇ କୋଲିୟାରୀ ପୋଲିସ ପହଂଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ବୁଝାଶୁଝା କରିଥିଲା। ଅନ୍ୟପକ୍ଷେ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବ୍ରିଜରେ ପିଟି ହେଲା କାର୍ ଦମ୍ପତି ଗୁରୁତର

ଠାକୁରଗଡ / ବଇଣ୍ଡା,(ସବ୍ୟୁ) : କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା କଦଳୀମୁଣ୍ଡା ଫ୍ଲାଏ ଓଭର ବ୍ରିଜ ଠାରେ ବୁଧବାର ଦିନ ଏକ କାର ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ କାରରେ ବସିଥିବା ତାଳଚେର ଥାନା ବାଘମାରି ଅଞ୍ଚଳର ଯୁଧିଷ୍ଠିର ବେହେରା ଓ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ବଇଣ୍ଡା ଫାଣ୍ଡି ପୋଲିସ ଓ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବଇଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ପରେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନ ଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ରେ ଭର୍ତ୍ତି କରିଥିଲେ । ପୋଲିସ କହିଛି ଯେ ଏକ କାର ନମ୍ବର ଓଡି ୧୯ ଏମ୍ ୬୭୮୯ରେ ତାଳଚେରରୁ ଯୁଧିଷ୍ଠିର ଓ ତାଙ୍କ ପତ୍ନୀ କିଶୋରନଗର ଅଭିମୁଖେ ଆସୁଥିବା ବେଳେ ବ୍ରିଜ ରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଏ ନେଇ ଫାଣ୍ଡି ପୋଲିସ କାରକୁ ଜବତ କରି ଏକ ମାମଲା ରୁଜୁ କରିଛି ।

# ଭୁବନ କୃଷକ ସମାଜ ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ

ଭୁବନ ,(ସବ୍ୟୁ): ଭୁବନ କୃଷକ ସମାଜ ତରଫରୁ କୃଷିର ଆଦ୍ୟ ପର୍ବ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି । ପାଲାମଣ୍ଡପ ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ହଳ ଲଙ୍ଗଳ ଓ ଟ୍ରାକ୍ଟର ଶୋଭାଯାତ୍ରାରେ କୃଷକମାନେ ସହର ପରିକ୍ରମା କରି ହିଙ୍ଗୁଳା ପୀଠରେ ପହଞ୍ଚିଥିଲେ । କୃଷକ ସମାଜ ସଭାପତି ବାସୁଦେବ ଗୁରୁ ମା ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା । ପରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ କହିଥିଲେ ଯେ କୃଷି ହେଉଛି ଓଡ଼ିଶାର ମେରୁଦଣ୍ଡ । ଏହା ଆମ ସଂସ୍କୃତି ଓ ପ୍ରକୃତିର ଅବିଚ୍ଛେଦ୍ୟ ଅଙ୍ଗ । କୃଷି ପ୍ରତି ସରକାର ପ୍ରାଥମିକତା ଦେଉଛନ୍ତି ଓ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଯୋଗୁ କୃଷି ଏବେ ଲାଭଜନକ ବୃତ୍ତି ହୋଇ ପାରୁଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଏଲ ଏ ସଂସ୍ଥା ମୁଖ୍ୟ ସମ୍ବିତ ତ୍ରିପାଠୀ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ଉପଦେଷ୍ଟା ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚାଷୀଭାଇ ମାନେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଅନୁଷ୍ଠିତ କୃଷି ଯନ୍ତ୍ରପାତି ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଉନ୍ନତ ଜ୍ଞାନ କୌଶଳ ସମ୍ପର୍କରେ ପରାମର୍ଶ ଗ୍ରହଣ କରିଥିଲେ ।

# ସହିଦ ବିକା ନାଏକଙ୍କ ଜୀବନୀ ଆଧାରିତ ପୁସ୍ତକ ଉନ୍ମୋଚିତ



ଗୋଡ଼ିବନ୍ଧ,(ସବ୍ୟୁ): ଗତ ୨୯ତାରିଖ ଦିନ ଏମସିଏଲର ସମ୍ବଲପୁର ସ୍ଥିତ ଅଡିଟୋରିୟମରେ ରାଷ୍ଟ୍ରୀୟ ହିନ୍ଦୀ ଭାଷାର ସେମିନାର ଅନୁଷ୍ଠିତ ହେଇଯାଇଛି। ଏମସିଏଲର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାୱାଲେ ଉତ୍ସବକୁ ଉଦଘାଟନ କରିଥିଲେ । ଏ ଅବସରରେ ପଦ୍ମଶ୍ରୀ ହଲଧର ନାଗଙ୍କ କବିତା ରଚନାଗୁଡ଼ିକର ସଂକଳନ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା ଏବଂ ପଣ୍ଡିଚେରୀର ହିନ୍ଦୀ ବିଭାଗ ମୁଖ୍ୟ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ହିନ୍ଦୀ ଶିକ୍ଷକଙ୍କ ରଚିତ ହଳଧର ଗ୍ରନ୍ଥାବଳି ପୁସ୍ତକ ଜୟଶଙ୍କର ବାବୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଭାରତ ବର୍ଷର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିକା ନାଏକଙ୍କ ସ୍ମୃତି ଓ ଜୀବନୀ ଉପନ୍ୟାସ 'ସହିଦ ବିକା କି ଖୋଜ' ଏମସିଏଲର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ କାୱଲେଙ୍କ କରକମଳରେ ମୁକ୍ତିଲାଭ କରିଥିଲା । ପୁସ୍ତକ 'ହଳଧର ନାଗ ଗ୍ରନ୍ଥାବଳି' ଏବଂ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନ ଉପରେ ଆଧାରିତ ଐତିହାସିକ ଉପନ୍ୟାସ ସହିଦ ବିକା କି ଖୋଜ ପୁସ୍ତକକୁ ଏମସିଏଲ କଣିହାଁ କ୍ଷେତ୍ରର ଜେନେରାଲ ମ୍ୟାନେଜର (ଖଣି) ଦୀନେଶ ମାଲି ଅନୁବାଦ କରି ବହୁ ପ୍ରଶଂସିତ ହୋଇଥିଲେ ।

ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ଅଷ୍ଟା ଜୈନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି ପଟେଲ, ବୈଷୟିକ ନିର୍ଦ୍ଦେଶକ ଜୁଗାଲ କିଶୋର ବୋରା, ବିତ୍ତ ନିର୍ଦ୍ଦେଶକ ଏ ବେହୁରା, ଯୋଜନା ଓ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା ଓ ଡକ୍ଟର ରାଜୀବ ରାଓ୍ୱତ, ରାଜେଶ ସାଓ ପ୍ରମୁଖ ଏମସିଏଲର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଅସହାୟା ମମତାର ଦୁଃଖଭରା କାହାଣୀ : ସରକାରୀ ସହାୟତା ଦାବି



ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅସହାୟ । ମମତାର ଦୁଃଖଭରା କାହାଣୀ ଶୁଣିଲେ ଆଖିରେ ଲୁହ ଆସିଯାଏ । ଖବରରୁ ପ୍ରକାଶ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଂଚାୟତର କରାବିରାଗାଁ ଓ ଅନୁଗୋଳବ୍ଲକ ବଡ଼କନ୍ତୋକୂଳ ପଂଚାୟତର ସୀମାନ୍ତବର୍ତ୍ତୀ ଖୋଲ ଗାଁରେ ସାବତ ମା ସହ ବାସକରନ୍ତି ବାପମା ଛେଉଣ୍ଡ ସ୍ୱର୍ଗତ ନବୀନା ବେହେରାଙ୍କ ଝିଅ ମମତା ବେହେରା(୧୬) । ଦଶବର୍ଷ ତଳୁ ଦେହାନ୍ତ ହୋଇଯାଇଛି ମମତାର ବାପା ଓ ମାଙ୍କର । ତେବେ ଜାନୁୟାରୀ ୨୦୨୫ରେ ଶୀତରୁ ରକ୍ଷାପାଇଁ ଚୁଲିପାଖରେ ବସିଥିବାବେଳେ ଗୁରୁତର ମୁର୍ଚ୍ଛାଜନିତ ରୋଗରେ ପୀଡିତା ମମତା ମୁର୍ଚ୍ଛାମାରିବାରୁ ନିଆଁରେ ପୋଡିହୋଇଯାଥିଲ । ଏବଂ ପରିବାରର ଅବହେଳାପାଇଁ ୧୦ଦିନପରେ ଘା ବେଶୀହେବାରୁ ଗାଁର ଜଣେ ସହୃଦୟବ୍ୟକ୍ତି ମମତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଏବଂ ସେହିଦିନଠାରୁ ଉପଖଣ୍ଡ ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ମିଶ୍ର ନିଜେ ମମତାକୁ ଝିଅପରି ଯତ୍ନକରି ଚିକିତ୍ସା କରିବାସହ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି ଏବଂ ହିନ୍ଦୋଳ ଡାକ୍ତରଖାନର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ସହଯୋଗ,ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଅଛି ମମତା । ଖବରପାଇ । ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ସାମ୍ବାଦିକ,ସମାଜସେବୀ ଦୁଷ୍ମନ୍ତ ମିଶ୍ର , ସାମ୍ବାଦିକ ସମାଜ ସେବୀ ସୁକ୍ରି କୁମାର ବେହେରା ଏବାବଦରେ ଡାକ୍ତର ସୁଧାଂଶୁ ମିଶ୍ରଙ୍କ ସହ କିପରି ମମତାର ଉନ୍ନତ ଚିକିତ୍ସା ହେବ ସମସ୍ତ ସରକାରୀ ସହାୟତା ପାଇପାରିବ ସେସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଝିଅଟିର ପ୍ଲାଷ୍ଟିକ ସର୍ଜରୀ ଦରକାର ପଡୁଥିବାରୁ ଘା ଟିକେ କମିଗଲେ ତାକୁ ନିଜେ ଦାୟିତ୍ୱ ନେଇ ସମସ୍ତ ଚିକିତ୍ସା କରାଇବେ ବୋଲି କହିଛନ୍ତି ଡାକ୍ତର ମିଶ୍ର । ତେବେ ମମତା ବେହେରାଙ୍କୁ ଉନ୍ନତ ଚିକିତ୍ସାସହ ଆର୍ଥିକ ସହାୟତା, ଆବାସଗୃହ, ରାସନକାର୍ଡ ଓ ଏକ ଅସହାୟ ଭତ୍ତା ଯୋଗାଇ ଦେବା ନିମନ୍ତେ ରାଜ୍ୟସରକାର,ଜିଲ୍ଲାପାଳ, ସ୍ଥାନୀୟ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର, ବ୍ଲକ ପ୍ରଶାସନ ଓ ନେତୃବୃନ୍ଦଙ୍କୁ ସେମାନେ ନିବେଦନ ନିବେଦନ କରିଛନ୍ତି ।

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ମହିଷାପାଟ ସ୍ଥିତ ଆଞ୍ଚଳିକ ତାଲିମ ଓ ସଂପ୍ରସାରଣ ପ୍ରତିଷ୍ଠାନର ଫାର୍ମ ମଧ୍ୟରେ ଚାଷକାର୍ଯ୍ୟର ଶୁଭାରମ୍ଭ ସହିତ ଅକ୍ଷିମୁଠି କାର୍ଯ୍ୟ ଆରମ୍ଭ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ପାରମ୍ପରିକ ହଳ କରି ଓ ଟ୍ରାକ୍ଟର ଚଳାଇ ଅକ୍ଷିମୁଠିର ଶୁଭାରମ୍ଭ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ, କୃଷି ହେଉଛି ଓଡ଼ିଶାର ମେରୁଦଣ୍ଡ ବୋଲି କହିଥିଲେ । ଏହା ଆମର ସଂସ୍କୃତି ଓ ପ୍ରକୃତିର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ସହିତ କୃଷି ପ୍ରତି ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । କୃଷି ଓ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାରେ ବୈପ୍ଲବିକ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ଏହା ଏକ ଲାଭଜନକ ବୃତ୍ତି ହୋଇ ପାରୁଛି । ସମସ୍ତେ ନିଜ ନିଜ ଘରେ ଗାଈ ରଖିବା ସହିତ ଓରଗାନିକ ପନିପରିବା ଚାଷ କରିବା ନିମନ୍ତେ ନିବେଦନ କରିଛନ୍ତି । କୃଷି ହେଉଛି ଆମ ଜୀବନ ଓ ବିକାଶର ମାନଦଣ୍ଡ । କୃଷି ଭିତ୍ତିକ କାର୍ଯ୍ୟ ଓ କୃଷକମାନଙ୍କ ଉନ୍ନତି ସହିତ ରାଜ୍ୟର ବିକାଶ ନିମନ୍ତେ ଶିଳ୍ପାୟନକୁ ମଧ୍ୟ ସମାନ ଭାବେ ପ୍ରଧାନ୍ୟ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ । ଅକ୍ଷୟ ତୃତୀୟା ଅବସରରେ ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଳିତ ବର୍ଷ ସରକାର ୭୪ଲକ୍ଷ ଏମଟି ଧାନକିଣିବା ସହିତ ୩୧ଶହ ଟଙ୍କାରେ ଧାନ କିଣିଛନ୍ତି ବୋଲି କହିଥିଲେ ।ଉତ୍ସବରେ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପ୍ରଧାଣ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶିକା ଗୀତାଶ୍ରୀ ପାଢୀ ଯୋଗ ଦେଇ ପବିତ୍ର ଅକ୍ଷୟ ତୃତୀୟା ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରି ଏହି ତିଥିରେ ସମସ୍ତ ମାଙ୍ଗଳିକ କାର୍ଯ୍ୟର ଶୁଭାରମ୍ଭ କରାଯାଇ ପାରେ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନ୍ମ ଦିନରେ ଅରୁଣ ଦେ'ଙ୍କୁ ମନେପକାଇଲେ ବାଲେଶ୍ୱରବାସୀ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ବରିଷ୍ଠ ରାଜନେତା ସ୍ୱର୍ଗତଃ ଅରୁଣ ଦେଙ୍କର ଜନ୍ମଦିବସ ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ମଲ୍ଲିକାଶପୁର ସ୍ଥିତ ସ୍ୱର୍ଗତ ଦେଙ୍କ ବାସଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଏବଂ ସ୍ୱର୍ଗତଃ ଅରୁଣ ଦେଙ୍କ ପିତା ଗଡ଼ଜାତ ଆନ୍ଦୋଳନର ନେତା ସ୍ୱର୍ଗତ ଗୋଲକନାଥ ଦେଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ସେଠାରୁ ଏକ ଶୋଭାଯାତ୍ରାରେ ଅରୁଣ ଦେଙ୍କ ସାଥି ଓ ସମର୍ଥକମାନେ ଯାଇ ବିଦ୍ୟୁତମାର୍ଗ ରାସ୍ତାପାର୍ଶ୍ୱରେ ଥିବା ଅରୁଣ ଦେଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଜେଡ଼ିର ରାଜ୍ୟ ନେତ୍ରୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥିଭାବରେ ଯୋଗଦେଇ ମାଲ୍ୟାର୍ପଣ କରିବା ସଂଗେ ସଂଗେ ସ୍ୱର୍ଗତ ଦେ ସାଧାରଣ ଓ ମେହନତି ମଣିଷଙ୍କ ପାଇଁ ଆଜୀବନ ସଂଗ୍ରାମ କରିଯାଇଛନ୍ତି । ସେଥିପାଇଁ ବାଲେଶ୍ୱରବାସୀ ସ୍ୱର୍ଗତଃ ଅରୁଣ ଦେଙ୍କୁ ୫ଥର ବିଧାୟକ ଭାବରେ ନିର୍ବାଚିତ କରିଥିଲେ । ତାଙ୍କ ପରି ଜଣେ ଦୁଃସାହସିକ ରାଜନେତା ଆଜି ବିରଳ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁପ୍ରସାଦ ମହାନ୍ତି ଏବଂ ବରିଷ୍ଠ ଉପଦେଷ୍ଟା ରଂଜନ ବାଗ ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନସୂୟା ନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ପ୍ରାକ୍ତନ ଉପନଗରପାଳ ମନୋଜ ରାଉତ,ପୂର୍ବତନ କାଉନସିଲ ବିଶ୍ୱଜିତ ମହାପାତ୍ର, କାଉନସିଲର ସେକ୍ ଆୟୁବ, ବିଜେଡ଼ି ନେତା ବସନ୍ତ ପଣ୍ଡା,ଯୁବନେତା ଧିରେନ୍ ନାୟକ, ବିନୋଦ ଜୀ, ଅଭିଜିତ ଦାସ,ଛାତ୍ର ନେତା ବିଭୁଦତ୍ତ ପରିଡ଼ା, ରାଜମିସ୍ତ୍ରୀ ସଂଘର ଉପସଭାପତି ଅଶୋକ ବେରା, ପୂର୍ବତନ ସରପଞ୍ଚ ଶରତ ନାୟକ, ଶ୍ରମିକ ନେତା ଭୋଳାନାଥ ବେହେରା, ଶରତ ଦାଶ, ତ୍ରିଲୋଚନ ବାରିକ, ଜୟନ୍ତ ମହାପାତ୍ର, ସୌଭାଗ୍ୟ ଖୁଣ୍ଟିଆ, ଆଇନଜୀବୀ ଦୀପକ ଦାସ, ଅରୁଣ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତଃ ଦେଙ୍କ ସ୍ମୃତି ଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିଭଳି ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ମଧ୍ୟ ଭିନ୍ନ ଭାବରେ ତାଙ୍କ ସାଥି ସମର୍ଥକଙ୍କୁ ନେଇ ସ୍ୱର୍ଗତ ଦେଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଅରୁଣ ଦେଙ୍କର ଶତାଧିକ ସାଥି ଓ ସମର୍ଥକମାନେ ଯୋଗ ଦେଇଥିଲେ ।

# ସ୍ଲରୀ ପାଇପରେ ଖଣିଜ ପରିବହନକୁ ବିରୋଧ

# ମୁଖ୍ୟମନ୍ତ୍ରୀ ଓ କେନ୍ଦୁଝର ସାଂସଦ ଜାତୀୟସ୍ତରରେ ପ୍ରଶ୍ନ କରନ୍ତୁ : ପଦ୍ମଲୋଚନ

କେନ୍ଦୁଝର,(ରବି ରାଜ ):ପାଇପଲାଇନ ଯୋଗେ ଲୁହାପଥର ପରିବହନକୁ ବିରୋଧ କରାଯାଇଛିତ କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘ, ଯୋଡ଼ା ଟ୍ରକ ମାଲିକ ସଂଘ, ଅଞ୍ଚଳିକ ଟ୍ରକ ମାଲିକ ସଂଘ, ବଡ଼ବିଲ ଟ୍ରକ ମାଲିକ ସଂଘ, ଗୁଆଳି ଟ୍ରକ ମାଲିକ ସଂଘ, ଭଦ୍ରାସାହି ଟ୍ରକ ମାଲିକ ସଂଘ ଦ୍ୱାରା ଗଠିତ କୋର କମିଟିରେ ବା ସଦସ୍ୟ ଓ ଟ୍ରକ ମାଲିକମାନେ ମଙ୍ଗଳବାର ପୂର୍ବାହ୍ନରେ ନିର୍ମାଣାଧୀନ ସୁରୀ ପାଇପ ଲାଇନ ବିଛା ଯାଉଥିବା ସ୍ଥାନଗୁଡିକରେ ଏବଂ ଏହି ପାଇପ ଲାଇନ ପାଇଁ ଆବଶ୍ୟକ ଜଳର ଆପୂର୍ତି ପାଇଁ ନିର୍ମାଣ ହେଉଥୁବା ଜାନପୁର ଜଳସେଚନ ପ୍ରକଳ୍ପ ଜଳ ଭଣ୍ଡାର ନିକଟରେ ନିର୍ମାଣାଧୀନ ପମ୍ପ ହାଉସକୁ ଯାଇ କାର୍ଯ୍ୟ ବନ୍ଦ କରିଥିଲେ। କେନ୍ଦୁଝର ଜିଲ୍ଲାର ସମସ୍ତ ଟ୍ରକ ମାଲିକ ସଂଘକୁ ନେଇ ଗଠିତ କୋର କମିଟି ପକ୍ଷରୁ ପାଇପ ଯୋଗେ ଲୁହାପଥର ପ୍ରବାହ ମାଧ୍ୟମରେ ପରିବହନକୁ ବିରୋଧ କରାଯାଇ ପାଇପ ଖୋଳା ଯାଉଥିବା ସ୍ଥାନ ଗୁଡିକରେ ବିକ୍ଷୋଭ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନ ୧୧ ଟା ବେଳେ କୋର କମିଟିର ଜର୍ମକର୍ତ୍ତାଙ୍କ ସହିତ ଶତାଧିକ ଟ୍ରକ ମାଲିକ ସୁରୀ ପାଇପ ଲାଇନ ଖୋଳା ଯାଉଥିବା କଳାପାହାଡ଼ ଛକ ଠାରୁ କାନପୁର ବୃହତ ଜଳସେଚନ ପ୍ରକଳ୍ପ ପର୍ଯ୍ୟନ୍ତ ସ୍ଥାନମାନଙ୍କରେ ପାଇପ ଲାଇନଖୋଳା କାର୍ଯ୍ୟକୁ ତୀବ୍ର ବିରୋଧ କରି କାମ ବନ୍ଦ କରିଛନ୍ତି । ଏହା ବିରୋଧରେ କୋର କମିଟିର କର୍ମକର୍ତ୍ତା ପଦ୍ମଲୋଚନ ସାହୁ, ପ୍ରଦୀପ କୁମାର ବାରିକ, ମାତା ପ୍ରସାଦ ଜୟସ୍ୱାଲ, ସୁଶାନ୍ତ ବାରିକ, ମନୋଜ କୁମାର ମହାର, କେନ୍ଦ୍ର ବାରିକ, ବିକାଶ ସରୋଗି, ଚନ୍ଦ୍ରଗୁପ୍ତ ଚନ୍ଦ୍ର ପ୍ରସାଦ, କୁଶ ଆପଟ, ସୁନିଲ ଦର, ପୁରୁ ରୁଷୋତ୍ତମ ବାରିକ, ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶତାଧିକ ଟ୍ରକ ମାଲିକ ବିରୋଧରେ ଅଂଶ ଗ୍ରହଣ କରିଥିଲେ ।କୋର କମିଟି ସଂଯୋଜକ ଦେବାଶିଷ ପଟ୍ଟନାୟକ କହିଥିଲେ ଯେ,ବହୁ ପ୍ରତୀକ୍ଷିତ ଜାନପୁର ଜଳସେଚନ ପ୍ରକଳ୍ପ୪ ଦଶନ୍ଧି ଧରିନିର୍ମାଣ ଚାଲିଛି । ଏହାର ରିଜର୍ଭର ପଏଣ୍ଟ ନିକଟରୁ ଇଡ଼େକ ୱେଲ ନିର୍ମାଣ କରି ଡ୍ୟାମର ଉପର ମୁଣ୍ଡରୁ ଏକାଧିକ ଶିଳ୍ପ ଓ ଖଣି କମ୍ପାନୀ ଶିଳ୍ପ ପାଇଁ ଜଳ ନେବେ। ବୈତରଣୀ ନଦୀର ଏହି ବୃହତ ଜଳସେଚ ଳସେଚନ ପ୍ରକଳ୍ପ ଚାଷୀଙ୍କ ପାଇଁ ନା ଶିଳ୍ପ ପାଇଁ ଏହାର ପ୍ରଶ୍ନ ଉଠାଇଥିଲେ।ରାଜ୍ୟର ଦ୍ୱିତୀୟ ନା କାନପୁରରେ ଶିଳ୍ପକୁ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଜଳ ଯୋଗାଇଲେ ଚାଷୀଙ୍କ ଅବସ୍ଥା ଶୋଚନୀୟ ହେବ ଏବଂ ଲକ୍ଷାଧିକ ଚାଷୀ ନିର୍ଭର କରୁଥିବା କାନପୁର ଜ୍ୟାମର ପାଣି ଚାଷୀଙ୍କ ନିକଟକୁ ପହଞ୍ଚିବା ପୂର୍ବରୁ ଜଳସେଚନ ପ୍ରକଳ୍ପର ରିଜର୍ଭରରୁ ଦୁଇଟି ଶିଳ୍ପସଂସ୍ଥା ସୁରା ପାଇପ ପାଇଁ ଜଳ ଶୋଷିନେଉଛନ୍ତି ।ଏହାଦ୍ୱାରା ଚାଷ ପ୍ରଭାବିତ ହେବା ସହ ଖଣି ଅଞ୍ଚଳର ମୁଖ୍ୟ ଦେଉସା ସାଜିଥିବା ପରିବହନ ମଧ୍ୟ ପ୍ରଭାବିତ ହେବ। କୋର କମିଟିର ଅନ୍ୟତମ ସଦସ୍ୟ ତଥା କେନ୍ଦୁଝର ଜିଲ୍ଲା ଟ୍ରକ ଟ୍ରକ ମାଲିକ ସଂଘ ସଭାପତି ପଦ୍ମଲୋଚନ ସାହୁ କହିଛନ୍ତି ଯେ, ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଟ୍ରକ ଓ ପରିବହନ ବ୍ୟବସାୟରେ ରାଜ୍ୟର ୨ ଲକ୍ଷ ଲୋକ ଜୀବିକା ନିର୍ବାହ କରୁଛନ୍ତି ।ପାଇପ ଲାଇନ ଜରିଆରେ ଖଣିଜ ପରିବହନ ହେଲେ ଅଞ୍ଚଳରେ ବେକାର ସମସ୍ୟା ସହିତ ଉତ୍କଟ ଜଳାଭାବ ଦେଖାଦେବ। ଏଥିରେ ସୁଧାର ଆଣିବା ପାଇଁ ମୁଖ୍ୟମନ୍ତ୍ରୀଓ କେନ୍ଦୁଝର ସାଂସଦ ମଧ୍ୟ ଜାତୀୟ ସ୍ତରରେ ପ୍ରଶ୍ନ କରି ହସ୍ତକ୍ଷେପ କରନ୍ତୁ ବୋଲି ପଦ୍ମଲୋଚନ କହିଥିଲେ ।ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଏକଖଣିଖାଦାନ ପୂର୍ଣ୍ଣ ଜିଲ୍ଲା ହୋଇଥିବାରୁ ଜିଲ୍ଲାର ଶିକ୍ଷିତ ବେକାର ସୁବକଯୁବତୀମାନେ ଟ୍ରକ ଯୋଗେ ଲୁହାପଥର ପରିବହନ ବ୍ୟବସାୟକୁ ନିଜର ମୁଖ୍ୟ ବ୍ୟବସାୟ ଭାବେ ଗ୍ରହଣ କରି ନେଇଛନ୍ତି ଓ ଏହି ପରିବହନ ବ୍ୟବସାୟ କରି ଗାଡିର ବ୍ୟାଙ୍କ ଋଣ ଶୁଝିବା ସହ ପରିବାର ପ୍ରତିପୋଷଣ କରି ଆସୁଛନ୍ତି । ତେଣୁ ପାଇପ ଲାଇନ କାମକୁ ତୁରନ୍ତ ବନ୍ଦ ନକଲେ ଆଗାମୀ ଦିନରେ ଏହି ବିରୋଧକୁ ଜୋରଦାର କରାଯିବ ବୋଲି ଦୁଷ୍ମନ୍ତ କୁମାର ସେଠୀ, ସମେଲ ଖାନ, ରବୀନ୍ଦ୍ର ବାରିକ, ମୋନ ବାରିକ, ଗୋବିନ୍ଦ ଲାଗ, ମହମ୍ମଦ ସାଳିକ, ମହଗୃହ ଖୁସିବ, ନରେନ୍ଦ୍ର ଗିରି, ମନୋରଞ୍ଜନ ଦାସ ପ୍ରମୁଖ ଟ୍ରକ୍ ମାଲିକ କହିଛନ୍ତି ।ପ୍ରକାଶ ଯେଗୋଟିଏ ପକ୍ଷରେ ଟ୍ରକ ମାଲିକ ସୁରୀ ପାଇପଲାଇନକୁ ଧ କରୁଛନ୍ତି ଦେବେ ଗତ ୫ ବୈତରଣୀ ନଦୀରେ ଜଳସଙ୍କଟ ଦେଖାଦେଇଥିବାରୁ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି ।ଚାଷୀମାନେ ଏହି ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

# ଏମସିସି ଯଶିପୁର ଶାଖା ପରିଚାଳକ ଅଶୋକ ସାହୁଙ୍କ ଅକାଳ ବିୟୋଗ



ଠାକୁରମୁଣ୍ଡା ,(ସବ୍ୟୁ) : ମଙ୍ଗଳବାର ଠାକୁରମୁଣ୍ଡା ବ୍ଲକ ଖୁଣ୍ଟାପଶି ଗ୍ରାମର ଅଶୋକ ସାହୁ(୫୧)ଙ୍କର ଅକାଳ ବିୟୋଗ ଘଟିଛି । ତାଙ୍କ ମୃତ୍ୟୁରେ ଠାକୁରମୁଣ୍ଡା ଓ ଯଶିପୁର ଅଞ୍ଚଳରେ ଶୋକ ପ୍ରକାଶ ପାଉଛି । ସେ ଯଶିପୁରସ୍ଥିତ ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ । ସେ ଦୈନିକ ଠାକୁରମୁଣ୍ଡାରୁ ଯିବା ଆସିବା କରି ଦାୟିତ୍ୱ ନିର୍ବାହ କରୁଥିଲେ । ଠାକୁରମୁଣ୍ଡା ଏମସିସି ବ୍ୟାଙ୍କରୁ ବର୍ଷେ ପୂର୍ବରୁ ତାଙ୍କର ବଦଳି ହୋଇଥିଲା ।ଅଶୋକ ସାହୁଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ଅଶୋକ ଗତ ରବିବାର ଦିନ ନିମାପଡାରେ ଏମସିଏ କରୁଥିବା ସାନ ଝିଅକୁ ନେଇ ଘରକୁ ଫେରିଥିଲେ ।ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ପକ୍ଷରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ସକାଳ ୮ ଟା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତ୍ୟୁବେଳକୁ ସ୍ତ୍ରୀ କବିତା ସାହୁ ସମେତ ପରିବାର ସଦସ୍ୟ ଡାକ୍ତରଖାନାରେ ଉପସ୍ଥିତ ଥିଲେ ।ଅଶୋକ ଠାକୁରମୁଣ୍ଡା ଅଞ୍ଚଳରେ ଏମସିସି ବ୍ୟାଙ୍କ ମ୍ୟାନେଜର ଭାବେ ଦୀର୍ଘ ଦିନ କାମ କରି ବେଶ ଲୋକପ୍ରିୟ ଥିଲେ ।

# ଅଖିମୁଠି ଅନୁକଳ କଲେ ବିଧାୟକ ମାନସ ଦତ୍ତ



ବାଲେଶ୍ୱର,(ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସଦର ନିର୍ବାଚନମଣ୍ଡଳୀର ଓଲନ୍ଦା ସାରଗାଁ ପଞ୍ଚାୟତ ଅନ୍ତର୍ଗତ ପୋତାଗାଁ ଠାରେ ବିଧାୟକ ମାନସ କୁମାର ଦତ୍ତ ଅଖିମୁଠି ଅନୁକୂଳ କରିଥିଲେ । ଏହି ପରିପ୍ରେକ୍ଷୀରେ ସେଠାରେ ଆୟୋଜିତ ପୂଜା କାର୍ଯ୍ୟରେ ବିଧାୟକ ଶ୍ରୀ ଦତ୍ତ ଅଂଶଗ୍ରହଣ ସହ ଚାଷୀଭାଇଙ୍କ ନିମନ୍ତେ ମାଟି ମା'ଙ୍କୁ ପ୍ରାର୍ଥନା କରିଥିଲେ। ପରେ ସେ ବିଧି ପୂର୍ବକ ଜମିରେ ହଳ ଲଙ୍ଗଳ ଚଳାଇବା ସହ ବିହନ ବୁଣି ଅଖିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଚାଷୀ ଗୁରୁଜନମାନଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ । ଅକ୍ଷୟ ତୃତୀୟା ଭଳି ପବିତ୍ର ଦିନରେ ରାଜ୍ୟରେ ସ୍ଥାପିତ ଲୋକଙ୍କ ସରକାରର ମୁଖିଆ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଖରିଫ ଋତୁ ପାଇଁ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀଙ୍କୁ ହଜାରେ କୋଟିରୁ ଅଧିକ ଟଙ୍କାର ମୁଖ୍ୟମନ୍ତ୍ରୀ କିଷାନ ସହାୟତା ରାଶି ପ୍ରଦାନ କରିବା ବାସ୍ତବିକ ଏକ ଖୁସିର ବିଷୟ ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଥିଲେ। ଚଳିତ ଋତୁରେ ଚାଷୀଭାଇମାନଙ୍କ ଜମିରେ ଭଲ ଫସଲ ହେବା ନିମନ୍ତେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଞ୍ଚ ଆରତୀ ଦାସ, ସମିତି ସଭ୍ୟା ରଶ୍ମିତା ନାୟକ, ଗୌରାଙ୍ଗ ଦାସ, ବିଷ୍ଣୁପଦ ପ୍ରଧାନ, ପିତାମ୍ବର ଭୂୟାଁ, ରଘୁନାଥ ପ୍ରଧାନ, କାର୍ତ୍ତିକ ଶତପଥୀ, ପୀତବାସ ଭୂୟାଁ, ବିରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣି ପାଇଁ ନଳକୂପ ନିକଟରେ ଲମ୍ବା ଲାଇନ

ଭଦ୍ରକ,(ସବ୍ୟୁ):ଅସହ୍ୟ ଗରମ ଗୁମୁଗୁଳିରେ ସିଝୁଛି ସାରା ଓଡ଼ିଶା। ଠିକ ଏହି ସମୟରେ ପାଣିର ଅଭାବ ଜନଜୀବନକୁ ଅଥୟ କରୁଛି। ପାଣି ପାଇଁ ହାହାକାର ଦେଖାଦେଇଛି। ଲୋକେ,ପାଣି ଟୋପେ ପାଇଁ ନଳକୂପ ନିକଟରେ ଘଣ୍ଟା ଘଣ୍ଟା ଲାଇନ ଦେବାକୁ ପଡୁଛି ତାହିଲେ ମହିଳା। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଭାପରା ପଂଚାୟତ ଭର୍ଣ୍ଣଡୀ ଗ୍ରାମରେ। ଉକ୍ତ ଗ୍ରାମରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ଗାଁ କୁ ଯାଇନି ମେଗା ପାଣି ପାଇପ,ଗାଁରେ ରହିଛି ମାତ୍ର ୪ଟି ନଳକୂପ ଯେଉଁଥିରୁ ଠିକରେ ବାହାରୁନି ପାଣି। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ଗୋଟେ ଗାଧୋଇବା ପାଇଁ ନଳକୂପ ନିକଟରେ ଘଣ୍ଟା ଘଣ୍ଟା ଧରି ଧାଡ଼ି ଲଗାଇ ବସିବାକୁ ପଡୁଛି। ଖରା ଦିନେ ଜଳାଶୟ ଗୁଡ଼ିକ ଶୁଖିଯିବାରୁ ପଶୁ ପକ୍ଷୀ ଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସମସ୍ତେ ନଳକୂପର ପାଣି ଉପରେ ନିର୍ଭର କରୁଥିବା ବେଳେ ନଳକୂପରୁ ଠିକରେ ପାଣି ନବାହାରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛନ୍ତି। ଗ୍ରାମବାସୀମାନେ ଏକାଠି ହୋଇ ଏ ବିଷୟରେ ଚାନ୍ଦବାଲି ବିଡ଼ିଓଙ୍କୁ ଜଣାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ବିଡ଼ିଓ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମରେ ଥିବା ସମସ୍ତ ନଳକୂପର ମରାମତି ସହ ମେଗା ପାଇପ ପାଣି ଯୋଗାଇ ଦେବାକୁ ଦାବି ହୋଇଛି।

# ସମବାୟ ରଥ ଉଦଘାଟିତ

କରଞ୍ଜିଆ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ମହକୁମା ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ସମବାୟ ରଥ ପାଞ୍ଚପୀଢ଼ ଉପଜିଲ୍ଲାପାଳ ପରିସରରେ ପହଞ୍ଚିବା ପରେ ଏହାକୁ ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଦ୍ୱାରା ସମବାୟ ରଥ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପାଞ୍ଚପୀଢ଼ ଏଆରସିଏସ ବସନ୍ତ କୁମାର ନାଏକ,ଅତିରିକ୍ତ ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାଶ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ ଓ ରଶ୍ମିତା ଜେନା, ସହକାରୀ ଏଆରସିଏସ ଜ୍ଞାନ ରଞ୍ଜନ ମହାନ୍ତି,ମଣି ରଞ୍ଜନ ମିଶ୍ର,ନାରାୟଣ ପାତ୍ର,ସମବାୟ ନିରିକ୍ଷକ ତୁଷାର କାନ୍ତି ମହାନ୍ତ,ଦିପାଞ୍ଜଳୀ ମହାନ୍ତ ଓ କରଞ୍ଜିଆ ଆରଏମସି ସମ୍ପାଦକ ଜୟଦ୍ରଥ ମହାନ୍ତ ପ୍ରମୁଖଙ୍କ ସହ ଉପଖଣ୍ଡର ୨ଟି ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶିକ ଓ ସମବାୟ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ସମବାୟ ବର୍ଷ ପାଳନର ତାତ୍ପର୍ଯ୍ୟ ପ୍ରକାଶ କରିବା ସହ ସଶକ୍ତ ସମବାୟ, ସୁଦୃଢ ସମାଜ, ସମୃଦ୍ଧ ଜୀବନ ଲକ୍ଷକୁ ସାକାର କରିବା ଉଦ୍ଦେଶ୍ୟ ସଚେତନତା ଏହି ରଥର ମୁଳ ଲକ୍ଷ୍ୟ ବୋଲି କହିଥିଲେ। ସମସ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ଘର ପୋଡି

ସିମୁଳିଆ,(ସବ୍ୟୁ) :ବଜ୍ରପାତରେ ଘରେ ନିଆଁ ଲାଗି ଘର ପୋଡି ଯିବା ସହ ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ସୂଚନାରୁ ପ୍ରକାଶ ମଙ୍ଗଳବାର ରାତିରେ ଘଡଘଡି ସହ ବର୍ଷା ହୋଇଥିଲା । ଏହି ସମୟରେ ବଜ୍ରପାତ ଘଟି ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡି ପଞ୍ଚାୟତ ଅନ୍ତର୍ଗତ ମାଟିଆପଡ଼ା ଗ୍ରାମର ସୁନା ଲେଙ୍କା ଘରେ ଖାଇ ପିଇ ଶୋଇଥିଲେ। ଗାଁ ଲୋକଙ୍କ ପାଟି ଶୁଣି ଦେଖିବା ବେଳକୁ ବଜ୍ରପାତରେ ଘରେ ନିଆଁ ଲାଗିଯାଇ ହୁହୁ ଜଳୁଥିବା ଦେଖିଥିଲେ । ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ପରେ ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଡା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ସେତେବେଳକୁ ଘର ପୂରାପୂରି ଜଳି ଯିବା ସହ ଘରେ ଥିବା ଲକ୍ଷାଧିକ ଟଙ୍କାର ଅସବାବ ପତ୍ର ପୋଡି ନଷ୍ଟ ହୋଇ ଯାଇଥିଲା । ସୁନା ଅତ୍ୟନ୍ତ ଗରିବ ହୋଇଥିବାରୁ ଗ୍ରାମବାସୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ନିବେଦନ କରିଥିବା ଜଣାଯାଇଛି ।

# ପିକ୍ଅପ ମୁହାଁମୁହିଁ ଦୁଇ ଚାଳକ ଗୁରୁତର

ପାଞ୍ଚପୀଢ ,(ସବ୍ୟୁ) :ଦୁଇ ପିକଅପ୍ ମୁହିଁ ମୁହିଁ ଧକ୍କା ରେ ଦୁଇ ଚାଳକ ଗୁରୁତର ହୋଇଛନ୍ତି। ବୁଧବାର ବଡ଼ି ସକାଳୁ ପ୍ରାୟ ସାଢ଼େ ୪ଟା ସମୟରେ କରଞ୍ଜିଆ -ଠାକୁରମୁଣ୍ଡା ରାଜ୍ୟ ରାଜପଥରେ କାଦଡିହା ନିକଟରେ ଠାକୁରମୁଣ୍ଡା ପଟରୁ ଏକ କୁକୁଡ଼ା ବୋଝେଇ ପିକଅପ୍ ଦ୍ରୁତଗତିରେ ଠାକୁରମୁଣ୍ଡା ପଟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କରଞ୍ଜିଆ ପଟରୁ ଆସୁଥିବା ଅନ୍ୟ ଏକ ଚାଉଳ ବୋଝେଇ ପିକଅପ୍ ନମ୍ବର ଓଡି୦୫-ବିଏଫ- ୯୬୮୫ ସହ ଧକ୍କା ହୋଇଥିଲା। ଏହି ଧକ୍କା ରେ ଚାଉଳ ବୋଝେଇ ପିକଅପ୍ ରାସ୍ତା ଉପରେ ଓଲଟି ପଡିଥିବା ବେଳେ ଅନ୍ୟ ଗାଡ଼ିଟି ରାସ୍ତା ତଳକୁ ଚାଲିଯାଇଥିଲା। ଏହି ଦୁର୍ଘଟଣାରେ ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ଦୁହିଁଙ୍କୁ ଚିକିତ୍ସା ପାଇଁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟପରେ କଟକ ଏସସି ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ଯାଇଛି। ଗୁରୁତର ଡ୍ରାଇଭର ଦ୍ୱୟ କରଞ୍ଜିଆ ବ୍ଲକ ରସମତଳା ଗାଁର ତପନ ମହାନ୍ତ(୫୫) ଓ ହଜାରିବାଗର ଇସ୍ରାଉଲ ହକ୍ (୪୨)।ଘଟଣାସ୍ଥଳରେ କରଞ୍ଜିଆ ପୋଲିସ ପହଞ୍ଚି ପହଞ୍ଚି ଉଭୟ ଗାଡ଼ିକୁ ରାସ୍ତା ଉପରୁ ଉଠାଇ ଅଧିକ ତଦନ୍ତ ଜାରି ରଖିଛି। ଲୋକମାନେ ଗାଡ଼ିରେ ଥିବା ମଲା ଓ ବଞ୍ଚିଲା କୁକୁଡ଼ା ନେଇଯାଉଥିବା ଦେଖିବାକୁ ମିଳିଥିଲା।

# ପାରାପୋଖରୀ କଟ୍ ନଦୀରେ ବୁଡି ଶିଶୁ କନ୍ୟାର ମୃତ୍ୟୁ

ବାସୁଦେବପୁର,(ସବ୍ୟୁ):ନଦୀରେ ବୁଡିଗଲା ସାତ ବର୍ଷର ଶିଶୁ କନ୍ୟା। ନଦୀର ଉପରେ ଏକ କଙ୍କ୍ରିଟ ପାଦଚଲା ରାସ୍ତାରୁ ଖସିଗଲା ଗୋଡ। ଶିଶୁ କନ୍ୟା ନଦୀରେ ବୁଡି ଗଲା। ଏମିତି ଅଭାବନୀୟ ଘଟଣା ଘଟିଛି ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ତମ୍ପୁଆ ପାଳ ଗ୍ରାମର। କରଣପଲ୍ଲୀ ଗ୍ରାମର ଅର୍ଜନ ମାଇତିଙ୍କ ଶିଶୁଙ୍କ କନ୍ୟା ସ୍ମରଣିକା ମାମୁଁ ଘରେ ଜଗନ୍ନାଥପ୍ରସାଦରେ ରହି ପାଠ ପଢୁଥିଲେ। ମଙ୍ଗଳବାର ଅପରାହ୍ନରେ ମନ୍ତେଇ ନଦୀର ଶାଖା ନଦୀ ପାରାପୋଖରୀକଟ୍ ଉପରେ ଥିବା ପାଦ ଚଲା ରାସ୍ତାର ନଦୀ ପାରି ହେଉଥିଲେ। ହଠାତ ଗୋଡ ଖସିଯିବାରୁ ନଦୀରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ଖୋଜା ଖୋଜି କରି ନିରାଶ ହେବା ପରେ ବାସୁଦେବପୁରରୁ ଦମକଳ ଗାଡି ପହଂଚିଥିଲା। ଅଗ୍ନିଶମ କର୍ମଚାରୀ ତମ୍ପୁଆ ପାଳ ପାରାପୋଖରୀକଟ୍ ନଦୀରେ ବୁଡି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ସଂଜ୍ଞାହୀନ ଅବସ୍ଥାରେ ନଦୀରୁ ଉଦ୍ଧାର କରି ଅଗ୍ନିଶମ କର୍ମଚାରୀ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁଟିକୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଟ୍ରେନ ଦୁର୍ଘଟଣାରେ ଯୁବକ ଗୁରୁତର


ନୀଳଗିରି,(ସବ୍ୟୁ) :ଟ୍ରେନ ଦୁର୍ଘଟଣାରେ ଜଣେ ଅଜଣା ଯୁବକ ଗୁରୁତର ହୋଇଛନ୍ତି। ମଙ୍ଗଳବାର ରାତି ପ୍ରାୟ୮ଟା ରେ ନୀଳଗିରି ଗୋପୀନାଥପୁରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ପୁହୁଣି ନିକଟରେ ଯୁବକ ଜଣଙ୍କ ରେଳଲାଇନ ପାର ହେଉଥିବାବେଳେ ଟ୍ରେନଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ବାମହାତର ତିନୋଟି ଆଙ୍ଗୁଳି କଟିଯାଇ ସେଠାରେ ପଡ଼ିଥିବା ବେଳେ ଯୁବକଙ୍କ ଗୋଡ଼ରେ ଗଭୀର ଆଘାତ ହୋଇଥିବା ସୂଚନା ମିଳିଛି। ଯୁବକ ଜଣକ ବାହାର ରାଜ୍ୟର ବୋଲି ଜଣାଯାଇଛି। ତେବେ ଗୁରୁତର ଯୁବକ ଜଣକୁ ସ୍ଥାନୀୟ ଯୁବକଙ୍କ ସହାୟତାରେ ଲୋକ ପାଇଲଟ ଟ୍ରେନରେ ବାଲେଶ୍ୱର ହସ୍ପିଟାଲ ନେଇଯାଇଥିଲେ।ପ୍ରଥମେ ବାଲେଶ୍ୱର ମେଡିକାଲରେ ଚିକିତ୍ସାପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଯୁବକ ଜଣକ ଦିଲ୍ଲୀ ଅଞ୍ଚଳର ଶୁଣିବାକୁ ମିଳିଥିବା ବେଳେ ସେ ରାଇଗାଁ ଠାରେ ଶାଳନ୍ଦୀ କେନାଲ କାମରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ।

# ଆମ ପୁଲିସ ସମିତି ବୈଠକ

ବେତନଟୀ ,(ସବ୍ୟୁ) :ବୈଶିଙ୍ଗା ଥାନା ପରିସରରେ ଥିବା ଅଭ୍ୟର୍ଥନା କକ୍ଷରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ବାରିଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୈଶିଙ୍ଗା ଥାନା ଅଧୀନ ବିଭିନ୍ନ ପଞ୍ଚାୟତରେ ଥିବା ପୁଲିସ ସମିତି ସଦସ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ସଦସ୍ୟ ମାନେ ନିଜ ନିଜର ପଞ୍ଚାୟତ ଅଧୀନରେ ଥିବା ଆଇନ ସମସ୍ୟା ଗୁଡିକୁ ଉପସ୍ଥାପନ କରାଯିବା ସହିତ ତାର ସମାଧାନ ବିଷୟ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।ବୈଶିଙ୍ଗା ଥାନା ଅଞ୍ଚଳରେ ମୁର୍ସିଦାବାଦ ଅଞ୍ଚଳର ଲୋକମାନଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ନେଇ ସଦସ୍ୟ ଚିନ୍ତା ପ୍ରକଟ କରିଥିଲେ। ଏହାକୁ ଭିତ୍ତିକରି ଥାନାଧିକାରୀ ବାହାର ରାଜ୍ୟରୁ ଆସିଥିବା ବଙ୍ଗ ଭାଷାଭାଷୀ ମୁର୍ସିଦାବାଦ ଲୋକଙ୍କର ପରିଚୟ ପତ୍ର ଯାଞ୍ଚ କରିବା ସହ ଘର ଭଡାରେ ଦେଇଥିବା ମାଲିକ ମାନଙ୍କୁ ମଧ୍ୟ ତାଗିଦ କରାଯିବ ବୋଲି ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଜନପ୍ରତିନିଧିଙ୍କୁ ଛାଡି ଆମ ପୋଲିସ ସମିତିର ଅନ୍ୟାନ୍ୟ ସଦସ୍ୟ, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇଥିଲେ । ଏହି ବୈଠକରେ ଏଏସଆଇ ଭାବଗ୍ରାହୀ ମହାନ୍ତ, ଶୁଭ୍ରାଂଶୁ ରାଉଳ ଏବଂ ଅନ୍ୟ ଥାନା କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ସମାରୋହ

# ଅଖି ମୁଠି ଅନୁକୂଳ କଲେ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ




କେନ୍ଦୁଝର,(ସବ୍ୟୁ) :ପବିତ୍ର ଅକ୍ଷୟ ତୃତୀୟା ପରିପ୍ରେକ୍ଷୀରେ ବୁଧବାର ଦିନ କେନ୍ଦୁଝର ଜୁଡ଼ିଆସ୍ଥିତ ଓୟୁଏଟି ଫାର୍ମଠାରେ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ପାଳନ କରାଯାଇଛଇ। ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ଖୁଣ୍ଟିଆ ଯୋଗ ଦେଇ ଅଖି ମୁଠି ଅନୁକୂଳ କରିବା ସହ ରାଜ୍ୟର କୃଷକଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ କୃଷି ଓ କୃଷକର ଉନ୍ନତି ନିମନ୍ତେ ଆମ ସରକାର ଉଦ୍ୟମ କରୁଥିବା ଓ କଥା ଦେଇ ଆମ ସରକାର କଥା ରଖିଥିବା କହିଥିଲେ। ଆଜିର ଦିନରେ ମୁଖ୍ୟମନ୍ତ୍ରୀ ୨୦୨୫ ଖରିଫ ଫସଲ ପାଇଁ ୫୦,୧୬,୯୩୮ ଜଣ ନାମମାତ୍ର ଓ କ୍ଷୁଦ୍ର ଚାଷୀ ଏବଂ ୪୯,୪୮୨ ଜଣ ଭୂମିହୀନ ଚାଷୀ ଙ୍କୁ ସିଏମ କିଶାନ ଯୋଜନା ଅନ୍ତର୍ଗତ କିସ୍ତି ପ୍ରଦାନ କରିବେ। କେନ୍ଦୁଝରର ୨,୪୨,୪୪୯ ଜଣ ନାମମାତ୍ର ଓ କ୍ଷୁଦ୍ର ଚାଷୀ ଏବଂ ୧୦୦୧ ଜଣ ଭୂମିହୀନ ଚାଷୀ ଏହି କିସ୍ତି ପାଇବାକୁ ଯାଉଛନ୍ତି। ତତ ସହିତ ବିଶେଷ ଭାବେ ପ୍ରତିକୂଳ ଜନଜାତି ଗୋଷ୍ଠୀର ୧୯୫୮ ଜଣ ହିତାଧିକାରୀ ମଧ୍ୟ ସହାୟତା ପାଇବାକୁ ଯାଉଛନ୍ତି ବୋଲି କହିବା ସହ ଓଡିଶାକୁ ଦେଶର ୧ ନମ୍ବର ରାଜ୍ୟରେ ପରିଗଣିତ କରିବା ପାଇଁ ସମସ୍ତଙ୍କ ସାମଗ୍ରିକ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ଶିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଉପସ୍ଥିତ ଥିଲେ।

# କ୍ରିପ୍ଟୋ କରେନ୍ସି ମାମଲା

## ଆସାମୀକୁ ୭ବର୍ଷ ଜେଲ ସହ ଅର୍ଥଦଣ୍ଡ

ବାଲେଶ୍ୱର,(ସବ୍ୟୁ) :ଓପିଆଇଡ଼ି କୋର୍ଟର ମାନ୍ୟବର ବିଚାରପତି ବିଶ୍ୱଜିତ ଦାସ କ୍ରିପ୍ଟୋ କରେନ୍ସି ମାମଲାର ବିଚାର କରି ଅଭିଯୁକ୍ତ ନିଲେଶ କୁମାର କରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ କାରାଦଣ୍ଡ ଓ ୨ଲକ୍ଷ ୩୫ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ବାବଦ ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୨ବର୍ଷ ଜେଲ ଦଣ୍ଡ ଭୋଗକରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ଘଟଣାରୁ ପ୍ରକାଶ ସହଦେବଖୁଣ୍ଟା ଥାନା ଅଞ୍ଚଳର ବାସିନ୍ଦା ନିମାଇଁ ଚରଣ ଜେନାଙ୍କ ପୁତ୍ର ମହାମାନ୍ୟ ଜେନା (୩୪)ଙ୍କୁ ଅଙ୍ଗାରଗଡ଼ିଆ ଅଞ୍ଚଳର ନିଲେଶ କୁମାର କର ନାମକ ଜନୈକ ବ୍ୟକ୍ତି କ୍ରିପ୍ଟୋ କରେନ୍ସିରେ ଅର୍ଥ ଲଗାଇବା ପାଇଁ ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ବହୁ ଟଙ୍କା ନେଇ ଯାଇଥିଲେ । ସମୟ ସୀମା ପୁରିବା ପରେ ଜମାକାରୀ ଯେତେବେଳେ ତାଙ୍କର ପ୍ରାପ୍ତ ଅର୍ଥ ନପାଇଲେ ସେତେବେଳେ ସେ ଭୁବନେଶ୍ୱରସ୍ଥିତ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ଙ୍କ ଦ୍ୱାରସ୍ଥ ହୋଇଥିଲେ । ଏବାବଦରେ ଇଓଡବ୍ଲ୍ୟୁ ଥାନାରେ ୧୫/୨୦୨୩ ମୂଳେ ଏକ ମାମଲା ରୁଜୁ କରାଯାଇଥିଲା । ଦୀର୍ଘଦିନ ଧରି ଏହି ମାମଲାର ବିଚାର ଚାଲିବା ପରେ ମାନ୍ୟବର ବିଚାରପତି ବିଶ୍ୱଜିତ ଦାସ ଅଭିଯୁକ୍ତ ନିଲେଶ କୁମାର କରଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଦଫା। ୪୨୦,୪୬୭,୪୬୮,୪୭୧,୪୭୨,୧୨୦-ବି, ଆର୍/ଡବ୍ଲ୍ୟୁ ସେକେସନର ୬୬ (ସି) ଏବଂ (ଡ଼ି) ଅଫ୍ ଆଇଟିଏକ୍ଟ/ସେକସନ-୬ ଅଫ୍ ଓପିଁଆଇଡି ଏକ୍ଟ- ୨୦୧୧ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଜେଲଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି ।

# ଏଫ୍ଏମ୍ୟୁରେ ପାଣିପାଗ ପୂର୍ବାନୁମାନ ସମ୍ପର୍କିତ ଅତିରିକ୍ତ ଅଧ୍ୟାପନା




ବାଲେଶ୍ୱର, (ସବ୍ୟୁ) :ଫକୀର ମୋହନ ବିଶ୍ୱବିଦ୍ୟାଳୟ (ଏଫଏମୟୁ)ର ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଅତିରିକ୍ତ ଅଧ୍ୟାପନା କାର୍ଯ୍ୟକ୍ରମ ଗତ ସପ୍ତାହରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିବା ସହ ଏହି କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ପାଣିପାଗରେ ଦେଖା ଦେଇଥିବା ଅହେତୁକ ବ୍ୟତିକ୍ରମର ସଠିକ ପୂର୍ବାନୁମାନ ସହିତ ବିହିତ ପଦକ୍ଷେପ ଗ୍ରହଣ କରାଯାଇ ନପାରିଲେ ଜୀବନଜୀବିକା ବଞ୍ଚାଇବା କଷ୍ଟକର ହୋଇପଡ଼ିବ ବୋଲି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ।ଏହି ଅଧ୍ୟାପନା କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଭାରତୀୟ ବାୟୁସେନା ବିଭାଗର ଅବସରପ୍ରାପ୍ତ ଅଧିକାରୀ ଡକ୍ଟର ଜୟନ୍ତ କୁମାର ସାହୁ ଯୋଗଦେଇଥିଲେ। ଏଥିସହ ସେନା ଦ୍ୱାରା ହେବାକୁ ଥିବା କୌଣସିପ୍ରକାର କାର୍ଯ୍ୟକଳାପ ପୂର୍ବରୁ ସେହି ଅଞ୍ଚଳ ବା ସ୍ଥାନର ପାଣିପାଗର ସ୍ଥିତିକୁ କିପରି ପୂର୍ବାନୁମାନ କରାଯାଇପାରେ, ତାହା ନିଜସ୍ୱ ଅଭିଜ୍ଞତାରୁ ବର୍ଣ୍ଣନା କରିଥିଲେ। ଏହାବ୍ୟତୀତ ଭାରତରେ ପାଣିପାଗ କ୍ଷେତ୍ରରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଉନ୍ନତି ବିଷୟରେ ସେ ଆଲୋକପାତ କରିବା ସହ ବର୍ଦ୍ଧମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା କୁ ଉପଯୋଗ କରି କିଭଳି ପାଣିପାଗର ପୂର୍ବାନୁମାନ ପ୍ରାୟତଃ ଶତପ୍ରତିଶତ ସଠିକ ଆକଳନ କରାଯାଇ ପାରୁଛି, ସେ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ନିଜର ବ୍ୟକ୍ତବ୍ୟରେ, ପାଣିପାଗର ଆନୁମାନିକ ଆକଳନ ଜୀବଜଗତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭିକ ଉଦବୋଧନ ସଂଯୁକ୍ତ ପ୍ରଫେସର ଡ଼କ୍ଟର ମୁନେଶ ଚନ୍ଦ୍ର ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ବିଭାଗର ଅଧ୍ୟାପକ ସୂରଜ କୁମାର ପତି କାର୍ଯ୍ୟକ୍ରମର ସଂଚାଳନ ଦାୟିତ୍ୱ ନିର୍ବାହ କରିଥିଲେ ତଥା ବିଭାଗର ସଂଯୋଜକ ଡ଼କ୍ଟର ବିବେକାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀଘାରେ ଶ୍ରୀଜଗନ୍ନାଥ ମନ୍ଦିର ଉଦଘାଟନ କଲେ ମମତା



ଭୋଗରାଇ,(ସବ୍ୟୁ) : ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସୈକତ ସହର ରେଳ ଷ୍ଟେସନ ଠାରେ ୨୦ ଏକର ଜାଗା ପରିଧିରେ ୨ ଶହ ୫୦ ଲକ୍ଷ ଟଙ୍କା ବ୍ୟୟରେ ପୁରୀ ଶ୍ରୀମନ୍ଦିର ଛାପରେ ହୋଇଥିବା ଶ୍ରୀଜଗନ୍ନଥ ନୂତନ ଭବ୍ୟ ମନ୍ଦିରକୁ ବୁଧୁବାର ପବିତ୍ର ଅକ୍ଷୟ ତୃତୀୟା ଅପରାହ୍ନ ପ୍ରାୟ ୩ ଟାରେ ଶୁଭ ଉଦଘାଟନ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ । ମନ୍ଦିର ଉଦଘାଟନ ନିମନ୍ତେ ସୋମବାର ଠାରୁ ସୁଶ୍ରୀ ବାନାର୍ଜୀ ଦୀଘାକୁ ଆସି ପୁରୀ ଶ୍ରୀକ୍ଷେତ୍ରର ଦଇତାପତି ସଂଗଠନର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସହ ଅନ୍ୟ ଦଇତାପତି, ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଓ ଅନ୍ୟାନ୍ୟ ସେବାୟତ, ସାଗରଦୀପ ଭାରତ ସେବାସଂଘର ମୁଖ୍ୟ ନିମାଇଁ ମହାରାଜ ଇସ୍କନ ସଂଗଠନର ମୁଖ୍ୟ ରାଧାରମଣ ଦାସଙ୍କ ସହିତ ବହୁ ଧର୍ମୀୟ ଅନୁଷ୍ଠାନର ମୁଖ୍ୟ,ମନ୍ତ୍ରୀ, ସଚିବ, ପ୍ରଶାସକମାନେ ଶ୍ରୀଜଗନ୍ନାଥଙ୍କ ପ୍ରାକ ପ୍ରାଣପ୍ରତିଷ୍ଠା ଲାଗି ଧର୍ମୀୟ କାର୍ଯ୍ୟକ୍ରମରେ ସାମିଲ ଥିଲେ। ବୁଧବାର ଶ୍ରୀଜଗନ୍ନଥଙ୍କ ପ୍ରାଣପ୍ରତିଷ୍ଠା ପାଇଁ ବିଶେଷ ହୋମ ଯଜ୍ଞ ପରେ ମନ୍ଦିର ଗର୍ଭଗୃହକୁ ଯାଇ ଭକ୍ତଙ୍କ ନିମନ୍ତେ ଶୁଭ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ । ମନ୍ଦିର ଉଦଘାଟନ ଅବସରରେ ବଙ୍ଗ ମୁଖ୍ୟମନ୍ତ୍ରୀ ସାରା ବିଶ୍ୱରେ ଶାନ୍ତି, ସଂହତି ଓ ସମ୍ପ୍ରତିର ବାର୍ତ୍ତା ଦେଇଥିଲେ ।ଏହି ଅବସରରେ ଦୀର୍ଘ ୩ ବର୍ଷ ଧରି କଳିଙ୍ଗ ସ୍ଥାପତ୍ୟର ନିହାଣମୁନରେ ଗଢିଉଠିଥିବା ଶ୍ରୀ ଜଗନାଥ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବାସହ ପଶ୍ଚିମବଙ୍ଗର ଅଧିବାସୀଙ୍କୁ ମା - ମାଟି ଓ ମଣିଷ ନିମନ୍ତେ ଉକ୍ତ ମନ୍ଦିରକୁ ଉତ୍ସର୍ଗୀକୃତ କରି ମହାପ୍ରଭୁଙ୍କ ଭୋଗ ଓ ଛବି ସମସ୍ତଙ୍କୁ ଦିଆଯିବବୋଲି ଗଣ ମାଧ୍ୟମକୁ ସୂଚନା ଦେଇଥିଲେ ।ମନ୍ଦିର ପରିଚାଳନା ଦାୟିତ୍ୱ ଇସ୍କନ ସଂଗଠନକୁ ଦିଆଯିବାର ଘୋଷଣା କରିଥିଲେ ।ପରେ ସେ ୫ ଶହ ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସକାଶେ ମନ୍ଦିର ଖୋଲା ଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ଝଦୀଘା କୁ ବିଭିନ୍ନ ସୁନ୍ଦର ଆକର୍ଷଣୀୟ ତୋରଣ ଓ ବିଦ୍ୟୁତ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବା ବେଳେ ଏଲ ଇଡି ଟିଭି ମାଧ୍ୟମରେ ମନ୍ଦିର ଶୁଭ ଉଦଘାଟନ ଉତ୍ସବର କାନ୍ଥି ଓ ବର୍ଦ୍ଧର ପର୍ଯ୍ୟନ୍ତ ସିଧା ପ୍ରସାରଣ କରାଯାଇଥିଲା ।

(ଶ୍ରୀମଭଗବଦ୍ ଗୀତା ୧୪/୨୬)
–କ୍ଷେତ୍ର–ଗୁଣତ୍ରୟ ବିଭାଗଯୋଗଃ–
(ଶ୍ରୀଭଗବାନୁବାଚ )

**ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।**
**ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ।।୨୬।।**

ଯେଉଁ ବ୍ୟକ୍ତି ଅବିଚଳିତ ଭକ୍ତିଯୋଗରେ କେବଳ ମୋତେ ସେବା କରନ୍ତି, ସେ ଏହି ଗୁଣତ୍ରୟକୁ ଅତିକ୍ରମ କରି ମୋକ୍ଷ ନିମିତ୍ତ ଯୋଗ୍ୟ ହୁଅନ୍ତି । ।।୨୬।।

# ପହଲଗାମ ଘଟଣାରେ ଚୀନ୍‌ର ନୀରବତା

ଭାରତ ସହିତ ଚୀନର ସଂପର୍କ ପୁରାତନ କାଳରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଚୀନ୍‌ରେ ବେସାମରିକ ଗୃହଯୁଦ୍ଧ ଲାଗି ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି ୧୯୪୯ରେ ବିଜୟ ଲାଭ କରିବା ପରେ ଭାରତ ସହିତ ଚୀନ୍‌ର ଲୋକତାନ୍ତ୍ରିକ ଶାସନ ମଧ୍ୟରେ ଆର୍ଥନୀତିକ ଓ ସାଂସ୍କୃତିକ ସଂପର୍କ ଭଲ ରହିଥିଲେ ମଧ୍ୟ ଚୀନ୍ ସହିତ ସୀମା ବିବାଦର ସମାଧାନ ଲାଗି ରହିଛି । ଏବେ ବି ତାହାର ସମାଧାନ ହୋଇ ପାରିନାହିଁ ଓ ସେ ଦିଗରେ ଉଦ୍ୟମ ଜାରି ରହିଛି ।

ଜବାହରଲାଲ ନେହେରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଥିବାବେଳେ ୧୯୫୪ ଏପ୍ରିଲ ୨୯ରେ, ଭାରତ ଓ ଚୀନ୍ ମଧ୍ୟରେ ସୁସଂପର୍କ ସ୍ଥାପନ ପାଇଁ ଏକ ପଞ୍ଚଶୀଳ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ପାଞ୍ଚଗୋଟି ନୀତି ଆଧାରରେ ଏହି ନୀତିଗୁଡ଼ିକ ଥିଲା ପରସ୍ପର ପ୍ରତି ମର୍ଯ୍ୟାଦା ରକ୍ଷା କରି ନିଜ ନିଜର ସାର୍ବଭୌମତ୍ୱ ରକ୍ଷା କରିବା, ପରସ୍ପର ମଧ୍ୟରେ ଯୁଦ୍ଧପ୍ରବଣତା ନ ରହିବା, ପ୍ରତ୍ୟେକ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ କେହି ହସ୍ତକ୍ଷେପ ନ କରିବା ଏବଂ ସମାନତା ଓ ପାରସ୍ପରିକ ସୁବିଧା ଲାଗି ଶାନ୍ତିପୂର୍ଣ୍ଣ ଭାବରେ ଉଭୟ ଦେଶର ସହାବସ୍ଥାନ ପାଇଁ ଏହି ରାଜିନାମାରେ ମୁଖ୍ୟତଃ ଉଲ୍ଲେଖ କରାଯାଇଥିଲା । ଚୀନ୍‌ର ତତ୍କାଳୀନ ପ୍ରଧାନମନ୍ତ୍ରୀ ଚାଉଏନ୍ ଲାଏ ମଧ୍ୟ ଏହି ରାଜିନାମାକୁ ସମ୍ମତି ପ୍ରଦାନ କରିଥିଲେ । ମାତ୍ର ୧୯୬୨ ମସିହାରେ ଅକ୍ଟୋବର ଓ ନଭେମ୍ବର ମଧ୍ୟରେ ଯେଉଁ ସାମରିକ ଯୁଦ୍ଧର ସୂତ୍ରପାତ ଚୀନ୍ ଆରମ୍ଭ କରିଥିଲା, ସେହି ଯୁଦ୍ଧରେ ଭାରତ ଚୀନ୍‌ଠାରୁ ପରାଜୟ ବରଣ କରିଥିଲା । ତା'ର ଅନେକ କାରଣ ମଧ୍ୟରୁ କେତୋଟି ହେଉଛି, ଚୀନ୍ ଭାରତ ଠାରୁ ସାମରିକ କ୍ଷେତ୍ରରେ ଅଧିକ ସମୃଦ୍ଧ ଥିଲା ଓ ଏପରି ଏକ କୌଶଳପୂର୍ଣ୍ଣ ଯୁଦ୍ଧ ପାଇଁ ଭାରତ ପ୍ରସ୍ତୁତ ହୋଇପାରି ନ ଥିଲା । ଚୀନ୍ ଯୁଦ୍ଧ ସମାଗ୍ରୀ ଓ ଯୁଦ୍ଧବିଦ୍ୟାରେ ଉନ୍ନତ ନୁହେଁ ବୋଲି ଭାରତ ଚୀନ୍‌କୁ ହୀନ ଦୃଷ୍ଟିରେ ଦେଖି ଆସୁଥିଲା । ଉଚ୍ଚସ୍ଥାନରେ ଥିବା ସ୍ଥଳ ଭୂମିରେ ଭାରତର ଯୁଦ୍ଧ କରିବାର ଅଭ୍ୟାସ ଓ ସାମର୍ଥ୍ୟ ନ ଥିଲା । ଆମର ସ୍ଥଳସେନା ବାହିନୀକୁ ଯୁଦ୍ଧସାମଗ୍ରୀ ଯୋଗାଣ କରିବା କ୍ଷେତ୍ରରେ ଭାରତକୁ କୌଶଳ ମଧ୍ୟ ଜଣା ନ ଥିଲା । ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଭାରତ ପଛରେ ପଡ଼ିଥିଲା । ଚୀନ୍ କିନ୍ତୁ ତା'ର ସୈନ୍ୟବାହିନୀକୁ ଉପଯୁକ୍ତ ଭାବେ ତାଲିମ ଦେଇ ଯୁଦ୍ଧ ସାମଗ୍ରୀ ଯୋଗାଇ ଦେଇ ଆସିଥିଲା । ୧୯୬୨ ଅକ୍ଟୋବର ୨୦ରୁ ନଭେମ୍ବର ୨୦ ପର୍ଯ୍ୟନ୍ତ ଭାରତ– ଚୀନ୍ ଯୁଦ୍ଧ ଚାଲିଥିଲା ଏବଂ ମୁଖ୍ୟତଃ ଭାରତ ସୀମାନ୍ତରେ ଥିବା ଆକାଶୀ–ଚୀନ୍ ଅଞ୍ଚଳକୁ ନେଇ ଏହି ଯୁଦ୍ଧ ଚାଲିଥିଲା ବୋଲି ଇତିହାସକୁ ଅନୁଧ୍ୟାନ କଲେ ଜଣା ପଡ଼ିଥାଏ । ସେତେବେଳେ ପଞ୍ଚଶୀଳ ନୀତିର ଉଲଂଘନ କରି ଚୀନ୍ ଭାରତକୁ ପଛଆଡୁ ଛୁରୀ ମାରିଥିଲା ବୋଲି ମଧ୍ୟ ରାଜନୀତିକ କାରଣରୁ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ସମାଲୋଚନା ମଧ୍ୟ କରାଯାଉଥିଲା ।

**ସମ୍ପାଦକୀୟ**

ସେ ଯାହାହେଉ, ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଶାସନ ଅମଳରେ ଏବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଶାସନ କାଳରେ ଭାରତ ତାହାର ପଡୋଶୀ ରାଷ୍ଟ୍ରମାନଙ୍କ ସହିତ, ବିଶେଷକରି ଏସିଆ ମହାଦେଶର ରାଷ୍ଟ୍ରଗୁଡ଼ିକ ସହିତ ସୁସଂପର୍କ ରଖି ଆସିଛି । ଏପରିକି ପାକିସ୍ତାନ ଓ ଚୀନ୍ ଭାରତର ଶତ୍ରୁ ରାଷ୍ଟ୍ର ବୋଲି ସାଧାରଣତଃ ଏକ ଧାରଣା ସୃଷ୍ଟି ହୋଇଥିଲେ ହେଁ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଉଭୟ ରାଷ୍ଟ୍ର ସହ ସୁସଂପର୍କ ରଖି ଆସିଛନ୍ତି , କୂଟନୀତି କ୍ଷେତ୍ରରେ ମଧ୍ୟ । ଆମର ପ୍ରତିରକ୍ଷା ବାହିନୀଗୁଡ଼ିକୁ ମଧ୍ୟ ପୂର୍ବାପେକ୍ଷା ସୁଦୃଢ଼ କରା ଯାଇପାରିଛି ।

ଭାରତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ସହିତ ଦୁଃଖରେ ଓ ସୁଖରେ ସୁସଂପର୍କ ରଖି ଭାରତର ମର୍ଯ୍ୟାଦା ବୃଦ୍ଧି କରି ଆସୁଥିଲାବେଳେ ଶତ୍ରୁପକ୍ଷର ରାଷ୍ଟ୍ର ଭାବେ ଗୋଟିଏ ଦୁଇଟି ରାଷ୍ଟ୍ର ଭାରତପ୍ରତି ଈର୍ଷାନ୍ୱିତ ହୋଇପାରନ୍ତି ବୋଲି ଅନୁମାନ କରାଯାଉଥିଲା । ପାକିସ୍ତାନ କ୍ଷେତ୍ରରେ ତାହା ପ୍ରମାଣିତ ହେଲା ଗତ ଏପ୍ରିଲ ୨୨ (୨୦୨୫)ର ପହଲଗାମ ଆତଙ୍କବାଦୀ ଆକ୍ରମଣରୁ । ଭାରତର ୨୫ ଜଣ ପର୍ଯ୍ୟଟକଙ୍କ ସମେତ ନେପାଳର ଜଣେ ପର୍ଯ୍ୟଟକଙ୍କୁ ଅତି ଜଘନ୍ୟ ଭାବେ ପାକିସ୍ତାନର ଏହି ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଥିଲେ । ଏ ଘଟଣାରେ ସମଗ୍ର ବିଶ୍ୱ ପାକିସ୍ତାନର ଏହି କାର୍ଯ୍ୟକଳାପକୁ ନିନ୍ଦା କରିଥିବାବେଳେ ଭାରତର ପଡୋଶୀ ଚୀନ୍ ଏଥିରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିବା ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି । ପୁଣି ଭାରତ ନିଜକୁ ରକ୍ଷା କରିବା ପାଇଁ ଓ ଆତଙ୍କବାଦୀଙ୍କୁ ସମୂଳେ ନିପାତ ପାଇଁ ଯେତେବେଳେ ଉଦ୍ୟତ, ଭାରତ–ଫ୍ରାନ୍ସ ରାଫେଲ୍ ଚୁକ୍ତିରେ ଭାରତ ୨୬ଟି ରାଫେଲ ଯୁଦ୍ଧବିମାନ ବହୁ ମୂଲ୍ୟରେ କ୍ରୟ କରିଛି ଗତ ୨୮ ଏପ୍ରିଲ (୨୦୨୫)ରେ । ମାତ୍ର ଭାରତର ଅନ୍ୟତମ ବନ୍ଧୁ ରାଷ୍ଟ୍ର ରୁଷ୍, ଚୀନ୍‌କୁ ଏସ୍–୪୦୦ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଦେଇଥିବା ଘଟଣା ମଧ୍ୟ ଚୀନ୍ ପ୍ରତି କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ସନ୍ଦେହ ପ୍ରକାଶ କରିବା ସ୍ୱାଭାବିକ । ଆମେରିକା ପରେ ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ସାରା ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିବା ଚୀନ୍‌କୁ ଏହି ଦୁଇଟି କ୍ଷେତ୍ରରେ ପଛକୁ ପକାଇ ଭାରତକୁ ଆତ୍ମନିର୍ଭରଶୀଳ କରାଇ ଆଗକୁ ନେବାକୁ ଚାହୁଁଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପାଇଁ ଏହା ଏକ ବଡ଼ ଚାଲେଞ୍ଜ । ଶ୍ରୀ ମୋଦୀଙ୍କ କୂଟନୀତିକ ବିଚକ୍ଷଣତା ଓ କୌଶଳପୂର୍ଣ୍ଣ ରଣନୀତି ଭାରତକୁ ସମ୍ଭବତଃ ସୁରକ୍ଷା ଦେବ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

**ସଙ୍କଳ୍ପ**

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

# ଶ୍ରମିକ ଦିବସର ଅନୁଚିନ୍ତା

**ଜୟପ୍ରକାଶ ଶତପଥୀ**

ସାରା ପୃଥିବୀରେ, ମୁଖ୍ୟତଃ ୟୁରୋପ ଓ ଆଫ୍ରିକାରେ ଏକଦା ମଣିଷକୁ ପଣ୍ୟବସ୍ତୁ ଭାବରେ ପରିଗଣିତ କରାଯାଉଥିଲା । ସଭ୍ୟତାର ଏହି ଅଧ୍ୟାୟରେ କ୍ରୀତଦାସ ପ୍ରଥାର ଆରମ୍ଭ ହୋଇଥିଲା । ଏହି ବ୍ୟବସ୍ଥାରେ ଅନ୍ୟ ପାଇଁ ଶାରୀରିକ ଶ୍ରମ କରୁଥିବା ଲୋକମାନଙ୍କୁ କୌଣସି ସୁବିଧା ବା ଅର୍ଥର ବ୍ୟବସ୍ଥା ନ ଥିଲା । ଏପରିକି ସେତେବେଳେ ଖବରକାଗଜମାନଙ୍କରେ କ୍ରୀତଦାସ କିଣିବା ପାଇଁ ବିଜ୍ଞାପନ ମଧ୍ୟ ବାହାରୁ ଥିଲା । ତେବେ ସଭ୍ୟତାର ବିକାଶ ସହିତ ଶ୍ରମିକମାନଙ୍କ ଅଧିକାର ଓ ସମୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଏହି କ୍ରମରେ ପ୍ରଥମେ ସେମାନେ କେତେ ସମୟ କାର୍ଯ୍ୟ କରିବା କଥା ଏହାକୁ ନେଇ ବିତର୍କ ଆରମ୍ଭ ହୋଇଥିଲା ।

ଏହି ସମୟରେ ମୁଖ୍ୟତଃ ଶ୍ରମିକମାନେ ଦିନକୁ ୧୨ ରୁ ୧୬ ଘଣ୍ଟା ବିପଦଜନକ ପରିସ୍ଥିତିରେ କାର୍ଯ୍ୟ କରୁଥିବାବେଳେ ଅନ୍ୟ କୌଣସି ବିଶେଷ ସୁବିଧା ସୁଯୋଗ ପାଇ ନ ଥିଲେ । ୧୮୬୦ ମସିହାରେ ଶ୍ରମିକମାନଙ୍କ ସମୟ ନିର୍ଘଣ୍ଟକୁ ନେଇ ଛୋଟ ଧରଣର ଆନ୍ଦୋଳନଗୁଡିକ ଆରମ୍ଭ ହୋଇଥିଲା । ୧୮୮୦ ମସିହାବେଳକୁ ଏହି ସମୟ ନିର୍ଘଣ୍ଟକୁ ଦିନକୁ ଆଠ ଘଣ୍ଟା ଭିତରେ ସୀମିତ ରଖିବା ପାଇଁ ବହୁଶିଳ୍ପ ସଂସ୍ଥା ରାଜି ହୋଇସାରିଥିଲେ ।

୧୮୮୪ ମସିହାରେ ଆମେରିକାର ଚିକାଗୋ ସହରରେ ପ୍ରଥମ ଥର ପାଇଁ ଏକ ବଡ ଧରଣର କର୍ମଚାରୀ ଓ ଶ୍ରମିକ ସଂଗଠନଗୁଡିକର ଜାତୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପରେ ଏହା 'ଆମେରିକାନ ଫେଡେରେସନ ଅଫ୍ ଲେବର' ନାମରେ ନାମିତ ହେଲା । ଏହି ସମ୍ମିଳନାରେ ୧୮୮୬ ମେ ୧ ତାରିଖଠାରୁ ସମସ୍ତ କାର୍ଯ୍ୟକ୍ଷେତ୍ରରେ ୮ ଘଣ୍ଟିଆ ସମୟ ନିର୍ଘଣ୍ଟକୁ ଲାଗୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତେବେ ଏହା ପୂର୍ବରୁ ଶ୍ରମିକମାନଙ୍କ ଅନ୍ୟ ସମସ୍ୟାକୁ ନେଇ ମଧ୍ୟ ବହୁ ବାକ୍ ବିତର୍କ ଜାରି ରହିଥିଲା। ଐତିହାସିକ ମେ ୧୮୮୬ରେ ତିନିଲକ୍ଷରୁ ଅଧିକ ଶ୍ରମିକ ଚିକାଗୋ ଠାରେ ଏକତ୍ର ହୋଇଥିଲେ । ଆଲବର୍ଟ ପାରସନ୍, ଜୋହାନ ମୋଷ୍ଟ, ଅଗଷ୍ଟ ପାଇସ୍, ଲୁଇସଲିଙ୍ଗ ଭଳି ନେତାମାନେ ସେତେବେଳେ ସାରା ଆମେରିକାରେ ପରିଚିତ ହୋଇ ସାରିଥିଲେ । ତେବେ ସମସ୍ତ ପୂର୍ବ ଅନୁମାନକୁ ଭୁଲବୋଲି ପ୍ରମାଣିତ କରି ଏହି ଦିନ ବିନା ହିଂସାରେ ଶାନ୍ତିଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା । ଯଦିଓ ଏହା ପରେ କିଛି ସ୍ଥାନରେ ଶ୍ରମିକ ଓ ପୁଲିସଙ୍କ ମଧ୍ୟରେ ସଂଘର୍ଷ ହୋଇ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । ତଥାପି ଏହି ମଇ ଦିବସରୁ ହିଁ ସାରା ପୃଥିବୀରେ ଆଠ ଘଣ୍ଟିଆ କାର୍ଯ୍ୟ ଦିବସ ଲାଗୁ ହୋଇଥିଲା । ୧୮୯୧ରେ ବିଧିବଦ୍ଧ ଭାବରେ ଏହାକୁ ଶ୍ରମିକ ଦିବସ ଭାବରେ ନାମିତ କରାଯାଇଥିଲା । ତତ୍କାଳୀନ ବିଶିଷ୍ଟ ଦାର୍ଶନିକ ମାର୍କସ୍ ମଧ୍ୟ ଏହାକୁ ସମର୍ଥନ କରିଥିଲେ । ୧୮୮୯ ମସିହାରୁ ଆମେରିକାରୁ ବାହାରି ଏହାସାରା ପୃଥିବୀରେ ପହଞ୍ଚିବା ଆରମ୍ଭ କରିଥିଲା । ଏହି ସମୟରେ ରୁଷିଆର ବିପ୍ଳବୀ ନେତା ଲେନିନ୍ ମଇ ଦିବସକୁ ଏକ ପ୍ରଦର୍ଶନୀ ଏବଂ ସଂଘର୍ଷର ଦିବସ ଭାବେ ଅଭିହିତ କରି ଜେଲ ମଧ୍ୟରୁ ଲେଖିଥିବା ଏକ ଗୁପ୍ତ ଚିଠିରେ ଦେଶର ଲକ୍ଷାଧିକ ଶ୍ରମିକଙ୍କୁ ଏଥିରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ ।

ତେବେ ଏହି ଦିବସକୁ ବନ୍ଦ କରିବାକୁ ମଧ୍ୟ ଅନେକ ଥର ଚେଷ୍ଟା କରାଯାଇଛି । ୧୮୯୪ରେ ଆମେରିକାରେ କୁଲମ୍ୟାନ ଆନ୍ଦୋଳନକୁ ଦବେଇଦେବା ପାଇଁ ଆମେରିକା ସରକାର ତରଫରୁ ସବୁ ପ୍ରକାର ଚେଷ୍ଟା କରାଯାଇଥିଲା । ସେହି ବର୍ଷ ମଇ ୧୧ ତାରିଖ ଦିନ ଆମେରିକା ରେଲ ୟୁନିୟନ କୁଲମ୍ୟାନ କଂପାନୀ ବିରୁଦ୍ଧରେ ଆନ୍ଦୋଳନ ଘୋଷଣା କରି ସାରା ଦେଶରେ ରେଲ ଓ ରାସ୍ତା ବନ୍ଦ କରିଥିଲେ । ଏହି କଂପାନୀରେ ମଧ୍ୟ କାମ କରୁଥିବା ବହୁ ଶ୍ରମିକ ଆମେରିକା ରେଲ ୟୁନିୟନକୁ ସମର୍ଥନ କରୁଥିବାରୁ ପରିସ୍ଥିତି ବେଶ୍ ଜଟିଳ ହୋଇ ପଡିଥିଲା ।



ଏହି ସମୟରେ ତତ୍କାଳିନ ଆମେରିକାର ରାଷ୍ଟ୍ରପତି ଗୋଲ୍ଡରଙ୍କ ନିର୍ଦ୍ଦେଶରେ ସୈନ୍ୟ ବାହିନୀକୁ ନିୟୋଜିତ କରାଯାଇ ଆନ୍ଦୋଳନକୁ ଚପାଇବାକୁ ଚେଷ୍ଟା କରାଯାଇଥିଲା । ତେବେ ଏହି ଆନ୍ଦୋଳନର ନେତା ଦେବସ୍‌କୁ ବହୁ ଦିନ ଜେଲରେ ରଖାଯିବା ପରେ ସେ ଜେଲରୁ ବାହାରି ଆମେରିକାରେ ସମାଜବାଦୀ ଗଣତନ୍ତ୍ରର ପ୍ରତିଷ୍ଠାର ଏକ ମୁଖ୍ୟ ପ୍ରବକ୍ତା ସାଜିଥିଲେ । ଏହିପରି ବହୁଘଟଣାବହୁଳ ରାଜନୀତି ମଧ୍ୟରେ ଧୀରେ ଧୀରେ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗକୁ ନେଇ ଆଲୋଚନା ଏବଂ ଆନ୍ଦୋଳନ ଜାରି ରହିଥିଲା । ଆମେରିକା ଓ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହେବା ପରେ ୪୦ ଦଶକରେ ପୁଣି ଶ୍ରମିକ ଦିବସ ଚର୍ଚ୍ଚାରେ ଆସିଥିଲା । ଏହି ସମୟରେ କମ୍ୟୁନିଷ୍ଟ ଶକ୍ତିମାନେ ଏହାକୁ ଏକ ଆମେରିକା ବିରୋଧୀ କାର୍ଯ୍ୟକ୍ରମ ଭାବରେ ରୂପ ଦେଇଥିଲେ । ତେବେ ୧୯୫୮ରେ ଆମେରିକାନ କଂଗ୍ରେସରେ ଏହି ଦିବସକୁ ସ୍ୱୀକୃତି ଦିଆଯାଇ ବିଭିନ୍ନ ଆଇନ ପ୍ରଣୟନ କରାଯାଇଥିଲା । ପ୍ରଥମେ ଏହାକୁ 'ମଇ ଦିବସ' କୁହାଯାଉଥିବାବେଳେ ପରେଏହା 'ଶ୍ରମିକ ଦିବସ' ନାମରେ ନାମିତ ହୋଇଥିଲା ।

ସାରା ପୃଥିବୀ ସହିତ ତାଳ ଦେଇ ସ୍ୱାଧୀନତା ପୂର୍ବରୁ ଭାରତରେ ମଧ୍ୟ ଏହି ଦିବସର ପ୍ରଭାବ ଦେଖିବାକୁ ମିଳିଥିଲା । ଆନ୍ତର୍ଜାତିକ ଶ୍ରମିକ ଦିବସକୁ ତତ୍କାଳୀନ ମାଡ୍ରାସଠାରେ 'ଲେବର କିଶାନ ପାର୍ଟି ଅଫ୍ ହିନ୍ଦୁସ୍ଥାନ' ପକ୍ଷରୁ 'ମଇ ଦିବସ' ୧୯୨୩ରେ ପାଳନ କରାଯାଇଥିଲା । ଏହି ଦିନ ଦଳର ନେତା ମାଲାୟପୁରମସିଂ ଗରାଭେଲୁ ଲାଲ ପତାକା ଉତ୍ତୋଳନ କରିବା ସହ ଦୁଇଟି ସ୍ଥାନରେ ଏହାକୁ ପାଳନ କରିଥିଲେ । ଭାରତରେ ମଧ୍ୟ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଆଇନ ପ୍ରଣୟନ କରାଯାଇଛି । ଏଥି ମଧ୍ୟରୁ ପ୍ରଥମେ ପାରିତ ହୋଇଥିବା ଟ୍ରେଡ ୟୁନିୟନ ଆକ୍ଟ ୧୯୨୬ ଅନ୍ୟତମ ।

ଏହି ଆଇନରେ ଟ୍ରେଡୟୁନିୟନଗୁଡିକୁ ପଞ୍ଜିକୃତ କରାଯାଇ କିପରି ବିଧିବଦ୍ଧ ସଂଗଠନକୁ ନିର୍ମାଣ କରାଯିବ, ସେଥିପାଇଁ ବିଭିନ୍ନ ଆଇନର ବ୍ୟବସ୍ଥା କରାଯାଇଛି । ଏହି ଆଇନକୁ ୨୦୦୧ରେ କିଛି ପରିବର୍ତ୍ତନ ମଧ୍ୟ କରାଯାଇଛି । ଏହାଛଡା ୧୯୪୭ରେ ପାରିତ ଶ୍ରମବିବାଦ ଆଇନ ମଧ୍ୟ ଭାରତରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛି । ଶ୍ରମିକମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ ଓ ସେମାନେ କାର୍ଯ୍ୟ କରୁଥିବା ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ସରକାର ବିଭିନ୍ନ ସମୟରେ ବହୁ ଆଇନ ପ୍ରଣୟନ କରିଛନ୍ତି । ସମ୍ବିଧାନରେ ଥିବା ନୀତି ଅନୁସାରେ ଶ୍ରମିକମାନଙ୍କ ପାଇଁ ଉଚିତ ବ୍ୟବସ୍ଥା କରିବା ପାଇଁଏହି ଆଇନରେ ବ୍ୟବସ୍ଥା ରହିଛି । ଏହାଛଡା ଏହାକୁ ପାଳନ କରୁ ନ ଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ଦେଶରେ ମହିଳା ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିବା ସହ ଶିଶୁଶ୍ରମିକ ଉଚ୍ଛେଦ ପାଇଁ ସ୍ୱତନ୍ତ୍ର ଆଇନ ରହିଛି ।

ଉନବିଂଶ ଶତାବ୍ଦୀରେ 'ମଇ ଦିବସ' ଭାବରେ ଆରମ୍ଭ ହୋଇଥିବା ଶ୍ରମିକମାନଙ୍କର ଏହି ସ୍ୱାଧୀନତାର ଆନ୍ଦୋଳନ ସାରା ପୃଥିବୀରେ ସେମାନଙ୍କୁ ଏକତ୍ରିତ କରିବା ସହ ନିଜର ସ୍ୱାର୍ଥ ପାଇଁ ଲଢ଼େଇ କରିବାର ରାସ୍ତା ଦେଖାଇଛି । ଭାରତ ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହୋଇନାହିଁ । ଭାରତ ସରକାରଙ୍କ ରାଷ୍ଟ୍ରିୟ ସ୍ୱାସ୍ଥ୍ୟବୀମା ଯୋଜନାରେ ପ୍ରାୟ ସାଢ଼େ ୩ କୋଟି ପରିବାରକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି । ଏହି ବ୍ୟବସ୍ଥା ନିର୍ମାଣ ଶ୍ରମିକ, ବୁଲା ବିକାଳୀ, ଘରୋଇ ଶ୍ରମିକ, ବିଡିଶ୍ରମିକ ଏପରିକି ମହାତ୍ମା ଗାନ୍ଧି ନରେଗା ଯୋଜନାରେ କାର୍ଯ୍ୟ କରୁଥିବା ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ମଧ୍ୟ ଲାଗୁ ହୋଇଛି । ପରବର୍ତ୍ତୀ ସମୟରେ ଏହାକୁ ଅଣ ସଂଗଠିତ ଶ୍ରମିକମାନଙ୍କ ପ୍ରତି ଲାଗୁ କରାଯିବାକୁ ଚେଷ୍ଟା କରାଯାଉଛି ଓ ଶ୍ରମିକ ବୀମା କର୍ପୋରେସନ ଜରିଆରେ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି । କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡ ଜରିଆରେ ସାରା ଦେଶର ଅଣ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ପାଇଁ ଜମା ଓ ପେନସନ ଯୋଜନା ଲାଗୁ କରାଯାଇଛି । ସମାନ କାମକୁ ସମାନ ଦରମା ପରି ଆଇନ ଶ୍ରମିକମାନଙ୍କୁ ବେଶ ସହାୟକ ହୋଇଛି । ଏହାଛଡା ଦିନ ମଜୁରିଆ ଭାବରେ କାମ କରୁଥିବା ଶ୍ରମିକମାନଙ୍କୁ ମଧ୍ୟ ସରକାର ବିଭିନ୍ନ ସମୟରେ ଦୈନିକ ଦେୟର ତାଲିକା ମଧ୍ୟ ପ୍ରକାଶ କରୁଛନ୍ତି । ଓଡ଼ିଶା ସରକାର ମଧ୍ୟ ଆଉ ଏକ ପାଦ ଆଗେଇ ଯାଇ ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଉପକରଣ ଓ ଅର୍ଥ ସହାୟତାର ବ୍ୟବସ୍ଥା କରିଛନ୍ତି । ଶ୍ରମିକମାନଙ୍କ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନଗୁଡିକ ପାଇଁ ସରକାର ଚାରୋଟି ବିଭାଗରେ ପୁରସ୍କାରର ମଧ୍ୟ ବ୍ୟବସ୍ଥା କରିଛନ୍ତି । ସର୍ବଶ୍ରେଷ୍ଠ ସୁରକ୍ଷା ପୁରସ୍କାର, ଶ୍ରେଷ୍ଠ ସୁରକ୍ଷା ପୁରସ୍କାର, ସୁରକ୍ଷା ପୁରସ୍କାର ଓ ପ୍ରଶଂସା ପତ୍ରର ବ୍ୟବସ୍ଥା କରାଯାଇଛି ।

ପ୍ରଥମେ ସଂଗଠିତ ଶ୍ରମିକମାନଙ୍କୁ ନେଇ ଅଧିକାରର ଚର୍ଚ୍ଚା ଓ ଦାବି ହେଉଥିବାବେଳେ ଏବେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନେଇ ଅନେକ ସୁବିଧା ପ୍ରଦାନ କରିବା ପାଇଁ ଚେଷ୍ଟା ଜାରି ରହିଛି । ଭାରତ ସ୍ୱାଧୀନ ହେବା ପରେ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ପ୍ରଥମେ ୧୯୪୮ରେ ଇଏସଆଇ ଆଇନ ଓ ପରେ ୧୯୫୧ରେ କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡର କାର୍ଯ୍ୟ ଆରମ୍ଭ ହେଲା । ୧୯୫୨ରେ ଏହାକୁ ଆଇନରେ ପରିଣତ କରାଗଲା । ଏହାଦ୍ୱାରା ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ପେନସନ ଓ ବୀମାର ସୁବିଧା ପାଇ ପାରୁଛନ୍ତି ।

ଏ ସବୁସମ୍ଭବ ହୋଇ ପାରିଛିଏହି ଆନ୍ଦୋଳର ପୃଷ୍ଠଭୂମିରୁ, ଯେଉଁଥିରୁ 'ମେ ଦିବସ'ର ଜନ୍ମ ହୋଇଥିଲା । ଇତିହାସ ସବୁଦିନ ସେମାନଙ୍କୁ ମନେ ରଖିବ, ଯେଉଁମାନେ ତତ୍କାଳୀନ ଆର୍ଥିକ ଶକ୍ତିଶାଳୀ ସଂଗଠନଗୁଡିକ ବିରୁଦ୍ଧରେ ନିଜର ଜୀବନକୁ ବାଜି ଲଗାଇ ସ୍ୱର ଉତ୍ତୋଳନ କରି ଶ୍ରମିକମାନଙ୍କ ପାଇଁ ଲଢ଼େଇ କରିଥିଲେ । ଏବେ ସାରା ପୃଥିବୀରେ 'ମେ ଏକ ତାରିଖ'ରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହେଉଛି । ଇତିହାସର ସେହି ପୃଷ୍ଠାଗୁଡିକୁ ମନେ ରଖିବା ସହ ପ୍ରତିବର୍ଷ ଶ୍ରମିକମାନଙ୍କ ସୁବିଧା ପାଇଁ ନୂଆ ନୂଆ ନୀତି ପ୍ରଣୟନ ହେଉଛି । ଆଜି ଶ୍ରମିକମାନେ ଏହି ନୀତି ଓ ଆଇନ ଯୋଗୁଁ ନିଜକୁ ସୁରକ୍ଷିତ ମଣିବା ସହ ସମାଜର ଅନ୍ୟ ବର୍ଗର ଲୋକଙ୍କ ସହିତ ସମାନ ହୋଇପାରିଛନ୍ତି । ଏହା ଏକ ବିରାଟ ସଫଳତା । ଆଗାମୀ ଶତାବ୍ଦୀରେ ମଧ୍ୟ ଏହି ଧାରା ଜାରି ରହିବ ।

**ଶତପଥୀ ଭବନ,**
**ମହାନ୍ତିପଡା,ବରଗଡ଼ –୭୬୮୦୨୮**

# ମ୍ୟାଲେରିଆ ଓ ଯକୃତ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୩ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମ୍ୟାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମ୍ୟାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ । ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ । ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ । ମ୍ୟାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ । ମ୍ୟାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ । ରକ୍ତରେ ଲିଭର ଏନଜାଇମ୍‌ସଗୁଡ଼ିକ ବଢ଼ିଯାଆନ୍ତି । ଲୋହିତ ରକ୍ତ କଣିକା ନଷ୍ଟ ହୁଏ । ଗ୍ଲୁକୋଜ–୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ । ମ୍ୟାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୦ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି ।



ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ–କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ।

ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ ।

ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା, ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

**ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋ–୯୪୩୭୦୫୧୯୫୭**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋଦିଙ୍କ...

ଉତ୍ତେଜନାକୁ ନେଇ ଏହି ଗସ୍ତ ବାତିଲ କରିଥିବା କ୍ରେମ୍ଲିନ୍‌ର ମୁଖପାତ୍ର ପେସକୋଭ ସୂଚନା ଦେଇଛନ୍ତି । ଋଷ୍ ପକ୍ଷରୁ ସୋଭିଏଲ୍ ବିଜୟ ଉତ୍ସବର ୮୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଏହି ଉତ୍ସବ ଲାଗି ତା'ର ବନ୍ଧୁ ରାଷ୍ଟ୍ରଗୁଡ଼ିକର ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଅନ୍ତଃରାଷ୍ଟ୍ରୀୟ ନେତାଙ୍କ ମଧ୍ୟରେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେ ଯିବେ ବୋଲି ଜଣାପଡ଼ିଛି ।

### ପ୍ରଧାନମନ୍ତ୍ରୀଙ୍କ...

ଡାକିବାକୁ ପ୍ରସ୍ତାବ ଦେଇଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସୁରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ୍ ବୈଠକରେ ଆତଙ୍କୀ ଆକ୍ରମଣରେ କେଉଁଭଳି ସୀମାପାର ଦେଶର ସହଯୋଗ ରହୁଛି ତାହା ବ୍ୟାଖ୍ୟା କରାଯାଇଥିଲା । ଜମ୍ମୁ-କାଶ୍ମୀର ଓ କେନ୍ଦ୍ରଶାସିତ ଅଞ୍ଚଳରେ ସରକାର ସଫଳତାର ସହ ନିର୍ବାଚନ କରିଛନ୍ତି । ଏହି ଅଞ୍ଚଳଗୁଡ଼ିକ ଏବେ ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ହେବାସହ ବିକାଶ ହେଉଛି । ତେବେ ଜମ୍ମୁ-କାଶ୍ମୀର ବାସିନ୍ଦାମାନେ ଆତଙ୍କୀ ଆକ୍ରମଣକୁ ବିରୋଧ କରିଛନ୍ତି । ଅଧିକାଂଶ ପର୍ଯ୍ୟଟକ ଯେଉଁମାନେ ଜମ୍ମୁ-କାଶ୍ମୀର ଯିବାକୁ ପୂର୍ବରୁ ସ୍ଥିର କରିଥିଲେ, ଆତଙ୍କୀ ଆକ୍ରମଣ ଘଟଣା ପରେ ବି ସେମାନେ ଏହାକୁ ବାତିଲ୍ କରିନାହାନ୍ତି । ତେବେ କେତେକ ପର୍ଯ୍ୟଟନସ୍ଥଳୀ ବନ୍ଦ ହେବା ସେମାନଙ୍କୁ ନିରାଶା କରିଛି । ପ୍ରଧାନମନ୍ତ୍ରୀ ବୈଠକରେ ଆତଙ୍କବାଦ ବିରୋଧରେ ଦୃଢ଼ ମତ ରଖିଛନ୍ତି । ଭାରତୀୟ ସେନା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଭରଷା ରହିଛି ବୋଲି କୁହାଯାଇଛି । ତେବେ ଆଜି ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଏକ ବୈଠକ କରିଛନ୍ତି । ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ସୁରକ୍ଷା ଉପଦେଷ୍ଟା ମୁଖ୍ୟ ଅଜିତ୍ ଡୋଭାଲ ଓ ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଉପସ୍ଥିତ ଥିଲେ । ପାକିସ୍ତାନ ଉପରେ ଏକ ବଡ କାର୍ଯ୍ୟାନୁଷ୍ଠାନ ଲାଗି ଭାରତ ସଜବାଜ ହେଉଥିବା ସୂଚନା ମିଳିଛି ।

### ପାକିସ୍ତାନକୁ...

ପାକିସ୍ତାନର ବାୟୁସେନାକୁ ନେଇ ଥିବା ବିଭ୍ରାନ୍ତିକୁ ଦୂର କରିବା ଲାଗି ଚେଷ୍ଟା ଚାଲିଛି । ପାକିସ୍ତାନର ଜଣେ ମନ୍ତ୍ରୀ ସେନା ଆକ୍ରମଣ ନେଇ ସୂଚନା ଦେଇଛନ୍ତି । ଆଗାମୀ ୨୪ ରୁ ୩୬ ଘଣ୍ଟା ମଧ୍ୟରେ ଭାରତ ଆକ୍ରମଣ କରିପାରେ ବୋଲି ସେ ଆଶା ରଖିଛନ୍ତି । ପରଗ୍ୱାଲ ଆନ୍ତର୍ଜାତୀୟ ସୀମା କ୍ଷେତ୍ରରେ ବାରମ୍ବାର ଯୁଦ୍ଧ ବିରତିର ଉଲ୍ଲଙ୍ଘନ କରାଯାଉଛି । ଅତିରିକ୍ତ ବିଏସ୍‌ଏଫ୍ ଯବାନମାନଙ୍କୁ ଏବେ ସେଠାରେ ମୁତୟନ କରାଯାଇଛି । ସେନା ପକ୍ଷରୁ ଡିଜିଏମ୍‌ଓ ବର୍ତ୍ତମାନ ସ୍ଥିତି ଉପରେ ସୂଚନା ଦେବାସହ କେଉଁଭଳି ଭାବରେ ଉଲ୍ଲଘଂନ କରାଯାଉଛି ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ତେବେ ନୌସେରା, ସୁନ୍ଦରବନୀ କ୍ଷେତ୍ର, ଜମ୍ମୁର ଅଙ୍କୁର କ୍ଷେତ୍ର, ବରମୁଲା ଓ କୁପୁୱାରା ଜିଲ୍ଲାରେ ମଧ୍ୟ ଅସ୍ତ୍ରବିରତି ଉଲ୍ଲଘଂନ ହୋଇଛି । ଏହାକୁ ନେଇ ଏବେ ଭାରତ-ପାକ୍ ମଧ୍ୟରେ ଉତ୍ତେଜନା ବଢ଼ିଛି ।

### ୫୧ ଲକ୍ଷ...

୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ । ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି । ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ । କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି । ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର । ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି । ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି ।

ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗୀକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସିଥାଏ । ଚାଷ ସହିତ ନିଜର ଅନୁଭୂତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଚାଷ କାର୍ଯ୍ୟ କଠିନ ପରିଶ୍ରମର କାର୍ଯ୍ୟ । ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେଛ ଜଳବାୟୁ ଅନୁକୂଳ କୃଷି କାର୍ଯ୍ୟ ଆପଣାଇବା ପାଇଁ ସେ ଚାଷୀ ଭାଇ ଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ । ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ । ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ.ଏସ୍.ପି ଦେଲୁ । ଚାଷୀଙ୍କ ପାଇଁ ଭାବନା ଭଲ ରହିବା ଉଚିତ୍ । ସେତେବେଳେ ଇଚ୍ଛା ଶକ୍ତିର ଅଭାବ ଥିଲା, ଏବେ ଆମ ପାଖରେ ଚାଷୀଙ୍କ ଉନ୍ନତି ପାଇଁ ଇଚ୍ଛା ଶକ୍ତି ଅଛି । ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଆମେ ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛୁ । ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ । ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମ ଠାରେ ଓଡିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ । ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ ।

ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ । ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ । କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି । ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ । କୃଷି ଓ କୃଷକ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାତି...

ଏହା କରିନଥିଲେ ଓ ଏସ୍‌ଇସିସି ସର୍ଭେ କରିଥିଲେ ।

ସୂଚନାଯୋଗ୍ୟ ଜାତି ଜନଗଣନାକୁ ନେଇ କଂଗ୍ରେସ ୨୦୨୪ ନିର୍ବାଚନରେ ଏକ ପ୍ରସଙ୍ଗ କରିଥିଲା । ଏହି ପ୍ରସଙ୍ଗରେ ବିରୋଧୀ ମେଣ୍ଟ ମଧ୍ୟ ବିଭିନ୍ନ ରାଜ୍ୟରେ ନିର୍ବାଚନ ଲଢ଼ିଥିଲା । ଆଜି କ୍ୟାବିନେଟ୍‌ର ନିଷ୍ପତ୍ତି ପରେ ରାହୁଲ ଗାନ୍ଧି କହିଛନ୍ତି ଯେ କଂଗ୍ରେସର ଦୃଷ୍ଟିଭଙ୍ଗୀକୁ ମୋଦିଙ୍କ ନେତୃତ୍ୱାଧୀନ ସରକାର ଗ୍ରହଣ କରିଛନ୍ତି । ଆମେ ସଂସଦରେ କହିଥିଲୁ ଯେ ଆମେ ଜାତି ଜନଗଣନାକୁ ନିଶ୍ଚିତ କରିବୁ ଓ ୫୦% ସଂରକ୍ଷଣକୁ ନେଇ ଯେଉଁ ବାଧା ରହିଛି ତାହା ମଧ୍ୟ ଉଠାଇବୁ । ତେବେ ପ୍ରଧାନମନ୍ତ୍ରୀ ମାତ୍ର ୪ ଜାତି ଉପରେ ଗୁରୁତ୍ୱ ଦେଇଥିଲେ । ଆମେ ଜାଣିନୁ ହଠାତ୍ ୧୧ ବର୍ଷ ପରେ କାହିଁକି ଏମିତି ପରିବର୍ତ୍ତନ ହେଲା । ଜାତି ଜନଗଣନା ଘୋଷଣା କରାଗଲା । ତେଲେଙ୍ଗାନା ଜାତି ଜନଗଣନାର ଏକ ମଡେଲ ହୋଇଛି । ଯଦି ସରକାର ଚାହିଁବେ ଆମେ ଜାତି ଜନଗଣନା ନେଇ ସମସ୍ତ ମାନଦଣ୍ଡକୁ ସରକାରଙ୍କୁ ଯୋଗାଇ ଦେବାସହ ସହଯୋଗ କରିବୁ ବୋଲି ରାହୁଲ କହିଛନ୍ତି ।

### ଆଇସିଏସ୍‌ଇ...

ହେଲା ହେଲା ୯୯.୦୨ ପ୍ରତିଶତ । ଉଭୟ ଶ୍ରେଣୀରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଛି । ଦଶମରେ ଝିଅଙ୍କ ପାସ୍ ହାର ରହିଛି ୯୯.୩୭ ପ୍ରତିଶତ ଓ ପୁଅଙ୍କ ପାସ୍ ହାର ରହିଛି ୯୮.୮୪ ପ୍ରତିଶତ ।

ଛାତ୍ରଛାତ୍ରୀମାନେ ସିଆଇଏସସିଇର ଅଫିସିଆଲ ୱେବସାଇଟ cisce.orgକୁ ଯାଇ ସେମାନଙ୍କର ଫଳାଫଳ ଦେଖିପାରିବେ । ଫଳାଫଳ ଯାଞ୍ଚ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ୱେବସାଇଟକୁ ଯାଇ ସେମାନଙ୍କର ଶ୍ରେଣୀ ଚୟନ କରିବାକୁ ପଡିବ । ତା'ପରେ ୟୁନିକ ଆଇଡି ଏବଂ ଇଣ୍ଡେକ୍ସ ନମ୍ବର ଲେଖି ଦାଖଲ କରିବାକୁ ପଡିବ । ଯେଉଁ ଛାତ୍ରଛାତ୍ରୀମାନେ ସେମାନଙ୍କ ମାର୍କରେ ସନ୍ତୁଷ୍ଟ ନୁହଁନ୍ତି, ସେମାନେ ୨୦୨୫ ମେ' ୪ ତାରିଖ ପର୍ଯ୍ୟନ୍ତ ପୁନଃଚେକିଂ ପାଇଁ ଆବେଦନ କରିପାରିବେ । ଏଥିପାଇଁ ବୋର୍ଡର ୱେବସାଇଟରେ ପୁନଃଚେକିଂ ମଡ୍ୟୁଲ ସକ୍ରିୟ କରାଯାଇଛି । ସମସ୍ତ ପୁନଃଯାଞ୍ଚ ଫଳାଫଳ ବୋର୍ଡର ୱେବସାଇଟରେ ଏକକାଳୀନ ଘୋଷଣା କରାଯିବ ।

ଚଳିତବର୍ଷ ଠାରୁ ସିଆଇଏସସିଇ କମ୍ପାର୍ଟମେଣ୍ଟ ପରୀକ୍ଷାକୁ ଉଚ୍ଛେଦ କରି ଦେଇଛି । ଏହା ସ୍ଥାନରେ 'ଉନ୍ନତି ପରୀକ୍ଷା' ପ୍ରଚଳନ କରିଛି । ଯେଉଁ ଛାତ୍ରଛାତ୍ରୀମାନେ ସେମାନଙ୍କର ନମ୍ବର ବଢାଇବାକୁ ଚାହାଁନ୍ତି, ସେମାନେ ସର୍ବାଧିକ ଦୁଇଟି ବିଷୟରେ ପରୀକ୍ଷା ଦେଇପାରିବେ । ଯେଉଁ ବିଷୟଗୁଡ଼ିକରେ ଅଧିକ ନମ୍ବର ପାଇବ ସେଗୁଡ଼ିକୁ ଚୂଡ଼ାନ୍ତ ନମ୍ବର ଭାବରେ ବିବେଚନା କରାଯିବ । ଏହି ପରୀକ୍ଷାଗୁଡ଼ିକ ୨୦୨୫ ଜୁଲାଇରେ ଅନୁଷ୍ଠିତ ହେବାର ସମ୍ଭାବନା ଅଛି ।

ଆଇସିଏସଇ ଶ୍ରେଣୀ ଦଶମ ପରୀକ୍ଷା ୧୮ ଫେବୃଆରୀରୁ ୨୭ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଯେତେବେଳେ ଆଇଏସସି ଦ୍ୱାଦଶ ପରୀକ୍ଷା ୧୩ ଫେବୃଆରୀରୁ ୫ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସାରା ଦେଶରୁ ହଜାର ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ ।

## ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠିଲା

ସମ୍ବଲପୁର, (ସବ୍ୟୁ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପରମ୍ପରା ଅନୁଯାୟୀ ବୁଧବାର ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନନ୍ଦପଡାର ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡାର ଲୋକନାଥ ବାବା, ମୁଦିପଡାର ଜାଗେଶ୍ୱର ବାବା, ବଡବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧାର ସୋମନାଥ ବାବା ଓ ଠାକୁରପଡାର ଗୁପ୍ତେଶ୍ୱର ବାବାଙ୍କ ମନ୍ଦିରରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ସହ ଥାଳ ଉଠାଯାଇଛି । ପରେ କେତେକ ପଡାର ମୁରବୀ ମାନେ ଥାଳ ଧରି ଶୀତଳ ଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ନିଜ ପଡାରୁ ପାଣ୍ଠି ସଂଗ୍ରହ କରିଥିଲେ। ଆଜି ଠାରୁ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ଉତ୍ସବ ଶୀତଳ ଷଷ୍ଠୀ ଯାତ୍ରାର ଅୟମାରମ୍ଭ ହୋଇଛି । ଯାତ୍ରା ପାଇଁ ଅର୍ଥ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ। ଯାତ୍ରା ପରିଚାଳନା ଓ ସାଜସଜ୍ଜା ପାଇଁ ଅର୍ଥର ବିଶେଷ ଆବଶ୍ୟକତା ରହିଛି । ଏହି ଅବସରରେ ପଡ଼ା ମଧ୍ୟରେ ଥାଳ ବୁଲିଥିଲା । ଲୋକେ ଆନନ୍ଦର ସହିତ ଥାଳରେ ଅର୍ଥ ଦେଇ ଷଷ୍ଠୀ ଆୟୋଜନର ଶୁଭାରମ୍ଭ କରିଥିଲେ। ପ୍ରଚଳିତ ପରମ୍ପରା ଅନୁଯାୟୀ ଯାତ୍ରା କମିଟି ଗୁଡିକ ପକ୍ଷରୁ କନ୍ୟା ପିତାମାତାଙ୍କ ନାମ ମଧ୍ୟ ଘୋଷିତ କରାଯାଇଛି ।



ସମ୍ବଲପୁର ନନ୍ଦପଡାର ବମ୍ ବରାଡ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ଅପରାହ୍ନ ସାଢେ ୪ଟାରେ ପୂଜାର୍ଚ୍ଚନା ହୋଇଥିଲା । ଶୀତଳ ଷଷ୍ଠୀ ଯାତ୍ରା ସଫଳ ପାଇଁ ଧୂପ, ଦୀପ, ପୁଷ୍ପ, ବେଲପତ୍ର ଓ ନୈବେଦ୍ୟ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଆଳତୀ ପରେ ବିଧି ମତେ ଥାଳ ଉଠିଥିଲା । ମୁରବୀ ମାନେ ପ୍ରଥମେ ପାଣ୍ଠି ସଂଗ୍ରହ ପାଇଁ ନିଜ ପଡାର ଘର ଘର ବୁଲି ଅର୍ଥ ସଂଗ୍ରହ କରିଥିଲେ । ଚଳିତ ବର୍ଷ ଝାରସୁଗୁଡା ବମ୍ବେ ଛକ ନିବାସୀ ପ୍ରତାପ ନନ୍ଦ ଓ ଲିପିକା ନନ୍ଦ କନ୍ୟା ପିତାମାତା ଦାୟିତ୍ୱ ନିର୍ବାହ କରିବେ । ଏଥିରେ ବରପିତା ଭାବେ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇ ଥାଳ ଉଠା କାର୍ଯ୍ୟ ସମ୍ପାଦନ କରିଥିଲେ । ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର ପୂଜାର୍ଚ୍ଚନା କରିଥିଲେ । ସେହିପରି ସକାଳେ ଝାଡୁଆପଡାର ଲୋକନାଥ ବାବାଙ୍କ ଜଳାଭିଷେକ ହୋଇଥିଲା। ଅପରାହ୍ନ ୫ଟାରେ ବିଧି ପୂର୍ବକ ପୂଜା ଓ ଆଳତୀ ପରେ ବାବାଙ୍କ ଥାଳ ଉଠିଥିଲା। ପରେ ପଡାର ମୁରବୀ ମାନେ ଶିବଙ୍କ ପିତା ଅମରନାଥ ସୁପକାରଙ୍କ ସମେତ ଯାତ୍ରା କମିଟିର ବରିଷ୍ଠ ସଦସ୍ୟ ମାନେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରିଥିଲେ। ମନ୍ଦିର ପୂଜକ ରାମନାଥ ମହାପାତ୍ର ଓ ଶୀତଳ ଷଷ୍ଠୀ ଯାତ୍ରା କମିଟି ପୂଜକ ମହେନ୍ଦ୍ର ପୂଜାରୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଚଳିତ ବର୍ଷ କନ୍ୟା ମାତାପିତା ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପଦ୍ମିନୀ ନାୟକ ଚୟନ ହୋଇଛନ୍ତି । ଏଥିସହ ରାତି ସାଢେ ୭ଟାରେ ମୁଦିପଡାର ଜାଗେଶ୍ୱର ବାବାଙ୍କ ଥାଳ ଉଠିଥିଲା । ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ବରପିତା ମଧୁସୂଦନ ନେଗୀ ପ୍ରମୁଖ ଥାଳ ଉଠା କାର୍ଯ୍ୟକ୍ରମ ସମ୍ପାଦନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଚଳିତ ବର୍ଷ ସମ୍ବଲପୁର ବୁର୍ଲା କଣ୍ଟ୍ରାକ୍ଟର କଲୋନୀ ନିବାସୀ ମୃତ୍ୟୁଞ୍ଜୟ ଦାଶ ଓ ମଧୁସ୍ମିତା ପଣ୍ଡା କନ୍ୟା ପିତାମାତା ଦାୟିତ୍ୱ ନିର୍ବାହ କରିବେ । ଅନ୍ୟପଟେ ବାଲିବନ୍ଧା ସୋମନାଥ ବାବାଙ୍କ ମଧ୍ୟ ଥାଳ ଉଠା କାର୍ଯ୍ୟକ୍ରମ ସାଢ଼େ ୬ଟାରେ ଅନୁଷ୍ଠିତ ହୋଇଥିଲା । ବରପିତା ଭୂମିକାରେ ଗୋପୀନାଥ ନାୟକ ଏବଂ ହୀରାକୁଦ କଲୋନୀ ହିମାଂଶୁ ପାଢୀ ଓ ବବିତା ପାଢୀ କନ୍ୟା ପିତାମାତା ଭାବେ ଚୟନ ହୋଇଛନ୍ତି । ପଣ୍ଡିତ ମନବୋଧ ପାଢ଼ୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ ।

ଆସନ୍ତା ମାସ ୨୭ ତାରିଖରେ ବଂ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ନିର୍ବନ୍ଧ ବା ପତରପେଣ୍ଡି ଯାତ୍ରା ଅନୁଷ୍ଠିତ ହେବ । ମେ ୨୮ ତାରିଖରେ ଶ୍ରୀଶ୍ରୀ ନୃସିଂହନାଥ ରଥାରୁଢ଼ ହୋଇ ନିଉତା ପ୍ରଦାନ ପାଇଁ ଗୁଆଗୁଣ୍ଡା ଯାତ୍ରାରେ ବାହାରିବେ । ଅନ୍ୟପଟେ ମେ ୨୯ ଓ ୩୦ରେ ଶ୍ରୀ ଲୋକନାଥ ଏବଂ ଶ୍ରୀ ଜାଗେଶ୍ୱର ବାବାଙ୍କ ପତରପେଣ୍ଡି ଓ ଗୁଆଗୁଣ୍ଡା ପର୍ବ ଆୟୋଜିତ ହେବ । ଝାଡୁଆପଡ଼ା ଓ ମୁଦିପଡ଼ାରୁ ବୀର ହନୁମାନ ଶିବ-ପାର୍ବତୀଙ୍କ ବିବାହ ସକାଶେ ଗୁଆଗୁଣ୍ଡା ଯାତ୍ରାରେ ବାହାରିବାର କାର୍ଯ୍ୟକ୍ରମ ରହିଛି । ପଞ୍ଜିକା ଅନୁଯାୟୀ ଆଗାମୀ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଜୁନ ମେ ୩୧ରେ ତାରିଖ ରାତି ଶିବ-ପାର୍ବତୀଙ୍କ ପରିଣୟ ଅନୁଷ୍ଠିତ ହେବ । ଜୁନ୍ ୧ ତାରିଖ ଶୀତଳଷଷ୍ଠୀ ତିଥିରେ ନବ ପରିଣତ ଦେବଦେବୀ ଗଣ୍ଡାଳ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ । ଏହି ରାତି ଶିବ-ପାର୍ବତୀ ଶୀତଳଷଷ୍ଠୀ ଯାତ୍ରାରେ ନଗର ପରିକ୍ରମା କରିବା ସହ ୨ ତାରିଖ ଅପରାହ୍ନରେ ଦେବଦମ୍ପତିଙ୍କ ଗମ୍ଭୀରା ପ୍ରବେଶ କାର୍ଯ୍ୟକ୍ରମ ରହିଛି ।

## ରଥଯାତ୍ରା ଲାଗି ଅଖରେ ଲାଗିଲା ଚକ

ନୀଳଗିରି,(ସବ୍ୟୁ) : ପବିତ୍ର ଅକ୍ଷୟତୃତୀୟା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଆଗାମୀ ଶ୍ରୀଗୁଣ୍ଡିଚା ତଥା ବିଶ୍ୱବିଖ୍ୟାତ ରଥଯାତ୍ରାର ପ୍ରାଥମିକ ପର୍ଯ୍ୟାୟ ରଥପ୍ରସ୍ତୁତି ଉପଲକ୍ଷେ ଅଖରେ ଲାଗିଛି ଚକ। ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟତୃତୀୟା ଦିନ ମାହେନ୍ଦ୍ର ବନଯାଗ ବିଧି ଅନୁଯାୟୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ ତିଆରି କାର୍ଯ୍ୟ ଆରମ୍ଭ ହୋଇଥାଏ। ଏହି ଅବସରରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ମଙ୍ଗଳଆରତୀ ପରେ ସମସ୍ତ ନିତିକାନ୍ତି ଶେଷ ହୋଇ ମନ୍ଦିର ସମ୍ମୁଖସ୍ଥ ଅସ୍ଥାୟୀ ପୂଜାମଣ୍ଡପକୁ ଆଜ୍ଞାମାଳ ଆସିଥିଲା।ପରେ ଶ୍ରୀଦେବୀ, ଭୂଦେବୀ, ମଦନମୋହନ ଏବଂ ରାମକୃଷ୍ଣଙ୍କୁ ପୁରୋହିତ, ବ୍ରହ୍ମା, ପ୍ରହରାଜ ଏବଂ ଅନ୍ୟ ସେବାୟତଙ୍କ ଦ୍ୱାରା ବିଜେ କରାଯାଇ ସମସ୍ତ ନିତିକାନ୍ତି ସମାପନ ପରେ ମହାରଣା ସେବାୟତଙ୍କ ଦ୍ୱାରା ରଥଚକରେ ଅଖ ସଂଯୋଗ ନୀତି ଅନୁଷ୍ଠିତ ହୋଇଥିଲା। ଶଙ୍ଖ,ଭେରି, ତୂରୀ, ସଂକୀର୍ତ୍ତନ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇ ଉଠିଥିଲା।ଏହି ଅବସରରେ ନୀଳଗିରି ଠାକୁରମହାଲ ମେନେଜିଂଟ୍ରଷ୍ଟି ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ୍ ଦାସ, ମନ୍ଦିରର ମୁଖ୍ୟପୂଜକ ହରିବନ୍ଧୁ କର, ପୁଣ୍ୟଶ୍ଳୋକ ନନ୍ଦ, ବ୍ରହ୍ମା ସରୋଜ ନନ୍ଦଙ୍କ ସମେତ ମୁଖ୍ୟ ମହାରଣା, ସେବାୟତ, ଶହଶହ ଶ୍ରଦ୍ଧାଳୁ, ଭକ୍ତବୃନ୍ଦ ଉପସ୍ଥିତ ଥିଲେ।

**LOST**

By virtue of an affidavit sworn before the Executive Magistrate, Bhubaneswar dtd. 29.04.25, I, Anusuya Sahoo owner of Plot No. 1368, Khata No. 1554 Area 0.025 A and Plot No. 1368/3086, Khata No. 1556/5 Area 0.160 A at Kharakhia Baidyanath, Oldtown, P.S. Lingaraj, Bhubaneswar, Pin 751002 that the original document of Patta (ROR) and Kabala (RSD) of the above properties in my name has been completely damaged by termites and in spite of my best efforts I could not recover it. The said patta /RSD has not been mortgaged/sold /gifted etc. with anybody / Financial institutions by me. So, the Patta (ROR) and Kabala (RSD) of the said properties in duplicate which is signed and authenticated by me should be treated as original.

Anusuya Sahoo

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated. 28.04.2025 I Kabiraja Sahoo, S/O : Dayanidhi Sahoo, residing at Lunisara, PO : Sikrida, PS : Nuagaon, Dist : Nayagarh, Aadhaar No. 4675 2035 5905, declare that I have changed my minor son's name from Hrudayanath Jena, S/O : Gokulananda Jena (old name) to Hrudayanath Sahoo, S/O : Kabiraja Sahoo (new name). Henceforth he shall be known as Hrudayanath Sahoo, S/O : Kabiraja sahoo for all purposes.

Kabiraja Sahoo

**ବିଜ୍ଞପ୍ତି**

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ପତ୍ର ସଂଖ୍ୟା EC25A1001OR5353618N ତା. 30.04.2025 ରିଖ ଦ୍ୱାରା ଗ୍ରାମ ବେହେରାପାଲି, ବୃଢ଼ିପଦର, ଏକତାଲି ସ୍ଥ ନଂ.୧, ମାରାକୁଟା, ପାଣ୍ଡ୍ରିପଥର, ସିଂହବାଗା, କୁକୁରଜଙ୍ଘା, ଜମେରା, ହଂସମୁରକଟାପାଲି, ତହସିଲ ଏବଂ ଜିଲ୍ଲା ଝାରସୁଗୁଡା ଓଡ଼ିଶାରେ ଅବସ୍ଥିତ ମେସର୍ସ ଆକ୍ସନ ଇସ୍ପାତ ଏବଂ ପାୱାର ପ୍ରାଇଭେଟ୍ ଲିମିଟେଡ୍ ଇସ୍ପାତ ଉତ୍ପାଦନ କ୍ଷମତାକୁ 0.5MTPAରୁ 7.65MTPA ସମ୍ପ୍ରସାରଣ ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଅଛନ୍ତି । ଏହି ମଞ୍ଜୁରୀର ଏକକିତା ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ MOEF&CC ଭାରତ ସରକାରଙ୍କ ୱେବସାଇଟ (www.parivesh.nic.in) ରେ ଉପଲବ୍ଧ ।

**DISTRICT MINERAL FOUNDATION JAJPUR**

**Request for Proposal (RFP)**

**CAD-257 :** District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Bidder for providing Communicative Skills Training for Employability of college students in mining affected areas of Jajpur District under District Mineral Foundation, Jajpur".

The detail of the RFP is available in the district web portal i.e. **www.jajpur.odisha.gov.in**

Sd/-
Collector & Managing Trustee
DMF, Jajpur

OIPR : 30025/11/0010/2526

**ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ**
ଓ.ଏ. ନଂ ୧୦/୨୦୨୫ (ଧାରା ୪୧)
ଶ୍ରୀ ଲକ୍ଷ୍ମୀନାରାୟଣ ଠାକୁର ............... ବାଦୀ
-ବନାମ-
ହିନ୍ଦୁ ସର୍ବସାଧାରଣ ଓଗେର................. ପ୍ରତିବାଦୀଗଣ

**ବିଜ୍ଞାପନ**

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଶ୍ରୀ ଲକ୍ଷ୍ମୀନାରାୟଣ ଠାକୁର ବିଜେ ରାଇଚାନ୍ଦ, ପୋ-ରାଇଚାନ୍ଦ, ଥାନା-ଜେନାପୁର, ଜିଲ୍ଲା-ଯାଜପୁର ଦରଖାସ୍ତକାରୀଙ୍କ ଘରୋଇ ଠାକୁର ଓ ଠାକୁରଙ୍କ ନାମରେ ଥିବା ସମ୍ପତ୍ତି ଯଦି ଏହା ହିନ୍ଦୁ ସର୍ବସାଧାରଣ ମନ୍ଦିର, ତଫସିଲ ସମ୍ପତ୍ତି ହିନ୍ଦୁ ସର୍ବସାଧାରଣ ସମ୍ପତ୍ତି ଘୋଷିତ ହୁଏ ତେବେ ବାଦୀ ନଂ ୧ ଉକ୍ତ ଠାକୁରଙ୍କର ମୌରସୀ ନ୍ୟାସୀ ଓ ମୌରସୀ ସେବକ ଏବଂ ସମ୍ପତ୍ତି ଉପାର୍ଜନର ରାଶିରେ ସେବା ପୂଜା ଖର୍ଚ୍ଚାନ୍ତେ, ବଳକା ରାଶିକୁ (ଅର୍ଥ) ବାଦୀ ନଂ ୧ ସେବା ପୂଜା କରୁଥିବା ଘରୋଇ ଠାକୁର ନିଜ ଗୃହରେ ପୂଜା କରୁଥିବା ହେତୁ ଉପଭୋଗ କରନ୍ତି ବୋଲି ଦାବି କରୁଛନ୍ତି । ଉପରୋକ୍ତ ଦାବିକରି ବାଦୀ ଆମ୍ଭ ଇଜାଲାସରେ ଉପରୋକ୍ତ ମକଦ୍ଦମା ଆଗତ କରିଅଛନ୍ତି । ଉକ୍ତ ମକଦ୍ଦମାରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମଲ୍ଲୀକ ପିତା- ସ୍ୱର୍ଗତ ଶରତ ଚନ୍ଦ୍ର ମଲ୍ଲିକ, ଗ୍ରା/ପୋ-କବାଟବନ୍ଧ, ଜିଲ୍ଲା-ଯାଜପୁରଙ୍କୁ ପ୍ରତିନିଧିଭୁକ୍ତ କରିଅଛନ୍ତି । ଏହି ପ୍ରତିନିଧିତ୍ୱରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା. ୩୦.୫.୨୦୨୫ ରିଖ ସମୟ ଦିନ ୧୧ଟା ବେଳେ ଆମ୍ଭ ଇଜାଲାସରେ ହାଜର ହୋଇ ଆପତ୍ତି ଦର୍ଶାଇ ପାରିବେ ।

ସ୍ୱା/- ଶ୍ରୀ ପ୍ରକାଶ କୁମାର କର ଓ.ଜେ.ଏସ୍ (୧)
ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକ

**ତଫସିଲ ସମ୍ପତ୍ତି**

ଜିଲ୍ଲା-ଯାଜପୁର, ତହସିଲ ନଂ.୨ ଯାଜପୁର ମୌଜା-ରାଇଚାନ୍ଦ, ଖାତା ନଂ. ୨୬୩, ପ୍ଲଟ ନଂ-୧୩୯୧, ଏରିଆ-ଏସି.୦.୪୪, ପ୍ଲଟ ନଂ. ୧୩୪୫ ଏରିଆ. ଏସି. ୦.୨୦ ଡିସିମିଲ, ପ୍ଲଟ ନଂ. ୧୪୦୦, ଏରିଆ ଏସି. ୦.୨୭ ଡିସି. ପ୍ଲଟ ନଂ. ୧୪୧୪ ଏରିଆ ଏସି. ୦.୨୭ ଡିସିମିଲ, ପ୍ଲଟ ନଂ ୧୪୧୫ ଏରିଆ ଏସି. ୦.୧୬ ଡିସି. ପ୍ଲଟ ନଂ. ୧୪୧୬, ଏରିଆ ଏସି. ୦.୧୮ ଡିସିମିଲି, ପ୍ଲଟ ନଂ. ୧୪୨୧ ଏରିଆ ଏସି. ୦.୪୧ ଡିସି, ମୋଟ ଏସି ୧.୯୩ ଡିସିମିଲି ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**
Phone: - 06842 254004 Email: sernbphulbani@gmail.com

B-60

**INVITATION FOR BIDS (IFB)**
**Bid Identification No. CCE_R and B_PLB_02 of 2025 26**
No. 651 Dated. 24.4.2025

| | | | |
|---|---|---|---|
| 1 | The Chief Construction Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2 | Nature of work | : | Building Works |
| 3 | No. of tenders | : | One No |
| 4 | Tender cost | : | Rs. 10,000/- (through online) only. |
| 5 | Class of Contractor | : | B & Aclass |
| 6 | Date & Time of sale & receipt of bids | : | 10.00 AM of 02.05.2025 to 5.00PM of 16.05.2025 |
| 7 | Date of Opening of bid | : | 11.00 AM of 17.05.2025 |
| 8. | The Bidders shall have to participate in online bidding only. Further details can be seen from the website **https://tendersodisha.gov.in.** Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR : 34129/11/0016/2526

Sd/- Chief Construction Engineer
Phulbani (R&B) Circle, Phulbani

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI BARRAGE DIVISION, CUTTACK**

A-100

Phone No. 0671-2440118 Email-eembarragedivnctc@gmail.com

**'e'-procurement Notice No: - 02 (MBD 04 to 21) /2025-26**

| | | | |
|---|---|---|---|
| 1. | Name of work | : | **"FCRE, NRB, Canal Critical & 1730 Canal Road".** |
| 2. | Total No. of works | : | **18 (Eighteen) Nos. of works.** |
| 3. | Tender Cost | : | **14.11 lakhs to 49.10 lakhs.** |
| 4. | Mode of Payment of EMD(Bid Security) & Bid Cost | : | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha **WDOM No.17254/W dtd.05.12.2017 as mentioned in DTCN.** |
| 5. | Period of completion | : | **03 to 06 (Three to Six) Calendar Months** |
| 6. | Other details as follows | | |
| (i) | Procurement Officer | : | **Superintending Engineer,** Mahanadi Barrage Division, Cuttack. |
| (ii) | Availability of Tender online for Bidding | : | **01.05.2025 from 10.00 A.M to 13.05.2025 up to 5.00 P.M.** |
| (iii) | Date, Time & Venue of opening of Bid through Online | : | **Dtd.14.05.2025 - 11.30 A.M.** in the Office of the Superintending Engineer, Mahanadi Barrage Division, Cuttack. |
| (iv) | Date of Transparent Lottery to be Conducted (if required) | : | **In the office Chamber of the Superintending Engineer, Mahanadi Barrage Division, Gandarpur, Cuttack (a transparent lottery system, the date will be informed later by e-mail)** (Bidders shall furnish their present e-mail id, address and Telephone No. for further correspondence) |

Further details can be seen from the Govt. web site **www.tendersodisha.gov.in.**

Sd/- Superintending Engineer,
Mahanadi Barrage Division,
Cuttack

OIPR : 32477/11/0014/2526

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER BARIPADA IRRIGATION CIRCLE**
AT/ PO:-TAKATPUR, B ARIPADA,DIST:-MAYURBHANJ
Mail Id. sebicbpd@gmail.com

A-81

**GOVERNMENT OF ODISHA "e" PROCUREMENT NOTICE**
Notice No. ACEBIC/BLS-01/2025-26.

| Sl. No. | Name of work | Bid identification No. | Estimated Cost | Bid Security/ E.M.D. |
|---|---|---|---|---|
| 1 | Restoration & Protection to Kansabansa left embankment near village Banisia, Parana, Kanta Banki & Palapur | 01/25-26 of ACE/BiC | Rs,3,98,59,829.00 | Rs.3,98,600.00 |
| 2 | Restoration & Protection to right bank of river Subarnarekha near village Dhitpura | 02/25-26 of ACE/BIC | Rs.3,96,33,463.00 | Rs. 3,96,400.00 |
| 3 | Restoration & Protection to right bank of river Sono near village Nalapatana, Mandarpur & Udambar to Kathsagada | 03/25-26 of ACE/BIC | Rs 4,60,36,785.00 | Rs.4,60,400.00 |
| 4 | Improvement and Protection to Gadasahi Baliapal TRE from Gosainpatana to Gadasahi Baliapal. | 04/25-26 of ACE/BIC | Rs. 1,70,45,539.00 | Rs.1.70,500.00 |
| 5 | Restoration & Protection to right scoured bank of River Subarnarekha near village Kulhachada. | 05/25-26 of ACE/BIC | Rs.4,72,73,221.00 | Rs.4,72,800.00 |
| 6 | Restoration & Protection to left bank of River Subarnarekha near village Kothsani. | 06/25-26 of ACE/BIC | Rs. 3,97,73,553.00 | Rs.3,97,800.00 |

General instructions for all 06 nos. of works

| | | |
|---|---|---|
| 1 | Period of Completion | For sl.no. (4) → 9 (Nine) Calendar Months<br>For sl.no. (1), (2), (3), (5), (6) → 12 (Twelve) Calendar Months. |
| 2 | Class of Contractor | For sl. no. (4) → "A" Class & "B" Class<br>For sl.no. (1), (2), (3), (5), (6) → "A" Class |
| 3 | Date & Time of availability of bid document in the portal | 01.05.2025 up to 10.00 AM |
| 4 | Last date / time for receipt of bid in the portal | 19.05.2025 up to 5.00 PM |
| 5 | Date of opening of bid | 20.05.2025 at 11.00 A.M. |
| 6 | Name & Address of the O.I.T. | Additional Chief Engineer, Baripada Irrigation Circle, AT/PO- Takatpur, Baripada, Dist - Mayurbhanj |

Further details can be seen from the e-Procurement Portal **"https://tendersodisha.gov.in".**

Sd/- Additional Chief Engineer
Baripada Irrigation Circle, Baripada

OIPR : 32162/11/0005/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ବଜ୍ରପାତ ନେଲା ପରିବାରର ୩ ଜୀବନ

ପଦ୍ମପୁର, (ସବ୍ୟୁ) : ବରଗଡ଼ ଜିଲ୍ଲା ପଦ୍ମପୁରରେ ବଜ୍ରପାତରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ । ଲଖମରା ଗାଁରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ସମ୍ପର୍କରେ ସ୍ୱାମୀ, ସ୍ତ୍ରୀ ଓ ପୁତୁରା ବୋଲି ଜଣାପଡିଛି। ମୃତକ ହେଲେ ଆଶିଷ ମେହେର ଓ ତାଙ୍କର ବଡ଼ମା ମମତା ମେହେର। ବୁଧବାର ସକାଳୁ ବର୍ଷା ପାଗ ଲାଗି ରହିଥିବା ବେଳେ ବଡ଼ମା ଓ ପୁତୁରା ଚାଷ ଜମିକୁ ଯାଇଥିଲେ। ବିଲରେ କାମ କରୁଥିବା ବେଳେ ବର୍ଷା ସହିତ ଘଡଘଡି ହେବାରୁ ସେଠାରେ ନିର୍ମିତ ଅସ୍ଥାୟୀ ଘରେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରାଘାତ ହୋଇଥିଲା। ମମତା ମେହେର ସଂପୂର୍ଣ୍ଣ ଜଳିଯାଇଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଆଶିଷ ମେହେରଙ୍କୁ ଗୁରୁତର ଅବସ୍ଥାରେ ପଦ୍ମପୁର ହସପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଆଶିଷଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ବଡ଼ମାଁ ଓ ପୁତୁରାଙ୍କ ମୃତ ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଚମକିଲେ ବେଦାନ୍ତ ସମର୍ଥିତ ତୀରନ୍ଦାଜ

### ଓଡିଶା ପାଇଁ ବ୍ରୋଞ୍ଜ ଆଣିଲେ ଝୁଲି ମୁଣ୍ଡା



ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ୍ତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ସମର୍ଥିତ ତୀରନ୍ଦାଜୀ ଝୁଲିମୁଣ୍ଡା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡିଶା ପାଇଁ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ନିକଟରେ ବିଶାଖାପାଟଣାରେ ଆୟୋଜିତ ଜନଜାତି କ୍ରୀଡା ମହୋତ୍ସବ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତାରେ ୨୦୨୫ରେ ଓଡିଶା ପାଇଁ ୧୭ ବର୍ଷରୁ କମ୍ ବର୍ଗରେ ସେ ଏହି ଗୌରବ ଆଣି ଦେଇଛନ୍ତି।

ଭାରତୀୟ ତୀରନ୍ଦାଜୀ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଦେଶର ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯାହା ଝୁଲିଙ୍କ ସଫଳତାକୁ ଏହି ଅଞ୍ଚଳ ପାଇଁ ଗୌରବରେ ପରିଣତ କରିଥିଲା। ଗତ ୩ ବର୍ଷ ଧରି ଝୁଲି ବେଦାନ୍ତ ଆଲୁମିନିୟମ୍‌ର ଗୋଷ୍ଠୀ କ୍ରୀଡା କାର୍ଯ୍ୟକ୍ରମ ଅଧିନରେ ବୃତ୍ତିଗତ ତାଲିମ୍ ନେଇଛନ୍ତି। ତାଙ୍କ ରେକର୍ଡରେ ଗୋଟିଏ ଜାତୀୟ ପ୍ରତିନିଧିତ୍ୱ, ୪ ଟି ରାଜ୍ୟ ସ୍ତରୀୟ ପ୍ରତିନିଧିତ୍ୱ ଏବଂ ୪ ଟି ରାଜ୍ୟ ପଦକ ଅନ୍ତର୍ଭୁକ୍ତ।

ଏହି ଅବସରରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର କହିଥିଲେ ଝୁଲିଙ୍କ ଉଲ୍ଲେଖନୀୟ ସଫଳତା ଅବିଶ୍ୱସନୀୟ ପ୍ରତିଭାର ଏକ ପ୍ରମାଣ। ଆମେ ଏଭଳି ଯୁବ ପ୍ରତିଭାମାନଙ୍କୁ ଜାତୀୟ ମଞ୍ଚରେ ଚମକିବାକୁ ସକ୍ଷମ କରୁଛୁ। ବେଦାନ୍ତ ଆଲୁମିନିୟମ୍ କଳାହାଣ୍ଡିରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା, ସମ୍ପ୍ରଦାୟର ସଦସ୍ୟ ବିଶେଷ କରି ଯୁବକମାନଙ୍କ ପାଇଁ କ୍ରୀଡା ସମେତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଏହାର ମିଶନରେ ପ୍ରତିଶ୍ରୁତି ବଦ୍ଧ। ଝୁଲିଙ୍କ ସଫଳତା ହେଉଛି କଳାହାଣ୍ଡିର ସାମଗ୍ରିକ ବିକାଶ ପ୍ରତି ବେଦାନ୍ତ ଆଲୁମିନିୟମ୍‌ର ପ୍ରତିବଦ୍ଧତାର ଏକ ଉଦାହରଣ।

୨୦୧୮ରେ ଏହାର ଆରମ୍ଭ ପରଠାରୁ ଲାଞ୍ଜିଗଡରେ ବେଦାନ୍ତ କ୍ରୀଡା ତାଲିମ୍ ପଦକ୍ଷେପ କଳାହାଣ୍ଡିରେ କ୍ରୀଡା ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତି ବଦ୍ଧ। ଏହି କାର୍ଯ୍ୟକ୍ରମ ତୀରନ୍ଦାଜୀ, କରାଟେ ଏବଂ ଅନ୍ୟାନ୍ୟ କ୍ରୀଡାରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରିଥାଏ ଯେଉଁଥିରେ ଗୁଣାତ୍ମକ ତାଲିମ୍ ଉପକରଣ, ୟୁନିଫର୍ମ ଏବଂ କୋଚିଂ ଶିବିରର ସୁବିଧା ରହିଛି। ଆଜି ପର୍ଯ୍ୟନ୍ତ ୧୦୦ ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ଏହି କାର୍ଯ୍ୟକ୍ରମ ଅଧିନରେ ତାଲିମ୍ ଦିଆଯାଇଛି। କେବଳ ଗତ ବର୍ଷ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନ୍‌ସିପ୍‌ରେ ୪୦ରୁ ଅଧିକ ପଦକ ଜିତିଛନ୍ତି। ଏକଦା ଦାରିଦ୍ର୍ୟ ଏବଂ ପଛୁଆ ଅଞ୍ଚଳ ଭାବେ ପରିଚିତ ଥିବା କଳାହାଣ୍ଡି ଗତ ୨ ଦଶନ୍ଧି ମଧ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଇ ଗତି କରୁଛି। ଲାଞ୍ଜିଗଡରେ ବେଦାନ୍ତର ଉପସ୍ଥିତି ଏକ ପ୍ରମୁଖ ଉତ୍ପ୍ରେରକ ଭାବେ କାର୍ଯ୍ୟ କରୁଛି। ୨୦୦୩ ବେଦାନ୍ତର ଆଲୁମିନା ବିଶୋଧନାଗାର କାର୍ଯ୍ୟକ୍ଷମ ହେବା ଦ୍ୱାରା ସାମାଜିକ- ଅର୍ଥନୈତିକ ପ୍ରଗତିର ଏକ ତରଙ୍ଗ ସୃଷ୍ଟି ହୋଇଥିଲା ଯାହା ସମଗ୍ର ଜିଲ୍ଲାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି, ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ତୃଣମୂଳ କ୍ରୀଡାରେ ଅଗ୍ରଗତି କରିଥିଲା। ଆଜି କଳାହାଣ୍ଡିରେ ବେଦାନ୍ତ ହସ୍ପିଟାଲ ଭଳି ଆଧୁନିକ ସ୍ୱାସ୍ଥ୍ୟ ସୁବିଧା, ଡିଏଭି ବେଦାନ୍ତ ଇଣ୍ଟରନେସ୍‌ନାଲ୍ ସ୍କୁଲ ଭଳି ଶିକ୍ଷା ଅନୁଷ୍ଠାନ ଏବଂ ମହିଳା ଓ ଯୁବକମାନଙ୍କ ପାଇଁ କୌଶଳ ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତର ଗୋଷ୍ଠୀଗତ ପଦକ୍ଷେପ ହଜାର ହଜାର ଲୋକଙ୍କ ନିକଟରେ ପହଞ୍ଚିଛି। ଏହି ପଦକ୍ଷେପଗୁଡିକ ସ୍ୱାକ୍ଷରତାର ଉନ୍ନତି, ଅପପୁଷ୍ଟି ହ୍ରାସ ଏବଂ ସ୍ଥାୟୀ ଆୟ ଉଚ୍ଚ ସହିତ ମହିଳା ଓ କୃଷକମାନଙ୍କୁ ସଶକ୍ତ କରିବାରେ ସାହାର୍ଯ୍ୟ କରିଛି।



ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଡାକ୍ତର ଜଗନ୍ନାଥ ଦାସଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ କୈଳାସଚନ୍ଦ୍ର ସାହୁଙ୍କୁ ଚଳିତ ବର୍ଷର ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ କରାଯାଉଛି।

## ସାଇନ୍ସ ପାର୍କ ବସ୍ତି ଗଣ୍ଡଗୋଳ, ଆହତ ପୁତୁରାର ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ସାଇନ୍ସ ପାର୍କ ବସ୍ତି ପାରିବାରିକ ଗଣ୍ଡଗୋଳରେ ଗୁରୁତର ଆହତ ହୋଇ କଟକ ବଡମେଡିକାଲରେ ଚିକିତ୍ସିତ ହେଉଥିବା ଅଭିଯୁକ୍ତର ପୁତୁରା ବାବୁଲି ନାୟକଙ୍କର ବୁଧବାର ମୃତ୍ୟୁ ହୋଇଥିବା ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ପୂର୍ବରୁ ରୁଜୁ ହୋଇଥିବା ମାମଲାକୁ ପରିବର୍ତ୍ତନ କରାଯାଇ ମୃତକଙ୍କ ଦାଦା ଓ ତାଙ୍କ ପୁଅ ନାଁରେ ହତ୍ୟା ମାମଲା ରୁଜୁ ହୋଇଥିବା ଏସିପି କହିଛନ୍ତି । ସାଇନ୍ସ ପାର୍କ ବସ୍ତିରେ ମୃତ ବାବୁଲି ନାୟକ ଓ ତାଙ୍କ ପରିବାର ରୁହନ୍ତି । ଘର ପାଖରେ ତାଙ୍କ ଦାଦା ଶାନ୍ତିଭୂଷଣ ନାୟକ ଓ ପୁଅ ଚନ୍ଦନ ନାୟକ ସହ ପରିବାର ନେଇ ରୁହନ୍ତି । ଘଟଣା ଦିନ ବାବୁଲିଙ୍କ ମା'ଙ୍କୁ ଚନ୍ଦନ ଶାରୀରିକ ଅସୁସ୍ଥ ପାଇଁ ହସ୍ପିଟାଲ ନେବାକୁ ଡାକିଥିଲା । ଚନ୍ଦନ ବଡ ମା'ଙ୍କୁ ହସ୍ପିଟାଲ ନେବା ପାଇଁ ଡାକିବା ସମୟରେ ପାରିବାରିକ ବିବାଦକୁ ନେଇ ବାବୁଲି ସେମାନଙ୍କ ସହ ଝଗଡା କରିଥିଲା । ଏହି ସମୟରେ ବାବୁଲି ଏକ ଛୁରି ଆଣି ଚନ୍ଦନର ବାପା ଶାନ୍ତିଭୂଷଣ ଓ ମା'ଙ୍କୁ ଆକ୍ରମଣ କରିଥିଲା । ଏହି ସମୟରେ ଚନ୍ଦନ ଉତ୍କ୍ଷିପ୍ତ ହୋଇ ବଡଭାଇ ବାବୁଲିକୁ ଠେଙ୍ଗାରେ ପିଟିଥିଲା । ଠେଙ୍ଗା ମାଡ ବାବୁଲିଙ୍କ ମୁଣ୍ଡରେ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ । ଆହତ ବାବୁଲିକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବାବୁଲି କଟକ ବଡମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି । ସହିଦନଗର ଥାନା ପୋଲିସ ଆହତ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରି ମୁଖ୍ୟ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିବା ପାଇଁ ଛାନ୍‌ଭିନ୍ କରୁଛି । ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଏସିପି କହିଛନ୍ତି ।

## ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜମେଣ୍ଟରେ ବ୍ରହ୍ମାସ୍ତ୍ର ୩.୦




ଭୁବନେଶ୍ୱର, (ସବ୍ୟୁ) : ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜମେଣ୍ଟରେ ୨୫ ତାରିଖ ଆରମ୍ଭ ହୋଇଥିବା ପାଞ୍ଚ ଦିବସୀୟ ବ୍ରହ୍ମାସ୍ତ୍ର ୩.୦ ଉଦଯାପିତ ହୋଇଛି । ବ୍ରହ୍ମାସ୍ତ୍ର ୩.୦ ପାଞ୍ଚଟି ଗତିଶୀଳ ଏବଂ ବିବିଧ କ୍ଷେତ୍ର - ବ୍ରହ୍ମୋତ୍ସବ, କୁରୁକ୍ଷେତ୍ର, ରଣଭୂମି ଚକ୍ରବ୍ୟୁହ ଏବଂ ଦ୍ରୋଣ - ମାଧ୍ୟମରେ ପ୍ରକାଶିତ ହୋଇଥିଲା । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ପ୍ରତିଯୋଗିତା ଏବଂ ସହଯୋଗକୁ ପ୍ରଜ୍ୱଳିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଏହି ଇଭେଣ୍ଟ ଆରସିଏମ ଏବଂ ଭୁବନେଶ୍ୱର ଏବଂ ଦେଶର ଦୂର କୋଣରୁ ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ପ୍ରତିଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ଅଂଶଗ୍ରହଣକୁ ସ୍ୱାଗତ କରିଥିଲା। ଅସୀମ ଉତ୍ସାହ ଏବଂ ଶକ୍ତି ସହିତ, ଅଂଶଗ୍ରହଣକାରୀମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ଯୁବପିଢ଼ି ଏବଂ ବୁଦ୍ଧିର ଏକ ପ୍ରକୃତ ଉତ୍ସବ କରିଥିଲେ।

ଆକର୍ଷଣୀୟ କ୍ଷେତ୍ରଗୁଡ଼ିକ ମଧ୍ୟରେ, ଦ୍ରୋଣ ପୁରସ୍କାର ବିଶେଷ ପ୍ରଶଂସା ଅର୍ଜନ କରିଥିଲା। ଏହି ପ୍ରତିଷ୍ଠିତ ଭର୍ଟିକାଲ୍ ଶିକ୍ଷକ, ପରାମର୍ଶଦାତା, ପ୍ରଫେସର, ପ୍ରଶିକ୍ଷକ ଏବଂ ସାଧାରଣ କ୍ଷେତ୍ରର ନେତାମାନଙ୍କୁ ମନ ଗଠନ ଏବଂ ପିଢ଼ିକୁ ପ୍ରେରଣା ଦେବାରେ ସେମାନଙ୍କର ନିରନ୍ତର ଅବଦାନ ପାଇଁ ସେମାନଙ୍କୁ ଚିହ୍ନଟ ଏବଂ ସମ୍ମାନିତ କରିବା ପାଇଁ ଉତ୍ସର୍ଗୀକୃତ ଥିଲା। ବିଭିନ୍ନ ଶିକ୍ଷାବିତ୍ ଏବଂ ବୃତ୍ତିଗତମାନେ ପ୍ରତିଯୋଗିତା କରିଥିଲେ ଏବଂ କ୍ରୀଡା ଏବଂ ସାଂସ୍କୃତିକ କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମ୍ମାନିତ ହୋଇଥିଲେ । ଦ୍ରୋଣଙ୍କୁ ବ୍ରହ୍ମାସ୍ତ୍ର ୩.୦ ର ହୃଦୟ ଏବଂ ଆତ୍ମା କରିଥିଲେ।

ମହାସମାବେଶ ଏବଂ ପୁରସ୍କାର ବଣ୍ଟନ ସମାରୋହରେ ରିଜିଓନାଲ କଲେଜ ଅଫ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା-ଅଧକ୍ଷ ଡକ୍ଟର ପ୍ରବୀର ପାଲ, ଆରସିଏମ ଗ୍ଲୋବାଲ୍ ସ୍କୁଲ (ଆରସିଏମ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ) ର ନିର୍ଦ୍ଦେଶକ ଡକ୍ଟର ସଂଘମିତ୍ରା ପାଲ, ଅତିରିକ୍ତ ନିର୍ଦ୍ଦେଶକ ତଥା ଅଧକ୍ଷ ମାନସ ରଞ୍ଜନ ଦେବତା, ଅଧକ୍ଷ (ୟୁଜି) ଡଃ ଇତିଶ୍ରୀ ଦେବୀ, ଏବଂ ଅତିରିକ୍ତ ନିର୍ଦ୍ଦେଶକ ଡଃ ଶ୍ରଦ୍ଧା ମିଶ୍ରଙ୍କ ସମେତ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ୬ଟି ଶିଳ୍ପସଂସ୍ଥାର ସ୍ଥିତି ସମୀକ୍ଷା କଲେ ଭୁବନେଶ୍ୱର ସାଂସଦ

### ଖୋର୍ଦ୍ଧା, ଜଟଣୀର ୨୦ ହଜାର ଯୁବକ-ଯୁବତୀଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର, (ସବ୍ୟୁ) : ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଏବଂ ଜଟଣୀ ନିର୍ବାଚନମଣ୍ଡଳୀରେ ଗଢ଼ି ଉଠୁଥିବା ୬ଟି ଶିଳ୍ପ ପ୍ରତିଷ୍ଠାନକୁ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ଅବସରରେ ଭୁବନେଶ୍ୱର ସାଂସଦ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ନେସ୍‌ଲେ ଇଣ୍ଡିଆ ଲିମିଟେଡ୍ , ଏପିକ୍ ଗ୍ରୁପ , ବରୁଣ ବେଭରେଜ, ଆନାଡ୍ରୋନ ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜଟଣୀ ନିର୍ବାଚନମଣ୍ଡଳିରେ ନିର୍ମାଣାଧୀନ ଥିବା ଶିଳ୍ପ ପ୍ରତିଷ୍ଠାନ ଜୁପିଟର ଟେଟ୍ରାଭାଗୋଙ୍କା ରେଲୱେ ହୁଇଲ୍ ଫାକ୍ଟରି ପ୍ରା ଲିମିଟେଡ୍, ଆଇଜିଏଫଏଲ ରିଫ୍ରାକ୍ଟର ଲିମିଟେଡ୍, ପରିଦର୍ଶନ କରି ଏହାର ଅଗ୍ରଗତି ନେଇ ବୁଲି ଦେଖିଛନ୍ତି । ସାଂସଦଙ୍କର ଏହି ଜଟଣୀ ଏବଂ ଖୋର୍ଧା ଶିଳ୍ପାଞ୍ଚଳ ପରିଦର୍ଶନ କାଳରେ ସମସ୍ତ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାର ଯୁବକ-ଯୁବତୀଙ୍କ ନିଯୁକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି । ଏହି ସମସ୍ତ ଶିଳ୍ପାଞ୍ଚଳରେ ମୋଟ୍ ନିଯୁକ୍ତିର ଯେପରି ୮୦ ପ୍ରତିଶତ ସ୍ଥାନୀୟ ଅଂଚଳର ଯୁବକ-ଯୁବତୀଙ୍କୁ ମିଳିବ, ସେନେଇ ଶିଳ୍ପ ମୁଖ୍ୟଙ୍କ ସହିତ ଆଲୋଚନା କାଳରେ ଗୁରୁତ୍ୱ ଦେଇଛନ୍ତି । ମୋଟ୍ ୬ଟି ଶିଳ୍ପ ପ୍ରତିଷ୍ଠାନ ମଧ୍ୟରୁ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଗଢି ଉଠିଥିବା ବରୁଣ ବେଭାରେଜ କମ୍ପାନୀରେ ମୃଦୁ ପାନୀୟ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏହା ସ୍ଥାନୀୟ ଅଞ୍ଚଳରେ ଅନେକ ବେକାରଙ୍କୁ ନିଯୁକ୍ତି ଯୋଗାଇବାର ମାଧ୍ୟମ ସାଜିବ । ମୋଟ୍ ଉପରେ ଖୋର୍ଦ୍ଧା ଏବଂ ଜଟଣୀର ୨୦ ହଜାର ଯୁବକ-ଯୁବତୀଙ୍କୁ ଏହି ସମସ୍ତ ଶିଳ୍ପାଞ୍ଚଳରେ ନିଯୁକ୍ତି ମିଳିବ ବୋଲି ଗସ୍ତ କାଳରେ ସାଂସଦ ପ୍ରକାଶ କରିଛନ୍ତି । ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଏପିକ୍ ଗ୍ରୁପର୍ ବର୍ତ୍ତମାନ ନିର୍ମାଣ ଚାଲିଛି ।ଏହି କମ୍ପାନୀରେ ଗାରମେଣ୍ଟ ପ୍ରସ୍ତୁତି ହେବ । ଏଠାରେ ୮୦ ପ୍ରତିଶତ ଯୁବତୀଙ୍କୁ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ ମୁଖ୍ୟ କହିଛନ୍ତି।



ବର୍ତ୍ତମାନ ଏହି ଶିଳ୍ପାଞ୍ଚଳ ଗୁଡ଼ିକର କିପରି ନିର୍ମାଣ କାମ ଚାଲିଛି, ପାଣି-ବିଜୁଳି ଯୋଗାଣର ସ୍ଥିତି କିପରି ରହିଛି, ପ୍ରତିଶ୍ରୁତି ମୁତାବକ ସରକାରୀ ସହାୟତା କିପରି ମିଳୁଛି, ଗଢି ଉଠୁଥିବା ଶିଳ୍ପସଂସ୍ଥାରେ ନିଯୁକ୍ତି ପ୍ରକ୍ରିୟାରେ ସ୍ଥାନୀୟ ବେକାରୀଙ୍କୁ କିପରି ପ୍ରାଧାନ୍ୟ ଦିଆଯାଉଛି, ସେ ସବୁ ଦିଗକୁ ନେଇ ସ୍ଥିତି ତଦାରଖ କରିଛନ୍ତି ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ । ଏହି ଗସ୍ତ କାଳରେ ସ୍ଥାନୀୟ ଶିଳ୍ପାଞ୍ଚଳରେ କିପରି ଶିଳ୍ପ ଗୁଡିକୁ ଆଗାମୀ ସମୟରେ କିପରି ଅଧିକ ଜମି ଯୋଗାଇ ଦିଆ ଯାଇପାରିବ, ଏକାଧିକ ବଡ଼ ବଡ଼ ଶିଳ୍ପ କିପରି ଖୋର୍ଧା-ଜଟଣୀକୁ ଆସିପାରିବେ ସେ ନେଇ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ ସେ ଅଲୋଚନା କରିଛନ୍ତି। ଭୁବନେଶ୍ୱର ସାଂସଦଙ୍କ ଏହି ଗସ୍ତ କାଳରେ ଖୋର୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଧା ବିଜେପି ସଭାପତି ବିଶ୍ୱରଂଜନ ବଡଜେନା, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳରେ ଶିଳ୍ପର ପ୍ରଗତି ବୁଲି ଦେଖିଥିଲେ।

## ଜିଲ୍ଲାରେ ବାଲ୍ୟ ବିବାହ ପ୍ରହସନ, ୨ନାବାଳିକା ହେଲେ ମା

### ପୋଲିସକୁ ଲିଖିତ ଅଭିଯୋଗ କଲେ ଡାକ୍ତର

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କ୍ରମାଗତ ଭାବେ ନାବାଳିକା ମାନେ ସନ୍ତାନ ଜନ୍ମ ଦେବା ଘଟଣା ସାମ୍ନାକୁ ଆସିବାରେ ଲାଗିଛି । ଗତ ୨୬ ତାରିଖ ରାତ୍ରିରେ ସଦର ଥାନା ଅନ୍ତର୍ଗତ ତାପଙ୍ଗ ଅଞ୍ଚଳ ଜନୈକା ୧୬ବର୍ଷିଆ ନାବାଳିକା ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇଥିବା ନେଇ ମେଡିକାଲରେ ପସୂତି ବିଭାଗ ଜଣେ ଡାକ୍ତର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଗତ ୨୩ ତାରିଖରେ ମଧ ଚନ୍ଦକା ଥାନା ଅଞ୍ଚଳର ଜଣେ ୧୪ବର୍ଷିଆ ନାବାଳିକା ସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି । ତେବେ ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟି ଚାଲିଥିବା ବେଳେ ମେଡିକାଲ କର୍ତୃପକ୍ଷ ଅଥବା ଜିଲା ପ୍ରଶାସନ ଏହାକୁ ଅତି ହାଲୁକା ଭାବେ ଗ୍ରହଣ କରିବା ସହ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ଏଭଳି ଘଟଣା ବଢିଚାଲିଛି। ଉକ୍ତ ଦୁଇଟି ଘଟଣା ପୂର୍ବରୁ ଅନ୍ୟ ଏକ ଘଟଣାରେ ଚାଇଲଡ଼ ଲାଇନ କର୍ମଚାରୀଙ୍କୁ ଖବର ଦିଆ ଯାଇଥିଲା କିନ୍ତୁ ସେମାନେ ଗଲେ କଥା ହୋଇ ଚାଲିଗଲେ । ଛତୁ ଫୁଟିବା ଭଳି ଘରୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା ଚାଇଲଡ଼ ଲାଇନ କାମ କରୁଥିବା ବେଳେ ଏମାନଙ୍କର ଭୂମିକା ମଧ ସନ୍ଦେହ ଘେରରେ ରହିଛି।ତେବେ ପ୍ରଶ୍ନ ଉଠୁଛି, ସେମାନଙ୍କୁ ପସବ ପାଇଁ ମେଡିକାଲକୁ ଆଣୁଥବା ଆଶା କର୍ମୀ ସବୁ ଜାଣି ମଧ କିଭଳି ଏହାକୁ ପ୍ରୋତ୍ସାହନ ଦେଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି । ମେଡିକାଲରେ ସନ୍ତାନ ଜନ୍ମ ଦେଉଥିବା ନାବାଳିକାଙ୍କ ସ୍ୱାମୀଙ୍କ ନାମ ମଧ ଉଲ୍ଲେଖ ସହିତ ଆଶା କର୍ମୀ ଓ ଅଙ୍ଗନ ବାଡି କର୍ମୀଙ୍କ ସ୍ୱାକ୍ଷର ଓ ଫୋନ ନମ୍ବର ରହିଥିବା ମମତା କାର୍ଡ ମଧ କରାଯାଉଛି। ତେବେ ଏଥରୁ ସ୍ପଷ୍ଟ ଯେ ଜିଲାରେ ନାବାଳିକା ବିବାହ ଏବେ ମଧ୍ୟ ଜାରି ରହିଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଭାରପ୍ରାପ୍ତ ଅଧକ୍ଷକ ଡା. ଏସ.ପି ମିତ୍ର ଏବଂ ଜିଲା ମୁଖ୍ୟଚିକିତ୍ସାଧକାରୀ ପରିବାର କଲ୍ୟାଣ) ଡା. ବିଶ୍ୱନାଥ ପାଢୀ କହିଲେ ମେଡିକାଲରେ କାହାରିକୁ ଶିଶୁଜନ୍ମ ଦେବାରେ ମନା କରାଯାଇପାରିବ ନାହିଁ, ତଥାପି ଏହି ଘଟଣାର ଯେଉଁଳି ପୁନରାବୃତ୍ତି ନଘଟିବ, ସେଥିଲାଗି ଆଶା, ଅଙ୍ଗନବାଡି, ସହ ଆଲୋଚନା କରାଯିବା।




## ଶ୍ରୀକ୍ଷେତ୍ରରେ ତିନି ରଥ ନିର୍ମାଣ ଅନୁକୂଳ ଓ ଚନ୍ଦନ ଯାତ୍ରା

ପୁରୀ: ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଆଜି ତିନି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଛି। ପାରମ୍ପରିକ ରୀତିନୀତି ଓ ବିଧି ବିଧାନ ଅନୁସାରେ ରଥ ଖଳାରେ ଆଜି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ପବିତ୍ର ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ନୀତି ଅନୁଷ୍ଠିତ ହୋଇଛି। ନରେନ୍ଦ୍ର ପୁଷ୍କରିଣୀରେ ଆଜି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ରାମକୃଷ୍ଣ ଓ ବିଗ୍ରହ ମାନେ ନନ୍ଦା ଓ ଭଦ୍ରା ନୌକାରେ ଚାପ ଖେଳିଛନ୍ତି। ମଧ୍ୟାହ୍ନ ଧୂପ ପରେ ଶ୍ରୀମନ୍ଦିରରୁ ମଦନ ମୋହନ ଓ ରାମକୃଷ୍ଣ ପାଲିଙ୍କିରେ ବିଜେ କରି ଥିଲେ। ସେହିପରି ପଞ୍ଚୁପାଣ୍ଡବ ଓ ଭୂଦେବୀ ଶ୍ରୀଦେବୀ ବିମାନରେ ବିଜେ କରି ଥିଲେ। ଘଣ୍ଟ ଘଣ୍ଟା, ଛତା ଓ କାହାଳୀ ବାଜି ବିଗ୍ରହ ମାନେ ବିରାଟ ପଟୁଆରରେ ଶ୍ରୀମନ୍ଦିରରୁ ବଡ ଦାଣ୍ଡ ଦେଇ ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡାକୁ ବିଜେ କରିଥିଲେ। ସେଠାରେ ପ୍ରବଳ ରୌଦ୍ର ତାପରୁ ଉପଶମ ପାଇ ଚନ୍ଦନ କୁଣ୍ଡରେ ସ୍ନାନ କରି ଜଳ କ୍ରୀଡା ଥିଲେ। ପରେ ନନ୍ଦା ଭଦ୍ରା ଦୁଇ ନୌକାରେ ପୁଷ୍କରିଣୀରେ ଚାପ ଖେଳି ଥିଲେ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥ ଖଳା କରା ଯାଇ ଥିଲା। ରଥ ଖଳା ଉପରେ ଛାମୁଣ୍ଡିଆ ନିର୍ମାଣ କରା ଯାଇ ଥିଲା। ରଥ ଖଳାକୁ ଭଲ ଭାବରେ ପାଣିରେ ଧୁଆ ଯାଇ ଥିଲା। ପରେ ପାଣି ସିଞ୍ଚନ କରାଯାଇ ଶୋଧ କରା ଯାଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ଶ୍ରୀମନ୍ଦିରର ଚନ୍ଦନ ଠାକୁରଙ୍କ ଆଗରେ ରଥ ଖଳାକୁ ଆଜ୍ଞା ମାଳ ବିଜେ କରି ଥିଲାଛ ରଥ ଖଳାରେ ତିନି ଖଣ୍ଡ ୧୨ ଫୁଟିଆ ଧଉରା କାଠ ରଖା ଯାଇ ଥିଲା। ସ୍ତୋତ୍ରୀୟ ବ୍ରାହ୍ମଣ ଓ ପୂଜା ପଣ୍ଡା ମାନେ ମନ୍ତ୍ର ଉଚ୍ଚାରଣ କରି ଥିଲେଛ ପରେ ସୁନା କୁରାଢିରେ ତିନି କାଠ ଛେଦନ କରା ଯାଇ ଅନୁକୂଳ କରା ଯାଇ ଥିଲା। ଆଜିର ଏହି ରଥ ନିର୍ମାଣ ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଆରକ୍ଷୀ ଅଧିକ୍ଷକ ବିନୀତ କୁମାର ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସୁରତରେ ଉତ୍କଳ ବ୍ରାହ୍ମଣ ପରିବାର ପକ୍ଷରୁ ପର୍ଶୁରାମ ଜୟନ୍ତୀ



ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ବ୍ରାହ୍ମଣ ପରିବାର ଚ୍ୟାରିଟେବୁଲ ଟ୍ରଷ୍ଟ ଦ୍ୱାରା ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସଭାପତି ଭାବଗ୍ରାହୀ ପଣ୍ଡାଙ୍କ ତତ୍ତ୍ୱବଧାନରେ ଗତ ତିନି ବର୍ଷ ଧରି ଉତ୍କଳ ବ୍ରାହ୍ମଣ ପରିବାର ଚ୍ୟାରିଟେବୁଲ ଟ୍ରଷ୍ଟ ଦ୍ୱାରା ପାଳିତ ହେଉଛି। ଏଥିନିମନ୍ତେ ଆୟୋଜିତ ଶୋଭାଯାତ୍ରାରେ ପ୍ରାୟ ୨୦୦୦ ଲୋକଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ଉଦନା ବିଧାୟକ ମନୁ ଭାଇ ପଟେଲ ମୁଖ୍ୟ ବକ୍ତା ରୁପେ ଅଜମେରା ଫେସନ ଡିରେକଟର ଅଜୟ ଭାଇ ଅଜମେରା, ଅତିଥି ରୁପେ ଧୀରେନ୍ଦ୍ର ମିଶ୍ର ସେଲ ପେଟ୍ରୋଲିୟମ ଡିରେକଟର, ଯୋଗେନ୍ଦ୍ର ସାହାଣୀ ଅନରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅଧକ୍ଷ ସୁରତ ଉପସ୍ଥିତ ଥିଲେ । ଅତିଥିମାନଙ୍କ ଅଭିଭାଷଣ ପରେ ମହାପ୍ରସାଦର ମଧ ବ୍ୟବସ୍ଥା ହୋଇଥିଲା। ସ୍ଥାନୀୟ କଳାକାର ଓ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ରଖାଯାଇଥିଲା । ଉତ୍କଳ ବ୍ରାହ୍ମଣ ପରିବାର ସାଧାରଣତଃ ପ୍ରତିବର୍ଷ ବାର ମାସରେ ତେର ପର୍ବ ପାଳନ କରିଥାଏ। ପର୍ଶୁରାମ ଜୟନ୍ତୀ ଦିନ ସାମାଜିକ ସମାବେଶ ଉତ୍ସବ ପାଳନ କରାଯାଏ। ସନାତନ ଧର୍ମ, ପରମ୍ପରା, ସଂସ୍କୃତିକୁ ଜାଗ୍ରତ କରିବାରେ ଏହାର ଏକ ବଡ଼ ଅବଦାନ ଅଛି। ଉତ୍କଳ ବ୍ରାହ୍ମଣ ପରିବାର ଚ୍ୟାରିଟେବୁଲ ଟ୍ରଷ୍ଟ ମଧ ନିରନ୍ତର ସମାଜ କଲ୍ୟାଣ କାର୍ଯ୍ୟ କରିଆସୁଛି।

## ସିପିଆଇ ପୂର୍ବତନ ରାଜ୍ୟ ସମ୍ପାଦକଙ୍କ ସ୍ମୃତିସଭା

ଭଦ୍ରକ,(ସବ୍ୟୁ):ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ କାର୍ଯ୍ୟ କାରିଣୀ ସଭ୍ୟ, ପୂର୍ବତନ ରାଜ୍ୟ ସମ୍ପାଦକ, ଭଦ୍ରକ କଲେଜର ଦୁଇଦୁଇ ଥର ଛାତ୍ର ସଂସଦର ସାଧାରଣ ସମ୍ପାଦକ, ବିଶିଷ୍ଟ ଗ୍ରନ୍ଥକାର, ନାଟ୍ୟକାର, ମାର୍କସବାଦୀ ଦର୍ଶନର ଲେଖକ କମ୍ରେଡ଼ ଦିବାକର ନାୟକଙ୍କ ପରଲୋକରେ ଏକ ସ୍ମୃତିସଭା ଭଦ୍ରକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଭଦ୍ରକ ଜିଲ୍ଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସିପିଆଇର ରାଜ୍ୟ ସମ୍ପାଦକ କମ୍ରେଡ଼ ଆଶିଷ କାନୁନ୍‌ଗୋ , ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ସିପିଏମ ଜିଲ୍ଲା ସଂପାଦକ ଦିବ୍ୟଶଙ୍କର ନାୟକ, ସିପିଆଇ(ଏମ.ଏଲ) ଲିବରେସନ୍‌ର ଜିଲ୍ଲା ସଂପାଦକ ସମର ବଳ, ଏସ.ୟୁ.ସି.ଆଇ.ର ରମେଶ ନାୟକ, ସିପିଆଇ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କ୍ଷୀରୋଦ ସିଂଦେଓ, ଡ଼ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ଦିବ୍ୟସିଂହ ନାୟକ, ବିକାଶ ନାଥ, ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ, ଗଣତାନ୍ତ୍ରିକ ମହିଳା ସମିତିର ସୁରାଜିତା ନାୟକ, ଏଆଇଏସଏଫର ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା, ଦିବାକର ନାୟକଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପାସ୍‌ପୋର୍ଟରେ ତ୍ରୁଟି, ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ତ୍ରୁଟିପୂର୍ଣ୍ଣ ପାସ୍‌ପୋର୍ଟରେ ବ୍ୟାଙ୍କକ୍ ଯାଇଥିବା ସୁକାନ୍ତ ସାମଲ ନାମକ ଜଣେ ଯୁବକକୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି । ସୁକାନ୍ତ ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବା ବେଳେ ସେ ଗତ ଜାନୁଆରୀ ୧୧ ତାରିଖ ଦିନ ମୁମ୍ବାଇ ବିମାନବନ୍ଦର ଦେଇ ବ୍ୟାଙ୍କକ ଯାଇଥିଲା । ମଙ୍ଗଳବାର ଦିନ ସକାଳେ ବ୍ୟାଙ୍କକରୁ ଓଡ଼ିଶା ଫେରୁଥିବା ବେଳେ ବିମାନବନ୍ଦର ଚେକିଂ ସମୟରେ ପାସ୍‌ପୋର୍ଟରେ ତ୍ରୁଟି ଥିବା ଜଣାପଡିଥିଲା । ଯେଉଁଥିରେ ସେ ୨୦୨୨ ମସିହାରେ କୋଲକାତା ବିମାନବନ୍ଦର ଦେଇ ବ୍ୟାଙ୍କକ ଯାଇଥିବା ଲେଖା ରହିଛି । ଏ ସମ୍ପର୍କରେ ବିମାନବନ୍ଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସୁକାନ୍ତକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦର ୨୬ତମ ବାର୍ଷିକ ଉତ୍ସବ



କଟକ, (ସ୍ୱପ୍ର): ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦର ୨୬ତମ ବାର୍ଷିକ ଉତ୍ସବ ମହାନଦୀବିହାର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଚର୍ତୃଭୁଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଚାଲିଥିଲା ଏହି ଉତ୍ସବ । କାର୍ଯ୍ୟକ୍ରମରେ ୨୮ ଓ ୨୯ ଦୁଇ ଦିନ ଧରି ସୁନାମଧନ୍ୟ ପ୍ରବକ୍ତା ପଣ୍ଡିତ ସୌମ୍ୟାରଞ୍ଜନ ପଣ୍ଡାଙ୍କ ଦ୍ୱାରା ଜଗନ୍ନାଥ କଥାମୃତ ଜ୍ଞାନଯଜ୍ଞ ଆଦି ପ୍ରବଚନ ପ୍ରଦାନ କରାଯାଇଥିଲା । ଏଥିରେ ଏମଡିଏର ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମାଧବ ପ୍ରସାଦ ଶର୍ମା, ଦିବଂଗତ ରବିନାରାୟଣ ସାହୁ, ବାସନ୍ତି ଶତପଥୀ, ନେତ୍ରାନନ୍ଦ ରାଉତ ଏବଂ ବିଭୂତି ଭୁଷଣ ପ୍ରଧାନ ଆଦି ଜଗନ୍ନାଥପ୍ରେମୀଙ୍କୁ ପରିଷଦ ତରଫରୁ ଜଗନ୍ନାଥ ମୂର୍ତ୍ତି, ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଜଗନ୍ନାଥ ସେବା ସମ୍ମାନ -୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ପୂର୍ବତନ ସଭାପତି ଓ ସମ୍ପାଦକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଜଗନ୍ନାଥ ଓ ଶିବ ମନ୍ଦିରର ଅଭିଷେକ କରାଯିବା ସହିତ ରଥ କାଠ ଅନୁକୂଳ କରାଯାଇଥିଲା । ଏଥିସହିତ ୩ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ଉତ୍ସବରେ ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ସଞ୍ଜୟ ଜେନା, ରାକେଶ ତ୍ରିପାଠୀ, ଶରତ ଚନ୍ଦ୍ର ଦାସଙ୍କ ସମେତ ପରିଷଦର କାର୍ଯ୍ୟକାରୀ ସଦସ୍ୟ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ବହୁସଂଖ୍ୟାରେ ମହାନଦୀବିହାର ବାସିନ୍ଦା ଉପସ୍ଥିତ ଥିଲେ।

## ଅଲ୍ଲୀ ଜାଫର, ମାହିରାଙ୍କ ଇନ୍‌ଷ୍ଟା ଆକାଉଣ୍ଟ ବ୍ଲକ୍



ନୂଆଦିଲ୍ଲୀ : ଭାରତ ଓ ପାକିସ୍ତାନ ମଧ୍ୟରେ ଆତଙ୍କବାଦୀ ଆକ୍ରମଣ ପରେ ଯୁଦ୍ଧ ସ୍ଥିତି ଘନେଇଛି । ଝଡ଼ ପୂର୍ବର ନୀରବତା ଭଳି ଭାରତ ଗୁପ୍ତ ଭାବେ ଯୋଜନା ଚଳାଇଛି । ଖୁବ୍‌ଶୀଘ୍ର ଭାରତ ବଡ଼ଧରଣର ସେନା କାର୍ଯ୍ୟକ୍ରମ କରିପାରେ ବୋଲି ରାଜନୀତିକ ସମୀକ୍ଷକ ମତ ରଖିଛନ୍ତି । ଏହାରି ଭିତରେ ପାକିସ୍ତାନ ନାଗରିକଙ୍କୁ ଭାରତରୁ ସମ୍ପୂର୍ଣ୍ଣରୂପେ ବିଦା କାର୍ଯ୍ୟକ୍ରମ ଜାରି ରଖିବାବେଳେ ପାକିସ୍ତାନର ପରିଚିତ ଅଭିନେତା ଅଭିନେତ୍ରୀଙ୍କ ଇନ୍‌ଷ୍ଟାଗ୍ରାମ ତଥା ୟୁଟ୍ୟୁବ୍ ଚ୍ୟାନେଲକୁ ଭାରତରେ ପ୍ରସାରଣ ଉପରେ ବ୍ୟାନ୍ ଲଗାଯାଇଛି । ପାକିସ୍ତାନର ଅଭିନେତା ଅଲ୍ଲୀ ଜାଫର ଓ ଅଭିନେତ୍ରୀ ମାହିରା ଖାନ୍‌ଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଛି ।

ସେହିଭଳି ୧୬ଟି ଲୋକପ୍ରିୟ ପାକିସ୍ତାନ ୟୁଟ୍ୟୁବ୍ ଚ୍ୟାନେଲକୁ ମଧ୍ୟ ବ୍ଲକ୍ କରାଯାଇଛି । ଏତଦ୍‌ବ୍ୟତୀତ ପାକିସ୍ତାନର କୌଣସି ଅଭିନେତା ଓ ଅଭିନେତ୍ରୀ ଭାରତୀୟ ଚଳଚ୍ଚିତ୍ର ଜଗତରେ କାମ କରିପାରିବେ ନାହିଁ ବୋଲି ପ୍ରତିବନ୍ଧକ ଲଗାଯାଇଛି । ନିକଟରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ଭାରତୀୟ ଓ ବିଦେଶୀ ନାଗରିକ ମୃତ୍ୟୁବରଣ କରିଥିଲେ । ସେହିଭଳି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଆତଙ୍କବାଦୀଙ୍କ ଠାରୁ ବନ୍ଧୁକ ଛଡ଼ାଇବାବେଳେ ମୃତ୍ୟୁବରଣ କରିଥିଲେ ।

ଏଭଳି ଏକ ଅମାନବୀୟ ଘୃଣ୍ୟ କାଣ୍ଡରେ ପାକିସ୍ତାନ ସେନା ସାମିଲ ଥିବା ସୂଚନା ମିଳିବା ପରେ ସବୁସ୍ତରରେ ପାକିସ୍ତାନକୁ ଚେକ୍ ଦେବାପାଇଁ ଭାରତ କାର୍ଯ୍ୟକ୍ରମ ଜାରି ରଖିଛି । ସବୁ ମହଲରୁ ପାକିସ୍ତାନର ଏଭଳି କାମକୁ କଡ଼ା ଭାଷାରେ ନିନ୍ଦା କରାଯାଉଛି ।

# ପାକିସ୍ତାନରେ ଯୁଦ୍ଧର କାଉଣ୍ଟଡାଉନ୍




ନୂଆଦିଲ୍ଲୀ: ପାକିସ୍ତାନରେ ଭୟର ବାତାବରଣ । ଭାରତର ଆକ୍ସନ କଣ ହେବ ସେନେଇ ସମସ୍ତଙ୍କ ମନରେ ଛନକା ପଶିଛି । କାରଣ ପହଲଗାମ୍ ଆତଙ୍କୀ ହମଲାର ବଦଲା କେତେବେଳେ ବି ନେଇଯିବ ଭାରତ । ପହଲଗାମ୍ ଆତଙ୍କୀ ଆକ୍ରମଣରେ ପାକ୍ ସେନାର ସମ୍ପୃକ୍ତି ଥିବା ଜଣାପଡିବା ପରେ ଭାରତ ପାକିସ୍ତାନକୁ ପାନେ ଦେବାକୁ ଗୋଡ ଟେକି ବସିଛି । ତେଣୁ ବିରାଟ ପ୍ରସ୍ତୁତିରେ ଲାଗିଛି । ପ୍ରଧାନମନ୍ତ୍ରୀ ମୋଦୀ ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରିବା ପରେ ପାକିସ୍ତାନର ନେତା, ସେନା କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଜନତା ମଧ୍ୟ ଭୟଭୀତ ଅଛନ୍ତି । କାରଣ ଭାରତ କେମିତି ନେବ ଆକ୍ସନ, ଆତଙ୍କୀଙ୍କୁ ମାରିବାକୁ ପାକିସ୍ତାନ ଉପରେ ପ୍ରହାର କେତେ ବଡ ହେବ ସେନେଇ ସମସ୍ତେ ଭୟଭୀତ ଅଛନ୍ତି ।

ଆଉ ଏତିକି ବେଳେ ପାକିସ୍ତାନରେ ଦେଖାଦେଇଛି ହଲଚଲ । ଦିଲ୍ଲୀରେ କିଛି ଟିକେ ବୈଠକ ହେଲେ ଡରୁଛି ଇସଲାମାବାଦ । ଭାରତରେ ଘନଘନ ବୈଠକ ପାକିସ୍ତାନରେ ଗୋଟେ ପ୍ରକାରର ଭୟ ଆତଙ୍କର ପରିବେଶ ସୃଷ୍ଟି କରିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

କୁହାଯାଉଛି ଯୁଦ୍ଧ ଆଶଙ୍କା ନେଇ ଭାରତର ଆକ୍ସନ ପରେ ପାକିସ୍ତାନର ନୌସେନା ସଜାଗ ରହିଛି । ସମୁଦ୍ର ପଥରେ ହଲଚଲ ଆରମ୍ଭ ହୋଇଛି ଆଉ ବିଭିନ୍ନ ସ୍ଥାନରେ ଯୁଦ୍ଧଜାହାଜରୁ ଗତିଶୀଳ କରାଯାଇଛି । ଭାରତର କୌଣସିବି ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରସ୍ତୁତ ରହିଛି ପାକ୍ ନୌସେନା ।

ଖାଲି ନୌସେନା ନୁହେଁ ଆକାଶ ପଥରେ ବି ବିମାନ ଚଳାଚଳକୁ ୫୦ ପ୍ରତିଶତ କମାଇଦେଇଛି ପାକିସ୍ତାନ । ଆକାଶ ପଥରେ ଯେମିତି କୌଣସି ଭ୍ରମ ବା ଦ୍ୱନ୍ଦ୍ୱ ସୃଷ୍ଟି ନହୁଏ ସେନେଇ ବାୟୁସେନାକୁ ସତର୍କ କରାଇଛି । ଗତକାଲି ସୀମାରେ ରାଡାର ମୁତୟନ କରିବା ଏବଂ ଏଲଓସିରେ ପାକ୍ ସେନା ବାରମ୍ବାର ଗୁଳିମାଡ କରିବା ଭୟକୁ ହିଁ ଦର୍ଶାଉଛି ।

ଖାଲି କଣ ସେତିକି ପରମାଣୁ ଧମକ ଦେବା, ଏବଂ ପାକିସ୍ତାନର ଆର୍ମି ମୁଖ୍ୟ ତାଙ୍କ ପରିବାରକୁ ବିଦେଶକୁ ପଠାଇଦେବା ସହ ପାକିସ୍ତାନ ସେନାର ଅଧିକାଂଶ ସୈନିକ ଚାକିରି ଛାଡିବା ଭାରତ ପ୍ରତି ଭୟ ହିଁ ଦର୍ଶାଉଛି । ପାକିସ୍ତାନର ବଡ ବଡ ନେତା କୁହନ୍ତୁ କି ଅନେକ ଆର୍ମି ଅଫିସର ପାକିସ୍ତାନ ଛାଡି ପଳାଇବା ହିଁ ଭାରତ ପ୍ରତି ଭୟ ବୋଲି ସ୍ପଷ୍ଟ ଜଣା ପଡୁଛି ।

ସେପଟେ ପାକିସ୍ତାନ ଆଖିକୁ ଆସୁନି ନିଦ । ରାତିରେ ଶାନ୍ତିରେ ଶୋଇପାରୁନି ପାକିସ୍ତାନ କି ଶୋଇପାରୁ ନାହାନ୍ତି ପାକ୍ ସେନା । କାରଣ ପୂରା ଦେଶକୁ ଘାରିଛି ଯୁଦ୍ଧ ଭୟ । ଆତଙ୍କବାଦୀଙ୍କୁ ପୋଷିଥିବା ଦେଶ ବିରୋଧରେ ଯେକୌଣସି ସମୟରେ ବଡ ଆକ୍ସନ ନେଇପାରେ ଭାରତ ଆଉ ପାକିସ୍ତାନକୁ ତା କଲା କର୍ମର ଫଳ ଦେଇପାରେ । ପହଲଗାମ୍ ହମଲା ପରେ ରକ୍ତର ଜବାବ ରକ୍ତରେ ଦେବାକୁ ନିଷ୍ପତ୍ତି ନେଇଥିବା ଭାରତ ଏବେ ଆକ୍ସନ ମୁଡରେ ଥିବାରୁ ଭୟ ଆତଙ୍କରେ ବଞ୍ଚୁଛି ପାକିସ୍ତାନ । କାରଣ ଯେବେ ଯେବେ ଆତଙ୍କୀ ଭାରତରେ ମହାଭାରତ ସୃଷ୍ଟି କରିଛନ୍ତି ତାର ପରିଣତି ଏୟାର ଷ୍ଟ୍ରାଇକ୍ କିମ୍ବା ସର୍ଜିକାଲ ଷ୍ଟ୍ରାଇକରେ ହିଁ ସରିଛି । ଯଦି ଇତିହାସ ପୃଷ୍ଠାକୁ ଓଲଟାଯାଏ ତେବେ ୨୦୧୬ ସେପ୍ଟେମ୍ବର ୧୮ ତାରିଖରେ ଉରୀରେ ଆକ୍ରମଣ ହୋଇଥିଲା ଆଉ ତାର ବଦଲା ନେଇଥିଲା ଭାରତ । ଆକ୍ରମଣର ଠିକ୍ ୧୦ ଦିନ ଭିତରେ ହିଁ ଆକ୍ସନ ନେଇଥିଲା ଆଉ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା ।

ସେହିପରି ୨୦୧୯ ଫେବୃୟାରୀ ୧୪ରେ ପୁଲଓ୍ୱାଲାରେ ଆତଙ୍କୀ ହମଲା ହୋଇଥିଲା । ଯେଉଁଥିରେ ୪୦ରୁ ଅଧିକ ଯବାନ ସହିଦ ହୋଇଥିଲେ ଆଉ ଏହି ବଳିଦାନର ବଦଲା ନେଇଥିଲା ଭାରତ । ଆକ୍ରମଣର ୧୨ ଦିନ ଭିତରେ ହିଁ ଜବାବ ଦେଇଥିଲା ଭାରତ । ଆକାଶ ମାର୍ଗରୁ ଏୟାର ଷ୍ଟ୍ରାଇକ୍ କରି ଆତଙ୍କୀଙ୍କ ସହ ଶିବିର ଧ୍ୱଂସ କରିଥିଲା ।

## ଜାତୀୟ ସୁରକ୍ଷା ଉପଦେଷ୍ଟା ବୋର୍ଡର ପୁନର୍ଗଠନ

ନୂଆଦିଲ୍ଲୀ : ପହଲଗାମ୍ ଆକ୍ରମଣ ପରେ ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ (ଏନ୍‌ଏସ୍‌ଏବି)କୁ ପୁନର୍ଗଠନ କରାଯାଇଛି । ପୂର୍ବତନ ର' ମୁଖ୍ୟ ଆଲୋକ ଯୋଶୀଙ୍କୁ ଏହାର ମୁଖ୍ୟ କରାଯାଇଛି । ଏନ୍‌ଏସ୍‌ଏବିରେ ଏବେ ୬ ସଦସ୍ୟ ରହିବେ । ସେଥିରେ ୩ ଜଣଙ୍କର ସେନା ଭିତ୍ତିଭୂମି ଥିବାବେଳେ ଦୁଇଜଣ ଆଇପିଏସ୍ ଅଫିସର ଓ ଜଣେ ଭାରତୀୟ ବିଦେଶ ସେବାର ଅଧିକାରୀ ରହିବେ । ସେନା ଭିତ୍ତିଭୂମି ଥିବା ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ଦକ୍ଷିଣାଞ୍ଚଳ ଆର୍ମି କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଏକେ ସିଂହ, ପୂର୍ବତନ ପଶ୍ଚିମାଞ୍ଚଳ ଏୟାର କମାଣ୍ଡର, ଏୟାର ମାର୍ସଲ, ପିଏମ୍ ସିହ୍ନା ଓ ଆଡ୍‌ମିରାଲ ମଣ୍ଟି ଖାନ୍ନାଙ୍କୁ ନିଯୁକ୍ତି ଦିଆଯାଇଛି । ଅବସରପ୍ରାପ୍ତ ଆଇପିଏସ୍ ଅଫିସର ରାଜୀବ ରଞ୍ଜନ ବର୍ମା, ମନମୋହନ ସିଂହ ଓ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସର ଭି. ଭେଙ୍କଟେସ୍ ଶର୍ମାଙ୍କୁ ବୋର୍ଡର ସଦସ୍ୟ କରାଯାଇଛି । ୧୯୯୮ ଡିସେମ୍ବରରେ ଏନ୍‌ଏସ୍‌ଏବିର ପ୍ରଥମେ ଗଠନ କରାଯାଇଥିଲା । ଏନ୍‌ଏସ୍‌ଏବି ଜାତୀୟ ସୁରକ୍ଷା ପ୍ରସଙ୍ଗରେ ଦୀର୍ଘମିଆଦି ବିଶ୍ଳେଷଣ କରିଥାଏ । ୨୦୧୮ରେ ଏହି ବୋର୍ଡର ଶେଷ ଥର ଲାଗି ପୁନର୍ଗଠନ ହୋଇଥିଲା ।

## ହୋଟେଲରେ ଅଗ୍ନିକାଣ୍ଡ ୧୪ ମୃତ, ଏକାଧିକ ଗୁରୁତର

କୋଲକାତା: ପଶ୍ଚିମବଙ୍ଗ ରାଜଧାନୀ କୋଲକତାର ଏକ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ । ଅଗ୍ନିକାଣ୍ଡରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏକାଧିକ ଗୁରୁତର ହୋଇଥିବା ସୂଚନା ରହିଛି । ଅନେକ ଲୋକ ହୋଟେଲ୍ ଭିତରେ ଫସିଥିବା ଆଶଙ୍କା ଥିବାବେଳେ ଘଟଣାସ୍ଥଳରେ ରେସ୍କ୍ୟୁ ଅପରେସନ୍ ଜାରି ରହିଛି । ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାର କାରଣ ଅସ୍ପଷ୍ଟ ରହିଛି ।

ଖବର ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ବାରା ବଜାର ଅଞ୍ଚଳର ମାଛୁଆ ଫାଲ ମଣ୍ଡି ନିକଟରେ ଥିବା ଋତୁରାଜ ହୋଟେଲରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡ ପରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ କସରତ ପରେ ନିଆଁକୁ ଆୟତ୍ତ କରିଥିଲା । ଓଡ଼ିଶାର ଜଗତସିଂହପୁର ଜିଲ୍ଲାରୁ ୩ ଜଣ ବ୍ୟକ୍ତି ଯଥା- ଦୁଷ୍ମନ୍ତ କୁମାର ନାୟକ, ମନୋଜ କୁମାର ପାତ୍ର ଓ ଦୁଷ୍ମନ୍ତ କୁମାର ସ୍ୱାଇଁ ଦିନକ ଆଗରୁ କୋଲକାତା ସ୍ଥିତ ବଡ଼ବଜାର ଅଞ୍ଚଳର ଋତୁରାଜ ହୋଟେଲ୍‌ରେ ବିଶ୍ରାମ ନେଇଥିଲେ । ଭୟଙ୍କର ଅଗ୍ନିକାଣ୍ଡରେ ହୋଟେଲ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଏହି ତିନିଜଣ ଓଡ଼ିଆ କିମ୍ବା ତା'ଠାରୁ ଅଧିକ ଓଡ଼ିଆ ଲୋକ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ତେବେ ସେମାନଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ମିଳିନାହିଁ ।

ଘଟଣାସ୍ଥଳରେ କୋଲକାତା ପୋଲିସ କମିଶନର ମନୋଜ କୁମାର ବର୍ମା ଅଗ୍ନିକାଣ୍ଡ ଘଟଣାରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଅଗ୍ନିକାଣ୍ଡରେ ବର୍ତ୍ତମାନ ସୁଦ୍ଧା ୧୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ନିଆଁକୁ ନିୟନ୍ତ୍ରଣ କରାଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ନିଆଁ କିପରି ଲାଗିଲା ତାହା ଜଣାପଡିନଥିବା ବେଳେ କାରଣ ଯାଣିବାକୁ ଅଧିକ ତଦନ୍ତ ଚାଲିଛି । ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଦଳ ମଧ୍ୟ ଗଠନ କରାଯାଇଛି ।

## ଆକାଶ ଆନନ୍ଦଙ୍କୁ ବଡ଼ ଦାୟିତ୍ୱ ଦେବେ ମାୟାବତୀ



ଲକ୍ଷ୍ନୌ: ବିଏସପି ମୁଖ୍ୟ ମାୟାବତୀ ନିଜ ଢଙ୍ଗରେ ରାଜନୀତି କରିଥାନ୍ତି । ମାୟାବତୀ ନିଜ ଇଚ୍ଛାର ମାଲିକ ଏବଂ ସେହି ଅନୁସାରେ ବିଏସପିକୁ ଚଳାନ୍ତି । କେବେ କାହାକୁ ବିଏସପିରୁ ବହିଷ୍କାର କରିବେ ଏବଂ କେବେ ସେମାନଙ୍କୁ ଫେରାଇ ଆଣି ସର୍ବାଧିକ ଗୁରୁତ୍ୱ ଦେବେ ତାହା ମାୟାବତୀ ନିଜେ ନିଷ୍ପତ୍ତି ନିଅନ୍ତି ।

ଆକାଶ ଆନନ୍ଦଙ୍କ କ୍ଷେତ୍ରରେ ମାୟାବତୀ ପ୍ରଥମେ ତାଙ୍କୁ ହାତୀରୁ ଓହ୍ଲାଇ ଦେଇ ଚାଲିବାକୁ ଦେଇଥିଲେ ଏବଂ ତା'ପରେ ତାଙ୍କୁ ଫେରାଇ ନେଇ ସ୍ପଷ୍ଟ କରିଥିଲେ ଯେ, ଆକାଶ ଆନନ୍ଦଙ୍କ ବିରୁଦ୍ଧରେ କୌଣସି ଅନାବଶ୍ୟକ କଥାବାର୍ତ୍ତାକୁ ବରଦାସ୍ତ କରାଯିବ ନାହିଁ । ଆକାଶ ଆନନ୍ଦଙ୍କୁ ଉତ୍ସାହିତ କରିବା ପାଇଁ ବିଏସପି କ୍ୟାଡରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମାୟାବତୀଙ୍କ ପରିବର୍ତ୍ତିତ ମନୋଭାବରୁ ଏହା ସ୍ପଷ୍ଟ ଯେ, ଆକାଶ ଆନନ୍ଦ ପୁଣି ଥରେ ବିଏସପିରେ ରାଜନୈତିକ ଉଡ଼ାଣ କରିବେ କିନ୍ତୁ ଏଥର ମାୟାବତୀ ତାଙ୍କୁ ନିଜ ସୁରକ୍ଷାରେ ରଖିବେ ।

ମାୟାବତୀ ଆକାଶ ଆନନ୍ଦଙ୍କୁ ତାଙ୍କ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କ ଦଳରୁ ବହିଷ୍କାର କରିଥିଲେ । କିନ୍ତୁ ଆମ୍ବେଦକର ଜୟନ୍ତୀର ଗୋଟିଏ ଦିନ ପୂର୍ବରୁ, ଆକାଶ ବିଏସପି ମୁଖ୍ୟ ମାୟାବତୀଙ୍କୁ ସାର୍ବଜନୀନ ଭାବରେ କ୍ଷମା ମାଗିଥିଲେ ଏବଂ ତାଙ୍କୁ ଦଳକୁ ଫେରାଇ ନେବାକୁ ଅପିଲ୍ କରିଥିଲେ । କ୍ଷମା ମାଗିବାର ମାତ୍ର ଅଢ଼େଇ ଘଣ୍ଟା ପରେ, ମାୟାବତୀ ଆକାଶ ଆନନ୍ଦଙ୍କୁ କ୍ଷମା କରି ବିଏସପିକୁ ଫେରିବା ଘୋଷଣା କରିଥିଲେ କିନ୍ତୁ ତାଙ୍କୁ କୌଣସି ପଦବୀ ଦେଇ ନଥିଲେ ।

ଗତ ଦୁଇ ଦିନ ମଧ୍ୟରେ ମାୟାବତୀ ଯେପରି ଆକାଶ ଆନନ୍ଦଙ୍କ ବିଷୟରେ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି ଏବଂ ଦଳୀୟ ନେତାମାନଙ୍କୁ ତାଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେବାକୁ ବାରଣ କରିଛନ୍ତି, ସେଥିରୁ ସ୍ପଷ୍ଟ ଯେ, ମାୟାବତୀ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଫେରାଇ ଆଣିବାକୁ ଚାହୁଁଛନ୍ତି । ଅନୁମାନ କରାଯାଉଛି ଯେ, ଖୁବ୍ ଶୀଘ୍ର ମାୟାବତୀ ପୁଣି ଥରେ ଆକାଶ ଆନନ୍ଦଙ୍କୁ ଏକ ବଡ଼ ଦାୟିତ୍ୱ ଦେଇପାରନ୍ତି । ସମଗ୍ର ଦଳର ଭବିଷ୍ୟତ ଆକାଶଙ୍କ ତୃତୀୟ ଗୃହପ୍ରବର୍ତ୍ତନ ଉପରେ ନିର୍ଭର କରେ ।

ଏହି କାରଣରୁ ସେ କହିଥିଲେ ଯେ, ଆକାଶ ଆନନ୍ଦଙ୍କୁ ଉତ୍ସାହିତ କରିବା ଉଚିତ । ଏପରି ପରିସ୍ଥିତିରେ ସମସ୍ତଙ୍କ ନଜର ଆକାଶଙ୍କ ଭୂମିକା କ'ଣ ହେବ ତାହା ଉପରେ ନିର୍ଭର କରୁଛି ।

ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଏଥର ମାୟାବତୀ ଆକାଶ ଆନନ୍ଦଙ୍କୁ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ତାଙ୍କୁ ରାଜନୀତିର କୌଶଳ ଶିଖାଇବେ । ମାୟାବତୀ ଯେପରି ଅଶୋକ ସିଦ୍ଧାର୍ଥଙ୍କୁ ଆକାଶଙ୍କ କ୍ୟାରିୟର ନଷ୍ଟ କରିବାର ଅଭିଯୋଗ କରିଥିଲେ, ସେଥିପାଇଁ ଏବେ ସେ ଆକାଶଙ୍କୁ ଅନ୍ୟ କୌଣସି ଦଳର ନେତାଙ୍କ ସହିତ ରଖିବା ପରିବର୍ତ୍ତେ ନିଜ ସୁରକ୍ଷାରେ ରଖିବେ ।

ମାୟାବତୀ ଆକାଶଙ୍କୁ ତାଙ୍କ ପିଲାଦିନରୁ ବିଏସପିରେ ତାଙ୍କର ଉତ୍ତରାଧିକାରୀ ଭାବରେ ପ୍ରସ୍ତୁତ ଏବଂ ସଜାଇଛନ୍ତି । ଏପରି ପରିସ୍ଥିତିରେ, ଆମେ ଅନ୍ୟ ଜଣେ ନେତାଙ୍କୁ ବିଶ୍ୱାସ କରିବାକୁ ଚେଷ୍ଟା କରିଛୁ ଏବଂ ଏବେ ଆମେ ତାଙ୍କୁ ଆମର ନିଜ ନଜରରେ ରଖିବୁ ।

ମାୟାବତୀ ତାଙ୍କ ପୁତୁରାଙ୍କ ବିଷୟରେ କହିଥିଲେ ଯେ, ଆକାଶ ଆନନ୍ଦଙ୍କ କ୍ଷେତ୍ରରେ, ବିଶେଷକରି ବହୁଜନ ସମାଜର କିଛି ସ୍ୱାର୍ଥପର ଏବଂ ବିକ୍ରୟ ଲୋକ, ଯେଉଁମାନେ ଦଳର ଭୋଟକୁ ବିଭାଜିତ ଏବଂ ଦୁର୍ବଳ କରିବା ପାଇଁ ନିଜର ଅନେକ ଦଳ ଏବଂ ସଂଗଠନ ଗଠନ କରିଛନ୍ତି, ସେମାନେ ପ୍ରତିଦିନ ଗଣମାଧ୍ୟମରେ ଏହି ବିଷୟରେ ମିଥ୍ୟା ପ୍ରଚାର କରିଚାଲିଛନ୍ତି ।

ଦଳୀୟ ସଦସ୍ୟମାନେ ଏପରି ସୁବିଧାବାଦୀ ଏବଂ ସ୍ୱାର୍ଥପର ତତ୍ତ୍ୱମାନଙ୍କ ପ୍ରତି ସତର୍କ ରହିବା ଉଚିତ୍ ଏବଂ ଆକାଶଙ୍କୁ ଏବେ ଉତ୍ସାହିତ କରିବା ଉଚିତ୍ । ଯାହା ଦ୍ୱାରା ସେ ସମ୍ପୂର୍ଣ୍ଣ ହୃଦୟ ଏବଂ ଆତ୍ମା ସହିତ ଦଳୀୟ କାର୍ଯ୍ୟରେ ସାମିଲ ହୋଇପାରିବେ । ସେହିପରି, ଦଳକୁ ପୁନର୍ବାର ନିଆଯାଇଥିବା ଅନ୍ୟ ସମସ୍ତ ଲୋକଙ୍କୁ ମଧ୍ୟ ପୂର୍ଣ୍ଣ ସମ୍ମାନ ଦିଆଯିବା ଉଚିତ୍ । ଯାହା ଦଳର ସ୍ୱାର୍ଥ ପାଇଁ ହିତକର ହେବ । ଏହିପରି ଭାବରେ, ମାୟାବତୀ ବିଏସପିରେ ଆକାଶ ଆନନ୍ଦଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେବାର ବାର୍ତ୍ତା ଦେଇଛନ୍ତି ।

## ମଦର ଡାଏରୀ ପରେ ଅମୁଲ ବଢାଇଲା କ୍ଷୀର ମୂଲ୍ୟ

ନୂଆଦିଲ୍ଲୀ: ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ । ମଦର ଡାଏରୀ ପରେ ଏବେ ଅମୁଲ କ୍ଷୀର ମୂଲ୍ୟ ୨ ଟଙ୍କା ବୃଦ୍ଧି କରିଛି । ନୂତନ ଦର ଆସନ୍ତାକାଲି ମେ ୧ରୁ ଲାଗୁ ହେବ । ଏହା ପୂର୍ବରୁ ମଙ୍ଗଳବାର ରାତିରେ ମଦର ଡାଏରୀ ମଧ୍ୟ କ୍ଷୀର ମୂଲ୍ୟ ୨ ଟଙ୍କା ବୃଦ୍ଧି କରିଥିଲା । ନୂଆ ମୂଲ୍ୟ ବୃଦ୍ଧି ଅମୁଲ ଷ୍ଟାଣ୍ଡର୍ଡ, ଅମୁଲ ଗୋଲ୍ଡ, ଅମୁଲ ସ୍ଲିମ୍ ଏନ୍ ଟ୍ରିମ୍, ଅମୁଲ ଚାୟ ମାଜା, ଅମୁଲ ତାଜା ଓ ଅମୁଲ ଗାଈ କ୍ଷୀର ଉପରେ ଲାଗୁ ହେବ । ଲୋକପ୍ରିୟ ଡାଏରୀ ବ୍ରାଣ୍ଡ ଅମୁଲର ମାଲିକାନା ରଖୁଥିବା ଗୁଜରାଟ ସହକାରୀ ଦୁଗ୍ଧ ବିପଣନ ମହାସଂଘ କହିଛି ଯେ ୨ ଟଙ୍କା ବୃଦ୍ଧି ତିନି-ଚାରି ପ୍ରତିଶତ ବଢିବା ସହ ସମାନ ।




ଦିଲ୍ଲୀ-ଏନସିଆରରେ ମଦର ଡାଏରୀ ଟୋଣ୍ଡ (ବଲ୍କ ଭେଣ୍ଡ) କ୍ଷୀରର ମୂଲ୍ୟ ପ୍ରତି ଲିଟର ୫୪ ଟଙ୍କାରୁ ବୃଦ୍ଧି ପାଇ ୫୬ ଟଙ୍କା ହୋଇଛି । ଫୁଲ୍ କ୍ରିମ୍ କ୍ଷୀରର ମୂଲ୍ୟ ପ୍ରତି ଲିଟର ୬୮ ଟଙ୍କାରୁ ୬୯ ଟଙ୍କାକୁ ବୃଦ୍ଧି ପାଇଛି । ଏହା ସହିତ, ଟୋଣ୍ଡ କ୍ଷୀର (ପାଉଚ୍)ର ମୂଲ୍ୟ ପ୍ରତି ଲିଟର ୫୬ ଟଙ୍କାରୁ ୫୭ ଟଙ୍କାକୁ ବୃଦ୍ଧି କରାଯାଇଛି । ଡବଲ୍ ଟୋଣ୍ଡ କ୍ଷୀରର ମୂଲ୍ୟ ପ୍ରତି ଲିଟର ୪୯ ଟଙ୍କାରୁ ୫୧ ଟଙ୍କାକୁ ବୃଦ୍ଧି କରାଯାଇଛି । ଗାଈ କ୍ଷୀରର ମୂଲ୍ୟ ପ୍ରତି ଲିଟର ୫୭ ଟଙ୍କାରୁ ୫୯ ଟଙ୍କାକୁ ବୃଦ୍ଧି କରାଯାଇଛି ।

ମଦର ଡାଏରୀ ଅଧିକାରୀ କହିଛନ୍ତି ଯେ କ୍ଷୀର କ୍ରୟ ମୂଲ୍ୟ ଲଗାତାର ବୃଦ୍ଧି ପାଉଛି । ଗତ କିଛି ମାସ ମଧ୍ୟରେ ପ୍ରତି ଲିଟର ପିଛା ମୂଲ୍ୟ ୪-୫ ଟଙ୍କା ବୃଦ୍ଧି ପାଇଛି । ମଦର ଡାଏରୀ ଦିଲ୍ଲୀ-ଏନସିଆର ବଜାରରେ ଦୈନିକ ପ୍ରାୟ ୩୫ ଲକ୍ଷ ଲିଟର କ୍ଷୀର ନିଜସ୍ୱ ଆଉଟ୍‌ଲେଟ୍, ସାଧାରଣ ବାଣିଜ୍ୟ ଏବଂ ଇ-କମର୍ସ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିକ୍ରି କରେ । ସେ କହିଛନ୍ତି ଯେ ଆମେ ଆମ ଚାଷୀଙ୍କ ଆଜୀବିକାକୁ ସମର୍ଥନ କରିବା ସହିତ ଗ୍ରାହକମାନଙ୍କୁ ଗୁଣାତ୍ମକ କ୍ଷୀରର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ।

## ପହଲଗାମର କିଭଳି ପ୍ରତିଶୋଧ ଚାହୁଁଛନ୍ତି ବିରୋଧୀ ଦଳ



ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶରେ କ୍ରୋଧର ବାତାବରଣ ରହିଛି । ଆତଙ୍କବାଦୀମାନେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କୁ ନିର୍ମମ ଭାବରେ ଗୁଳି କରି ହତ୍ୟା କରିଥିଲେ, ଯାହା ପରେ ଆତଙ୍କବାଦୀ ଏବଂ ସେମାନଙ୍କ ଆଶ୍ରୟଦାତା ପାକିସ୍ତାନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଲଗାତାର ଦାବି ହୋଇଆସୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଅମିତ ଶାହଙ୍କ ପର୍ଯ୍ୟନ୍ତ, ସମସ୍ତେ ଆତଙ୍କବାଦୀଙ୍କୁ ନିପାତ କରିବା ବିଷୟରେ କଥା ହୋଇଛନ୍ତି । ପାକିସ୍ତାନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତି ଚାଲିଛି ।

ସମସ୍ତ ରାଜନୈତିକ ଦଳ ପହଲଗାମ ଆକ୍ରମଣକୁ ସର୍ବସମ୍ମତିକ୍ରମେ ନିନ୍ଦା କରିଛନ୍ତି ଏବଂ ମୋଦୀ ସରକାରଙ୍କୁ ନିଃସର୍ତ୍ତ ସମର୍ଥନ ଘୋଷଣା କରିଛନ୍ତି, କିନ୍ତୁ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ଉପରେ ରାଜନୈତିକ ବିତର୍କ ଜାରି ରହିଛି । ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ, ବିଜେପି ଏବଂ ବିରୋଧୀ ଦଳଗୁଡ଼ିକ, ବିଶେଷକରି କଂଗ୍ରେସ, ଏସପି ଏବଂ ବିଏସପି ତଥା ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ପାକିସ୍ତାନକୁ ଶିକ୍ଷା ଦେବା ପାଇଁ କି ପ୍ରକାରର ପ୍ରତିଶୋଧ ନେବାକୁ ଚାହୁଁଛନ୍ତି?

ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ତିନୋଟି ମାରାଥନ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ ତିନି ସେନା ମୁଖ୍ୟ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଏକ ବୈଠକ କରିଥିଲେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେନାକୁ ସ୍ୱାଧିନତା ଦେବା ବିଷୟରେ କଥା ହୋଇଥିଲେ । ଏହା ମଧ୍ୟ କୁହାଯାଇଥିଲା ଯେ, ଆତଙ୍କବାଦୀଙ୍କ ବିରୁଦ୍ଧରେ କେବେ, କେଉଁଠି ଏବଂ କିପରି କାର୍ଯ୍ୟାନୁଷ୍ଠାନ ନିଆଯିବ ତାହାର ସମ୍ପୂର୍ଣ୍ଣ ଯୋଜନା ସୁରକ୍ଷା ବାହିନୀ ନିଷ୍ପତ୍ତି ନେବେ । ଏହା ପରେ, ପ୍ରଧାନମନ୍ତ୍ରୀ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ସହ ଦେଢ଼ ଘଣ୍ଟା ଆଲୋଚନା କରିଥିଲେ ।

ବୁଧବାର ଦିନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ସିସିଏସ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏହା ପରେ ସିସିପିଏ (ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି)ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାରତ ଆତଙ୍କବାଦୀ ଏବଂ ତାଙ୍କ ମାଲିକମାନଙ୍କୁ ଧ୍ୱଂସ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ।

କେନ୍ଦ୍ରର ମୋଦୀ ସରକାର ଏବେ ପୂର୍ଣ୍ଣ ସକ୍ରିୟ ଥିବାର ଦେଖାଯାଉଛି । ପାକିସ୍ତାନ ଏବଂ ଆତଙ୍କବାଦ ବିରୋଧରେ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି । ଭାରତରେ ଚାଲିଥିବା ଏହି ଉଚ୍ଚସ୍ତରୀୟ ବୈଠକ ଏବଂ ସେନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାଧିନତା ଦେବାର ଘୋଷଣା ପାକିସ୍ତାନର ହୃଦସ୍ପନ୍ଦନକୁ ବୃଦ୍ଧି କରିଛି । ସରକାରଙ୍କ ମତ ସ୍ପଷ୍ଟ ଯେ, ଆତଙ୍କବାଦୀ ଏବଂ ସେମାନଙ୍କ ମାଲିକମାନଙ୍କୁ ଛଡ଼ାଯିବ ନାହିଁ ।

ପହଲଗାମ ଆକ୍ରମଣ ପରଠାରୁ କଂଗ୍ରେସ ମୋଦୀ ସରକାରଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି । ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ମୋଦୀ ସରକାରଙ୍କୁ ସର୍ତ୍ତମୂଳକ ସମର୍ଥନ ଘୋଷଣା କରିଛନ୍ତି । ଆତଙ୍କବାଦ ଏବଂ ପାକିସ୍ତାନ ବିରୋଧରେ ମୋଦୀ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପ ସହିତ ଅଛି ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକତା ଏବଂ ସହଯୋଗର ବାର୍ତ୍ତା ଦେଇଛନ୍ତି । ଏହି ସଙ୍କଟ ସମୟରେ କେନ୍ଦ୍ର ସରକାରଙ୍କୁ ସେ ପୂର୍ଣ୍ଣ ସମର୍ଥନ ଘୋଷଣା କରିଛନ୍ତି । ରାହୁଲ ଗାନ୍ଧୀ ମଧ୍ୟ ସମାନ କଥା ଦୋହରାଇଛନ୍ତି ଏବଂ ମୋଦୀ ସରକାରଙ୍କ ସହିତ ଠିଆ ହେବାକୁ ଘୋଷଣା କରିଛନ୍ତି ।

କଂଗ୍ରେସ କହିଛି ଯେ, ଦେଶର ଏକତା ଏବଂ ସୁରକ୍ଷା ସର୍ବୋପରି । ଦେଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଧର୍ମ, ଭାଷା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ପରେ ଆସେ । ଆମକୁ ଏକତ୍ରିତ ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ପଡିବ । ଆତଙ୍କବାଦ ବିରୋଧରେ ଏହି ଲଢ଼େଇରେ କଂଗ୍ରେସ କେନ୍ଦ୍ର ସରକାରଙ୍କ ସହିତ କାନ୍ଧକୁ କାନ୍ଧ ମିଶାଇ ଛିଡ଼ା ହୋଇଛି । କଂଗ୍ରେସ ମୋଦୀ ସରକାରଙ୍କୁ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହୁଛି । କଂଗ୍ରେସ କହୁଛି ଯେ, ଦେଶର ସୁରକ୍ଷା ଏବଂ ଅଖଣ୍ଡତା ପାଇଁ ସମସ୍ତେ ଏକାଠି କାମ କରିବା ଉଚିତ ।

ପହଲଗାମ ଆକ୍ରମଣ ଯୋଗୁ ନ୍ୟାସନାଲ କନଫରେନ୍ସ ପାକିସ୍ତାନ ବିରୋଧରେ କଠୋର ମନୋଭାବ ଗ୍ରହଣ କରିଛି । ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ପହଲଗାମ ଆକ୍ରମଣ ଉପରେ କଶ୍ମୀରର ଯନ୍ତ୍ରଣା ପ୍ରକାଶ କରିଥିଲେ, ତାଙ୍କ ବାପା ଫାରୁକ ଅବଦୁଲ୍ଲା ପାକିସ୍ତାନକୁ ଟାର୍ଗେଟ କରିଥିଲେ । ପାକିସ୍ତାନ ବିରୋଧରେ କଡ଼ା ଚେତାବନୀ ଦେଇ ସେ କହିଛନ୍ତି ଯେ, ଭାରତ ଆଉ ଦୁର୍ବଳ ନୁହେଁ ଏବଂ ଯିଏ ଷଡ଼ଯନ୍ତ୍ର ରଚନା କରିବ ତାକୁ ଉଚିତ୍ ଜବାବ ଦିଆଯିବ ।

## ଲାହୋରରେ ଆତଙ୍କବାଦୀ ହାଫିଜ୍ ସୟିଦର ଗୁପ୍ତ ଠିକଣା

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି । ଏଥିମଧ୍ୟରେ ପାକିସ୍ତାନ ଆତଙ୍କବାଦୀଙ୍କ ସୁରକ୍ଷା ବୃଦ୍ଧି କରାଇଥିବା ଖବର ମିଳିଛି । ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ୍ ସୟିଦର ଗୁପ୍ତ ଠିକଣାର ପର୍ଦ୍ଦାଫାସ ହୋଇଛି । ହାଫିଜ୍ ଲାହୋରରେ ଥିବା ନିଶ୍ଚିତ ହୋଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନରେ ରହୁଥିବା ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ୍ ସୟିଦର ସୁରକ୍ଷା ବୃଦ୍ଧି କରାଯାଇଛି । ପାକିସ୍ତାନ ସେନା ହାଫିଜର ଘରର ସୁରକ୍ଷା ବଢ଼ାଇ ଦେଇଛି ।




ସାଟେଲାଇଟ୍ ଫଟୋ ଓ ଭିଡିଓରେ ହାଫିଜ୍ ସୟିଦର ଘର ଲାହୋରରେ ବୋଲି ଜଣାପଡିଛି । ଏହି ଭିଡିଓରେ ହାଫିଜ୍ ସାମାନ୍ୟ ଲୋକଙ୍କ ଭଳି ବହୁ ଆରାମରେ ରହୁଥିବା ଦେଖିବାକୁ ମିଳିଛି । ଆତଙ୍କବାଦୀ ହାଫିଜ୍ ପାକିସ୍ତାନ ସରକାରଙ୍କ କଡ଼ା ସୁରକ୍ଷା ମଧ୍ୟରେ ଲାହୋରର ଜୋହର ଟାଉନରେ ରହୁଛି । କୁହାଯାଉଛି ଯେ ହାଫିଜର ସୁରକ୍ଷା ତିନୋଟି ସ୍ତରରେ କରାଯାଉଛି । ଏହା ବ୍ୟତୀତ, ହାଫିଜ୍ ର ବ୍ୟକ୍ତିଗତ ସୁରକ୍ଷା କର୍ମୀ ମଧ୍ୟ ୨୪ ଘଣ୍ଟା ସଜାଗ ରହିଛନ୍ତି ।

ହାଫିଜ୍ ସୟିଦର ଗୁପ୍ତ ଠିକଣାର ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଲା ପରେ ଦେଖିବାକୁ ମିଳିଛି ଯେ, ହାଫିଜ୍ ତା' ପରିବାର ସହିତ ଏକ କୋଠାରେ ରହୁଛି । ହାଫିଜର ବ୍ୟକ୍ତିଗତ ପାର୍କ ଏହାର ଠିକ୍ ସାମ୍ନାରେ ଅଛି । ଘର ପରିସରର ଦ୍ୱିତୀୟ କୋଠାରେ ଏକ ମସଜିଦ୍ ଏବଂ ଏକ ମଦ୍ରାସା ଅଛି । ଏହାର ତଳେ ଏକ ବଙ୍କର ରହିଛି । ଏହି ସମ୍ପୂର୍ଣ୍ଣ କମ୍ପ୍ଲେକ୍ସ ୫୦୦୦ ବର୍ଗଫୁଟରୁ ଅଧିକ । କୁହାଯାଉଛି ଯେ ସେ ବହୁ ବର୍ଷ ଧରି ତାଙ୍କ ପରିବାର ସହିତ ଏଠାରେ ରହୁଛି ।

ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦକୁ ଜାତିସଂଘ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରିଛି । କାଶ୍ମୀର ଏବଂ ଭାରତର ଅନ୍ୟାନ୍ୟ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପ ପଛରେ ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ୍ ସୟିଦର ହାତ ରହିଛି ।

### କଳିଙ୍ଗ ସୁପରକପ୍

## ଫାଇନାଲରେ ଏଫ୍‌ସି ଗୋଆ

ଭୁବନେଶ୍ୱର, ୩୦।୪ (ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍‌ର ମହାରୋମାଞ୍ଚ ଜାରି ରହିଛି । ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଫୁଟବଲ୍‌ର ଜ୍ୟାଣ୍ଟ ଭାବେ ପରିଚିତ ମୋହନ ବାଗାନ ସୁପରଜ୍ୟାଣ୍ଟଙ୍କୁ ୩-୧ ଗୋଲ୍‌ରେ ଧରାଶାୟୀ କରି ଏଫ୍‌ସି ଗୋଆ ଫାଇନାଲରେ ପ୍ରବେଶ କରିଛି । ଗୋଆ ପକ୍ଷରୁ ମ୍ୟାଚ୍‌ର ୨୦ତମ ମିନିଟ୍‌ରେ ବ୍ରିସନ ଦୁବେନ ଫର୍ଣ୍ଣାଣ୍ଡିଜ ପ୍ରଥମ ଗୋଲ୍ କରିଥିଲେ । ୨୩ ମିନିଟ୍‌ରେ ମୋହନ ବାଗାନର ସୁହେଲ ଅହମ୍ମଦ ଭଟ୍ଟ ଗୋଲ୍‌ସ୍କୋର କରି ମ୍ୟାଚ୍‌କୁ ୧-୧ରେ ବରାବର କରିଥିଲେ । ପୁଣି ୫୧ତମ ମିନିଟରେ ଗୋଆର ଇକେର ଭାଲେଜୋ ଏବଂ ୫୮ତମ ମିନିଟ୍‌ରେ ବୋର୍ଜା ଗୋଞ୍ଜାଲେଜ ଗୋଲ୍‌ସ୍କୋର କରି ଦଳକୁ ୩-୧ରେ ବିଜୟୀ କରିଥିଲେ । ଜମାଣିଆ ବିଜୟ ସହ ଗୋଆ ଫାଇନାଲ୍‌ରେ ପ୍ରବେଶ କରିଛି । ବୋର୍ଜା ଗୋଞ୍ଜାଲେଜ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## ବିସିସିଆଇକୁ ନୋଟିସ



ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଆଇପିଏଲ୍‌ର ସମସ୍ତ ଟିମ୍ ପ୍ଲେଅଫ୍ ପ୍ରବେଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଥର ଆଇପିଏଲ୍‌ରେ ଏଆଇ ରୋବର୍ଟ ଡଗ୍ ଚମ୍ପକ ବେଶ୍ ଲୋକପ୍ରିୟତା ହାସଲ କରିଛି । ଏହାର ନାମ ଚମ୍ପକ ରଖି ବିସିସିଆଇ ଅଡୁଆରେ ପଡ଼ିଛି । ଛୋଟପିଲାଙ୍କ ପତ୍ରିକା ଚମ୍ପକ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରି ଏହା ଟ୍ରେଡ୍‌ମାର୍କ ନିୟମ ଉଲ୍ଲଂଘନ ବୋଲି ଦର୍ଶାଯାଇଛି । ଏବେ ହାଇକୋର୍ଟ ବିସିସିଆଇକୁ ନୋଟିସ ଜାରି କରିଛନ୍ତି । ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ବିସିସିଆଇକୁ ନିର୍ଦ୍ଦେଶ ଦିଆଯାଇଛି । ବିସିସିଆଇ ରୋବର୍ଟର ନାମକରଣ ପାଇଁ ଫ୍ୟାନ୍ ପୋଲ୍ କରିଥିଲା । ଏଥିରେ 'ଚମ୍ପକ' ନାମକୁ ଦର୍ଶକ ପସନ୍ଦ କରିଥିଲେ । ପଡ଼ିଆରେ ଚମ୍ପକ ଖେଳାଳି ଓ ଦର୍ଶକଙ୍କ ବେଶ୍ ମନୋରଞ୍ଜନ କରୁଛି । ସୁନୀଲ ଗାଭାସ୍କର, ମହେନ୍ଦ୍ର ସିଂ ଧୋନୀ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରି ଖେଳାଳି ଚମ୍ପକ ସହ ମଜା କରୁଥିବା ଦେଖିବାକୁ ମିଳୁଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୯ରେ ହେବ ।

# ଦ୍ୱିତୀୟ ସ୍ଥାନକୁ ଉଠିଲା ପଞ୍ଜାବ

### ଆଇପିଏଲ୍ ମହାସମର

## ଚେପକରେ ଚେନ୍ନାଇ ଚେପା



ଚେନ୍ନାଇ, ୩୦।୪ (ଏଜେନ୍ସି): ଚେନ୍ନାଇ ସୁପରକିଙ୍ଗସ୍ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଆଉ ଏକ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଛି । ପଞ୍ଜାବ କିଙ୍ଗ୍ସ ୪ ୱିକେଟରେ ଚେନ୍ନାଇକୁ ଚିତ୍‌ପଟାଙ୍ଗ କରି ୧୩ ପଏଣ୍ଟ ସହ ଟେବୁଲ୍‌ର ଦ୍ୱିତୀୟ ସ୍ଥାନକୁ ଉଠିଛି । ଏହି ମ୍ୟାଚ୍‌ରେ ଚେନ୍ନାଇ ୧୯.୨ ଓଭରରେ ୧୯୦ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ପଞ୍ଜାବ କିଙ୍ଗସ୍ ୧୯.୪ ଓଭରରେ ୬ ୱିକେଟ୍ ହରାଇ ୧୯୪ ରନ କରିଥିଲା । ଚଳିତ ଆଇପିଏଲ୍‌ରେ ଏହା ପଞ୍ଜାବ କିଙ୍ଗସ୍‌ର ଷଷ୍ଠ ବିଜୟ ।

ଚିପକ୍‌ର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ଚେନ୍ନାଇ । ଶେଖ୍ ରସିଦଙ୍କ ସହ ଆୟୁଶ ମାହାତ୍ରେ ପାଳି ଆରମ୍ଭ କରିଥିଲେ । ମାହାତ୍ରେ ୭ ରନ କରି ଆଉଟ୍ ହେବାରୁ ୨୨ ରନରେ ଦଳ ୨ ୱିକେଟ ହରାଇଥିଲା । ତାଙ୍କ ପୂର୍ବରୁ ଶେଖ୍ ରସିଦ ୧୨ ବଲ୍‌ରୁ ୧୧ ରନ କରିଥିଲେ । ଆଇପିଏଲ୍‌ର ଶେଷ ଭାଗରେ ନଜର ଆସିଛନ୍ତି ସାମ କୁରନ । କୁରନ ୪୭ ବଲ୍‌ରୁ ୯ଟି ଚୌକା ଓ ୪ଟି ଛକା ସହାୟତାରେ ୮୮ ରନ କରି ଦଳୀୟ ସ୍ଥିତିକୁ ସମ୍ମାନଜନକ ସ୍ତରରେ ପହଞ୍ଚାଇଥିଲେ । ରବୀନ୍ଦ୍ର ଜାଡେଜା ପୁଣି ବିଫଳ ହୋଇଛନ୍ତି । ଏହି ଦାମୀ ଖେଳାଳି ୧୨ ବଲ୍‌ରୁ ୧୭ ରନ କରିଥିଲେ । ଦେୱାଲ ବ୍ରେଭିସ୍ ୨୬ ବଲ୍‌ରୁ ୩୨, ଶିବମ୍ ଦୁବେ ୬, ମହେନ୍ଦ୍ର ସିଂ ଧୋନୀ ୪ ବଲ୍‌ରୁ ୧୧, ଦୀପକ ହୁଡା ୨ ରନ କରିଥିଲେ । ମ୍ୟାଚ୍‌ର ଶେଷ ପର୍ଯ୍ୟାୟ ଅତ୍ୟନ୍ତ ରୋମାଞ୍ଚକର ଥିଲା । ମ୍ୟାଚ୍‌ରେ ଗୋଟିଏ ଓଭରରେ ୟୁଜଭେନ୍ଦ୍ର ଚହଲ ହ୍ୟାଟ୍ରିକ୍ ସହ ୪ ୱିକେଟ ଦଖଲ କରିଥିଲେ । ସେ ପ୍ରଥମେ ମହେନ୍ଦ୍ର ସିଂ ଧୋନୀଙ୍କୁ ୧୮.୨ ଓଭରରେ ଆଉଟ କରିଥିଲେ । ପୁଣି ୧୮.୪ ଓଭରରେ ଦୀପକ ହୁଡା, ୧୮.୫ ଓଭର ଅଂଶୁଳ କାମ୍ବୁଜ ଏବଂ ୧୮.୬ ଓଭରରେ ନୁର ଅହମ୍ମଦଙ୍କୁ ଆଉଟ କରି ୟୁଜଭେନ୍ଦ୍ର ଚହଲ ଚହଳ ପକାଇଥିଲେ । ତେଣୁ ଚେନ୍ନାଇ ୧୯.୨ ଓଭରରେ ୧୯୦ ରନ କରି ଅଲଆଉଟ ହୋଇଥିଲା । ବୋଲିଂରେ ପଞ୍ଜାବର ୟୁଜଭେନ୍ଦ୍ର ଚହଲ ୪ଟି, ଅର୍ଶଦୀପ ସିଂ ଓ ମାର୍କୋ ଜନସେନ ୨ଟି କରି, ଅଜମତୁଲ୍ଲା ଓମାରଜାଇ ଏବଂ ହରପ୍ରୀତ ବ୍ରାର୍ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୧୯୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ପଞ୍ଜାବ କିଙ୍ଗସ୍ ଆରମ୍ଭ ଜମାଣିଆ ପ୍ରଦର୍ଶନ ଦେଖାଇଥିଲା । ଓପନର ପ୍ରିୟାଂଶ ଆର୍ଯ୍ୟ ୩୨ ଓ ପ୍ରଭସିମ୍‌ରନ ସିଂହ ୩୬ ବଲ୍‌ରୁ ୫୪ ରନ କରିଥିଲ । ଏହାପରେ ଅଧିନାୟକ ଶ୍ରେୟାସ ଆୟର ଜମାଣିଆ ଅର୍ଦ୍ଧଶତକ ଇନିଂସ ଖେଳିଥିଲେ । ସେ ୩୮ ବଲରୁ ୫ଟି ଚୌକା ଓ ୪ଟି ଛକା ସହାୟତାରେ ୭୦ ରନ କରିଥିଲେ । ନେହାଲ ୱାଧେରା ଓ ଶଶାଙ୍କ ସିଂହ ପାଳିକୁ ଆଗେଇ ନେଇଥିଲେ । ୱାଧେରା ୫ ରନ କରି ପାଭିଲିଅନ ଫେରିଥିଲେ । ଶଶାଙ୍କ ସିଂ ୨୩, ଜୋସ୍ ଇଂଲିଶ ୬ ଓ ମାର୍କୋ ଜନସେନ ୪ ରନ କରି ମ୍ୟାଚ୍ ଫିନିସ୍ କରିଥିଲେ ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୧୪ |
| ପଞ୍ଜାବ | ୧୦ | ୬ | ୩ | ୧୩ |
| ମୁମ୍ବାଇ | ୧୦ | ୬ | ୪ | ୧୨ |
| ଗୁଜରାଟ | ୯ | ୬ | ୩ | ୧୨ |
| ଦିଲ୍ଲୀ | ୧୦ | ୬ | ୪ | ୧୨ |
| ଲକ୍ଷ୍ନୌ | ୧୦ | ୫ | ୫ | ୧୦ |
| କୋଲକାତା | ୧୦ | ୪ | ୫ | ୯ |
| ରାଜସ୍ଥାନ | ୧୦ | ୩ | ୭ | ୬ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ |
| ଚେନ୍ନାଇ | ୧୦ | ୨ | ୮ | ୪ |

**ଆଜିର ମ୍ୟାଚ**

ରାଜସ୍ଥାନ – ମୁମ୍ବାଇ
ସମୟ: ରାତି ୭.୩୦
ସ୍ଥାନ: ଜୟପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

## ହାପି ବର୍ଥ ଡେ ରୋହିତ



ମୁମ୍ବାଇ, ୩୦।୪ (ଏଜେନ୍ସି): ହିଟ୍‌ମ୍ୟାନ୍ ରୋହିତ ଶର୍ମାଙ୍କ ଜନ୍ମଦିନ । କିଙ୍ଗ୍ ଅଫ୍ ପୁଲ୍ ସଟ୍ ଡାଡି ଅଫ୍ ଡବଲ ହଣ୍ଡ୍ରେଡ୍ ଭାବେ ବେଶ୍ ପରିଚିତ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ବୁଧବାର ୩୮ ବର୍ଷରେ ପାଦ ଥାପିଛନ୍ତି । ଆଇପିଏଲ୍‌ରେ ରୋହିତ ଏବେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି । ଏହି ସଫଳ କ୍ରିକେଟରଙ୍କ ସମ୍ପର୍କରେ ୫ଟି କଥା ଯାହାକୁ କୌଣସି କ୍ରିକେଟର କିମ୍ବା ବ୍ୟାଟରଙ୍କ ପକ୍ଷେ ଭାଙ୍ଗିବା କଷ୍ଟକର ।

୧- ଦିନିକିଆ କ୍ରିକେଟରେ ୩ଟି ଦ୍ୱିଶତକ

ରୋହିତ ଶର୍ମା ଦିନିକିଆ କ୍ରିକେଟରେ ୩ଟି ଦ୍ୱିଶତକ ମାରିଛନ୍ତି । ୨୦୧୩ରେ ପ୍ରଥମ ଦ୍ୱିଶତକ ମାରିଥିଲେ । ବାଙ୍ଗାଲୋରରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ୨୦୯ ରନର ଇନିଂସ ଖେଳିଥିଲେ । ଏହି ଶତକ ମାରିବାର ଏକବର୍ଷ ପରେ ରୋହିତ ଆଉ ଏକ ଇତିହାସ ରଚିଥିଲେ । ୨୦୧୪ ନଭେମ୍ବର ୧୩ରେ ଶ୍ରୀଲଙ୍କା ବିପକ୍ଷରେ ରୋହିତ କ୍ୟାରିୟରର ସବୁଠୁ ଲମ୍ବା ଇନିଂସ୍ ଖେଳିଥିଲେ । କୋଲକାତାର ଇଡେନ୍ ଗାର୍ଡେନ ଷ୍ଟାଡିୟମରେ ୨୬୪ ରନର ଇନିଂସ ଖେଳିଥିଲେ । ଏହାର ୩ ବର୍ଷ ପରେ ରୋହିତ ପୁଣି ଥରେ ଦ୍ୱିଶତକ ମାରିଥିଲେ । ସେ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ୨୦୮ ରନର ଇନିଂସ୍ ଖେଳିଥିଲେ । ଏହି ଦ୍ୱିଶତକ ପରେ ରୋହିତ ଶର୍ମା ବିଶ୍ୱ କ୍ରିକେଟରେ ପ୍ରଥମ ଖେଳାଳି ସାଜିଥିଲେ । ଯିଏ କି ୩ଟି ଦ୍ୱିଶତକ ହାସଲ କରିଛନ୍ତି । କ୍ରିକେଟ ଜଗତରେ ରୋହିତଙ୍କୁ ଡାଡି ଅଫ୍ ଡବଲ୍ ହଣ୍ଡ୍ରେଡ୍ ମାନ୍ୟତା ମିଳିଥିଲା ।

୨- ଦିନିକିଆରେ ବ୍ୟକ୍ତିଗତ ସର୍ବାଧିକ ରନ

ଦିନିକିଆ କ୍ରିକେଟ୍‌ରେ ରୋହିତ ଶର୍ମାଙ୍କ ନାମରେ ବ୍ୟକ୍ତିଗତ ଭାବେ ସବୁଠୁ ଅଧିକ ସ୍କୋର ରେକର୍ଡ଼ ରହିଛି । ୨୦୧୪ ନଭେମ୍ବର ୧୩ରେ ରୋହିତ ୧୭୩ ବଲ ଖେଳି ୨୬୪ ରନ କରିଥିଲେ । ଏହି ଇନିଂସରେ ୩୩ଟି ଚୌକା ଓ ୯ଟି ଛକା ସାମିଲ ଥିଲା । ଭାରତର ବିଶାଳ ସ୍କୋର୍‌କୁ ପିଛା କରି ଶ୍ରୀଲଙ୍କା ୨୫୧ ରନରେ ସୀମିତ ରହିଥିଲା ।

୩- ଗୋଟିଏ ଇନିଂସ୍‌ରେ ସର୍ବାଧିକ ଚୌକା

ଶ୍ରୀଲଙ୍କା ବିପକ୍ଷରେ ରୋହିତ ଯେଉଁ ୨୬୪ ରନର ଇନିଂସ୍ ଖେଳିଥିଲେ, ଏଥିରେ ଏକାଧିକ ରେକର୍ଡ଼ ହୋଇଛି । ଏହି ଇନିଂସରେ ସେ ୩୩ଟି ଚୌକା ମାରିଥିଲେ, ଯାହାକି ବିଶ୍ୱରେକର୍ଡ଼ । କ୍ରିକେଟ୍ ଇତିହାସରେ ଏହି ରେକର୍ଡ଼ ଭାଙ୍ଗିବା ବହୁ କଷ୍ଟ । ପୂର୍ବରୁ ସଚିନ ତେନ୍ଦୁଲକର ଓ ବୀରେନ୍ଦ୍ର ସେହ୍ୱାଗଙ୍କ ନାମରେ ୨୫ ଲେଖାଏଁ ଚୌକା ମାରିବାର ରେକର୍ଡ଼ ଥିଲା ।

୪- ଗୋଟିଏ ବିଶ୍ୱକପରେ ୫ଟି ଶତକ

ରୋହିତ ଶର୍ମାଙ୍କ ନାମରେ ଆଉ ଏକ ବିରଳ ରେକର୍ଡ଼ ରହିଛି । ଗୋଟିଏ ବିଶ୍ୱକପରେ ସବୁଠୁ ଅଧିକ ମାରିବାର ରେକର୍ଡ଼ ହିଟ୍‌ମ୍ୟାନ୍‌ଙ୍କ ନାମରେ ରହିଛି । ୨୦୧୯ ଦିନିକିଆ ବିଶ୍ୱକପରେ ରୋହିତ ୫ଟି ଶତକ ମାରିଥିଲେ । ତାଙ୍କ ପଛକୁ ରହିଛନ୍ତି ଦ.ଆଫ୍ରିକାର କ୍ୱିଣ୍ଟନ ଡିକକ୍ ଓ କୁମାର ସାଙ୍ଗକାରା । ଉଭୟ ବିଶ୍ୱକପରେ ୪ଟି ଲେଖାଏଁ ଶତକ ମାରିଛନ୍ତି ।

୫- ବିଶ୍ୱ କ୍ରିକେଟରେ ସବୁଠୁ ଅଧିକ ଛକା

ଅନ୍ତର୍ଜାତୀୟ କ୍ରିକେଟର ୩ଟି ଫର୍ମାଟ୍‌ରେ ରୋହିତ ଶର୍ମା ଛକା ମାରିବାରେ ରେକର୍ଡ଼ କରିଛନ୍ତି । ଏପର୍ଯ୍ୟନ୍ତ ରୋହିତ ଅନ୍ତର୍ଜାତୀୟ କ୍ରିକେଟରେ ୬୩୭ଟି ଛକା ମାରିଛନ୍ତି । ତାଙ୍କ ନିକଟରେ ଅନ୍ୟ କୌଣସି ଖେଳାଳି ପହଞ୍ଚିପାରି ନାହାନ୍ତି । ଦ୍ୱିତୀୟ ସ୍ଥାନରେ ଅଛନ୍ତି କ୍ରିସ୍ ଗେଲ୍ । ଗେଲ୍ ୪୮୩ ମ୍ୟାଚ୍ ଖେଳି ୫୫୩ ଛକା ମାରିଛନ୍ତି ।

## ବଶିଷ୍ଠଙ୍କ 'ଫ୍ରି ହିଟ୍'

ଭୁବନେଶ୍ୱର, ୩୦।୪ (ସବ୍ୟୁ): କେରଳର ମାଲବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ବଶିଷ୍ଠ ଆଇପିଏଲ୍‌କୁ ନେଇ ଏକ ସୁନ୍ଦର ସଂଗୀତ ପ୍ରସ୍ତୁତ କରିଛନ୍ତି । ଅଧୁନା ଆଇପିଏଲ୍‌ର ୧୭ମ ସଂସ୍କରଣ ଜାରି ରହିଛି । ଏହି ଅବସରରେ ଅବସରପ୍ରାପ୍ତ ପ୍ରଫେସର ବଶିଷ୍ଠ ତଥା କ୍ରିକେଟ ଐତିହାସିକ ଭାବେ ପରିଚିତ ବଶିଷ୍ଠ ତାଙ୍କ ଛାତ୍ରଛାତ୍ରୀ ଜାକ୍‌ସନ ଭର୍ଗେସ ଓ ଆଲିନାଙ୍କୁ ନେଇ 'ଫ୍ରି ହିଟ୍' ନାମକ ସଂଗୀତ ପ୍ରସ୍ତୁତ କରିଛନ୍ତି ।

ଏହି ସଂଗୀତକୁ ସେ ଆଇପିଏଲ୍‌କୁ ଉତ୍ସର୍ଗ କରିଥିବା ପ୍ରଫେସର ବଶିଷ୍ଠ କହିଛନ୍ତି । ଅଧ୍ୟାପନା ବ୍ୟତୀତ କ୍ରୀଡ଼ା ପ୍ରତି ସ୍ୱତନ୍ତ୍ର ରୁଚି ରଖିଥିବା ପ୍ରଫେସର ବଶିଷ୍ଠ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ସମୟରେ ସଂଗୀତ ରଚନା କରିବା, ବୁକ୍‌ଲେଟ୍, ବ୍ରୋଚର, ପୁସ୍ତକ ରଚନା, ସ୍ପୋର୍ଟ୍ସ ମାଗାଜିନ ଆଦିରେ ମନୋନିବେଶ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏପରିକି ମାଲ୍‌ବାର ଖ୍ରୀଷ୍ଟିଆନ କଲେଜ ପରିସରରେ ଏକ କ୍ରୀଡ଼ା ଲାଇବ୍ରେରୀ ପ୍ରତିଷ୍ଠା କରିଛନ୍ତି । ଖାସ୍ କରି କ୍ରିକେଟର ଭଗବାନ ଭାବେ ପରିଚିତ ସଚିନ ତେନ୍ଦୁଲକର ଓ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ପର୍ଯ୍ୟବେସିତ ଅନେକଗୁଡ଼ିଏ ପୁସ୍ତକ ସହ କ୍ରୀଡ଼ା ସରଞ୍ଜାମ ସାଇତିକରି ରଖିଛନ୍ତି ।




## ବିବାହର ୧୮ ବର୍ଷ ପରେ ମେରି କମ୍‌ଙ୍କ ଛାଡ଼ପତ୍ର



ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଅଲିମ୍ପିକ୍ ପଦକ ବିଜୟିନୀ ଏମ୍‌ସି ମେରିକମ ଛାଡ଼ପତ୍ର ଖବରକୁ ସ୍ପଷ୍ଟ କରିଛନ୍ତି । ସ୍ୱାମୀ କାରୁଙ୍ଗ ଅନଲରଙ୍କଠାରୁ ଛାଡ଼ପତ୍ରକୁ ଆନୁଷ୍ଠାନିକ ଭାବେ ମେରିକମ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ୨୦୨୩ ଡିସେମ୍ବର ୨୦ରେ ପରସ୍ପର ସହମତିରେ ମେରିକମ ପ୍ରଥା ଅନୁଯାୟୀ ଛାଡ଼ପତ୍ର ହୋଇଛି । ଦୁହେଁ ୨୦୦୫ ମସିହାରେ ବିବାହ କରିଥିଲେ । ମେରିକମ୍‌ଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଖବର ପ୍ରଚାର ହେବାପରେ ଶେଷରେ ସେ ମୁହଁ ଖୋଲିଛନ୍ତି । ଛାଡ଼ପତ୍ରର ପ୍ରାୟ ୧୬ ମାସ ପରେ ମେରିକମ ଏସମ୍ପର୍କରେ ସ୍ପଷ୍ଟ କରିଛନ୍ତି ।

ଗଣମାଧ୍ୟମରେ ମେରିକମ୍‌ଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଖବର ପ୍ରକାଶ ପାଇଛି । ମେରିକମଙ୍କ ସମ୍ପର୍କ ତାଙ୍କ ବ୍ୟବସାୟିକ ପାର୍ଟନର ହିତେଶ ଚୌଧୁରୀଙ୍କ ସହ ରହିଛି । ମେରିକମ୍ ଫାଉଣ୍ଡେସନର ଅଧକ୍ଷ ଅଛନ୍ତି ହିତେଶ । ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ୱିଟରରେ ମେରିକମ ଏକ ଆଇନଗତ ନୋଟିସକୁ ସେୟାର କରିଛନ୍ତି । ନୋଟିସରେ ସ୍ପଷ୍ଟ କରାଯାଇଛି ଯେ ତାଙ୍କ ଛାଡ଼ପତ୍ର ଅନେକ ମାସ ପୂର୍ବରୁ ହୋଇସାରିଛି । ଏବେ ସେ ଏଥିରୁ ଆଗକୁ ବଢ଼ିସାରିଛନ୍ତି । ସେ ନିଜ ପୂର୍ବ ବିବାହ ଉପରେ କୌଣସି ଟିପ୍ପଣି ଦେବାକୁ ଚାହୁଁନାହାନ୍ତି । ବୟାନ ଅନୁସାରେ ହିତେଶ ଚୌଧୁରୀ କିମ୍ବା ଅନ୍ୟ କାହାସହ ସମ୍ପର୍କରେ ଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଛ । ଏଥିରେ ସେ ଗୋପନୀୟତାର ସମ୍ମାନ କରିବା ଓ ଭୁଲ୍ ସୂଚନା ପ୍ରଚାରଠାରୁ ଦୂରେଇ ରହିବା ପାଇଁ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ଯଦି ପୁନର୍ବାର ମିଥ୍ୟା ଖବର ପ୍ରଚାର କରାଯାଏ, ତେବେ ସେ ଆଇନର ଆଶ୍ରୟ ନେବେ ।

ଗତ ୨ବର୍ଷ ତାଙ୍କ ବ୍ୟକ୍ତିଗତ ଜୀବନ କଠିନ ରହିଛି । ନିଜ ପ୍ରଶଂସକ ବନ୍ଧୁ ଓ ଲୋକଙ୍କୁ ଏସବୁ ଆଲୋଚନାଠାରୁ ଦୂରେଇ ରହିବା ପାଇଁ ଅପିଲ କରିଛନ୍ତି । ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ମେରିକମ ବ୍ରୋଞ୍ଜ ପଦକ ଜିତିଥିଲେ । ୪୨ ବର୍ଷୀୟା ମେରିକମ୍ ୬ଥର ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ବିଶ୍ୱର ଏକମାତ୍ର ମହିଳା ଭାବେ ଏଭଳି ଗୌରବ ଅର୍ଜନ କରିଛନ୍ତି । ୨୦୦୬ରେ ପଦ୍ମଶ୍ରୀ, ୨୦୧୩ରେ ପଦ୍ମ ଭୂଷଣ ଓ ୨୦୨୦ରେ ପଦ୍ମ ବିଭୂଷଣ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

### ବାଲକାଟି ପ୍ରେମିୟର ଲିଗ୍

## ବିଶୁନିଆପଡ଼ା, ସିଆରଏନ ଏକାଦଶ ଚାମ୍ପିଅନ




ବାଲିଅନ୍ତା, ୨୯।୪ (ସବ୍ୟୁ) : ବାଲକାଟି କଲେଜ ପଡିଆରେ ପ୍ରତାପଶାସନ ଗ୍ରାମ ପଞ୍ଚାୟତ ଏବଂ ଜାଗେଶ୍ୱରୀ କ୍ରିକେଟ କ୍ଲବ ମିଳିତ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ବାଲକାଟି ପ୍ରେମିୟର ଲିଗ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣ ଉଦଯାପିତ ହୋଇଯାଇଛି । ଏଥିରେ ପଞ୍ଚାୟତ ଓ ରାଜ୍ୟସ୍ତରୀୟ ୨ଟି ଟୁର୍ଣ୍ଣାମେଣ୍ଟ ହୋଇଥିଲା । ପଞ୍ଚାୟତସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ବିଶୁନିଆପଡା ଓ ଯଶୁଆପୁର ଦଳ ଫାଇନାଲରେ ପ୍ରବେଶ କରିଥିଲା । ଏଥିରେ ବିଶୁନିଆପଡା ଦଳ ଯଶୁଆପୁରକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ତାଳଚେର ସିଆରଏନ -ଏକାଦଶ ଏବଂ ଭୁବନେଶ୍ୱର ଜେଜେ ୱାଇସିଏସଏସ ସାନ ଭୁବନେଶ୍ୱର ପ୍ରବେଶ କରିଥିଲା । ଏଥିରେ ସିଆରଏନ ଏକାଦଶ, ତାଳଚେର ଚାମ୍ପିଅନ ହୋଇଥିଲା। ପଞ୍ଚାୟତସ୍ତରୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଲୁଲୁ ସ୍ୱାଇଁଙ୍କ ଧୂଆଁଧାର ବ୍ୟାଟିଂ ବଳରେ ବିଶୁନିଆପଡା ଦଳ ନିର୍ଦ୍ଧାରିତ ୬ ଓଭରରେ ୮୧ ରନ କରିଥିଲା । ମାତ୍ର ଯଶୁଆପୁର ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୪୫ ରନ କରି ପରାଜୟ ବରଣ କରିଥିଲା ।

ସେହିପରି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅନୁଷ୍ଠିତ ହୋଇଥିବା ୩ ଟି ସିରିଜ ମ୍ୟାଚରେ ତାଳଚେରର ସିଆରଏନ ଏକାଦଶ ଭୁବନେଶ୍ୱର ଏସ ଏସ ସାନ, ଭୁବନେଶ୍ୱର ବିପକ୍ଷରେ ଲଗାତାର ୨ ଟି ମ୍ୟାଚ ଜିତି ଚାମ୍ପିଅନ ହୋଇଥିଲା । ଉଦଯାପନୀ ସନ୍ଧ୍ୟାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ରୀନା ବେହେରା, ହାଇଟେକ ଗ୍ରୁପ ମୁଖ୍ୟ ତିରୁପତି ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ସୁବ୍ରତ କୁମାର ମହାନ୍ତି, ବିଜୟ ନାୟକ, ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମିତିସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ଯୁବ ସମାଜସେବୀ ସଂସଦ କୁମାର ନାୟକ, ଯୁବ ସାମ୍ବାଦିକ ଅନୁପ ଶୁଭଙ୍କର, ସାମ୍ବାଦିକ ସୂର୍ଯ୍ୟକାନ୍ତ ଭୋଳ, ବିଜୟ କୁମାର ମୁଦୁଲି, ଆଇନଜୀବୀ ତପନ ବାହୁବଳେନ୍ଦ୍ର ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଜାଗେଶ୍ୱରୀ କ୍ରିକେଟ କ୍ଲବର ମୁଖ୍ୟ ଇଁ, ରୁଦ୍ରପ୍ରସାଦ ଭଞ୍ଜ, ଭରତ ସେଠି, ସୌମ୍ୟ ରଞ୍ଜନ ମହାନ୍ତି, ଦିବ୍ୟସିଂହ୍ଣ ବେହେରା, ଆର୍ଯ୍ୟପ୍ରକାଶ ଭୋଳ, ନିହାର ରଞ୍ଜନ ଦାସ, ଜଗମୋହନ ସେଠି, ମଣ୍ଟୁ ସାହୁ, ହୃଷିକେଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

### ଇଣ୍ଡିଆନ ଓପନ ରିଲେ

## ଓଡ଼ିଶା ଧାବକ ଦଳକୁ ରୌପ୍ୟ

ଭୁବନେଶ୍ୱର, ୩୦।୪ (ସବ୍ୟୁ): ଚଣ୍ଡିଗଡ଼ରେ ଆୟୋଜିତ ଇଣ୍ଡିଆନ ଓପନ୍ ରିଲେ ପ୍ରତିଯୋଗିତାରେ ଓଡ଼ିଶା ଆଥ୍‌ଲେଟ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି । ମିକ୍ସ ରିଲେ ୪ଗୁଣା ୧୦୦ ମିଟରରେ ଓଡ଼ିଶା ପ୍ରତିଯୋଗୀ ରୌପ୍ୟ ପଦକ ହାସଲ କରିଛନ୍ତି । ବୋନିତା ଲାକ୍ରା, ମନିସା ମେରେଲ, ଅବିନାଶ ସାହୁ ଓ ଡିଏମ୍ ଜୟରାମ ପ୍ରଭାବୀ ପ୍ରଦର୍ଶନ କରି ଏହି ବିଭାଗରେ ଅଳ୍ପକେ ସ୍ୱର୍ଣ୍ଣ ପଦକ ସୁଯୋଗ ହାତଛଡ଼ା କରିଥିଲେ । ଓଡ଼ିଶାର ଏହି ୪ ଆଥ୍‌ଲେଟ ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି । ଅନିମେଶ କୁଜୁର, ଗୁରିନ୍ଦର ସିଂ, ମଣିକାନ୍ତ ହୋବଲିଧର ଏବଂ ଅମ୍ଲାନ ବୋର୍ଗୋହେନ ୪ ଗୁଣା ୧୦୦ ମିଟର ରିଲେରେ ଜାତୀୟ ରେକର୍ଡ଼ ସ୍ଥାପନ କରିଛନ୍ତି । ଫିନିସିଂ ଲାଇନକୁ ୩୮.୬୯ ସେକେଣ୍ଡରେ ଅତିକ୍ରମ କରି ଦୌଡ଼ ସମ୍ପୂର୍ଣ୍ଣ କରିଥିଲେ । ନିକଟରେ କୋଚିରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅନିମେଶ ୨୦୦ ମିଟରରେ ଜାତୀୟ ରେକର୍ଡ଼ ସ୍ଥାପନ କରିଥିଲେ । ସେ ଏଥିସହ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି ।



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି